Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 20, Issue : 118
Friday, 03 July 2026
Balasore, Page : 8, ₹ 2/
ବାଲେଶ୍ୱର, ଶୁକ୍ରବାର, ୦୩ ଜୁଲାଇ, ୨୦୨୬
ପୃଷ୍ଠା:୮, ମୂଲ୍ୟ:୨ଟଙ୍କା
Seitho Arambha
Seithoarambha
www.seithoarambha.com

ସେଇଠୁ ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ ? ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ

'ସମୃଦ୍ଧ ଓଡ଼ିଶା ୨୦୩୬' ସଂକଳ୍ପ ଦିଗରେ ଐତିହାସିକ ପଦକ୍ଷେପ

ଭୁବନେଶ୍ୱର, ୦୨/୭ (ଆ.ପ୍ର) : ଓଡ଼ିଶାରେ ୧୧.୫ ବିଲିୟନ୍ ଅର୍ଥାତ୍ ୧.୧୦ଲକ୍ଷ କୋଟି ଟଙ୍କାର ଏକ ବୃହତ୍ ଆଲୁମିନିୟମ୍ ପ୍ରକଳ୍ପ ସ୍ଥାପନ କରିବାକୁ ସଂଯୁକ୍ତ ଆରବ ଅମିରତ୍ (ୟୁଏଇ)ର ଇଂଟରନ୍ୟାସନାଲ୍ ହୋଲ୍‌ଡିଂ କମ୍ପାନୀ (ଆଇଏଚ୍‌ସି) ଗୋଷ୍ଠୀ ଓ ଓଡ଼ିଶା ସରକାରଙ୍କ ଇପିକଲ୍ ମଧ୍ୟରେ ମଧ୍ୟରେ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି । ଏହି ପ୍ରକଳ୍ପ ଦ୍ୱାରା ନିର୍ମାଣ ପର୍ଯ୍ୟାୟରେ ପ୍ରାୟ ୩୫ହଜାର ଓ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବା ପରେ ପ୍ରାୟ ୧୮ହଜାର ୫ଶହ ଲୋକ, ଏଭଳି ୫୩ହଜାର ୫ଶହ ଲୋକଙ୍କୁ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ମିଳିବ । ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଯୋଗ ଦେଇ କହିଛନ୍ତି, ଓଡ଼ିଶାର ସମ୍ବଳ ଓ ପ୍ରତିଭା ସହ ମଧ୍ୟ-ପ୍ରାଚ୍ୟର ପୁଞ୍ଜି ଓ ପ୍ରଯୁକ୍ତି ବିଦ୍ୟାର ସମନ୍ୱୟରେ ଏକ ସମୃଦ୍ଧ ପାର୍ଟନରସିପ୍ ଗଠନ ହେବ । ଏହି ପ୍ରକଳ୍ପ ମାଧ୍ୟମରେ ଓଡ଼ିଶାରେ ବକ୍ସାଇଟ୍ ଖଣି କାର୍ଯ୍ୟ, ଆଲୁମିନା ରିଫାଇନିଂ, ଆଲୁମିନିୟମ୍ ସ୍ମେଲଟିଙ୍ଗ, କ୍ୟାପ୍ଟିଭ୍ ପାୱାର୍ ପ୍ଲାଂଟ ସମେତ ଡାଉନଷ୍ଟ୍ରିମ୍ ଆଲୁମିନିୟମ୍ ଉତ୍ପାଦନ ଓ ଭିତିଭୂମିର ବିକାଶ କରାଯିବ । ପ୍ରକଳ୍ପର ସଫଳତା ପାଇଁ ଜମି, ଜଳ, ବିଦ୍ୟୁତ, ଲଜିଷ୍ଟିକ

ଏବଂ ସରକାରୀ ମଞ୍ଜୁରୀ ଭଳି ସମସ୍ତ ଆନୁଷଙ୍ଗିକ ସୁବିଧା ଓଡ଼ିଶା ସରକାରଙ୍କ ପକ୍ଷରୁ ଏକ ସମନ୍ୱିତ ଏବଂ ସମୟବଦ୍ଧ ଭାବରେ ଯୋଗାଇ ଦିଆଯିବ ବୋଲି ସେ ଆଶ୍ୱାସନା ଦେଇଛନ୍ତି । ମୁଖ୍ୟମନ୍ତ୍ରୀ ନିଜ ବକ୍ତବ୍ୟରେ କହିଛନ୍ତି, ତାଙ୍କର ସରକାର 'ସମୃଦ୍ଧ ଓଡ଼ିଶା ୨୦୩୬' ଏବଂ 'ବିକଶିତ ଭାରତ ୨୦୪୭'ର ସଂକଳ୍ପ ନେଇ ଆଗକୁ ବଢୁଛି । ଓଡ଼ିଶା ଗଠନର ୧୦୦ ବର୍ଷ ପୂର୍ତ୍ତି ଅବସରରେ ୨୦୩୬ ମସିହା ସୁଦ୍ଧା ରାଜ୍ୟକୁ ଏକ ଶିଳ୍ପରେ ଅଗ୍ରଣୀ ଅଂଚଳ ଭାବେ ଗଢ଼ିତୋଳିବାକୁ ସରକାର ବଦ୍ଧପରିକର । ଏହି ଅବସରରେ 'ଇଂଟରନ୍ୟାସନାଲ ହୋଲ୍ଡିଂ କମ୍ପାନୀ' ର ଚିଫ୍ ଷ୍ଟ୍ରାଟେଜିକ୍ ଅଫିସର୍ ପିଟର ଆହ୍ରାମ କହିଛନ୍ତି ଯେ, ଏହା ଭାରତ ଏବଂ ୟୁଏଇ ମଧ୍ୟରେ ଏକ ସୁଦୃଢ଼ ସମ୍ପର୍କର ନୂତନ ଅଧ୍ୟାୟ ସୃଷ୍ଟି କରିବ । ଏହି ଚୁକ୍ତି କେବଳ ଏକ ବ୍ୟବସାୟିକ ନିବେଶ ନୁହେଁ, ବରଂ ଓଡ଼ିଶାର ସ୍ଥାୟୀ ବିକାଶ ପାଇଁ ଏକ ଦୀର୍ଘକାଳୀନ ଭାଗିଦାରୀ । ଏହି ଅବସରରେ ଆଦାନୀ ପୋର୍ଟସ୍ ଆଣ୍ଡ୍ ଏସଇଜେଡ୍ ଲିମିଟେଡ୍ ମ୍ୟାନେଜିଂ ଡାଇରେକ୍ଟର କରନ୍ ଆଦାନୀ ଓଡ଼ିଶାର ସମୃଦ୍ଧ ସଂସ୍କୃତି, ପ୍ରଚୁର ଖଣିଜ ସମ୍ପଦ ଏବଂ ଶିଳ୍ପ ସମ୍ଭାବନାକୁ ଉଚ୍ଚ ପ୍ରଶଂସା କରିଥିଲେ । ସେ କହିଥିଲେ ଯେ ଓଡ଼ିଶାରେ ଥିବା ଦେଶର ସର୍ବବୃହତ ବକ୍ସାଇଟ୍ ଭଣ୍ଡାର ଓ ୫୦ ପ୍ରତିଶତରୁ ଅଧିକ ଲୁହାପଥର ଏହାକୁ ଭାରତର ଶିଳ୍ପ ଜଗତର ମେରୁଦଣ୍ଡ ଭାବେ ଗଢ଼ିତୋଳିଛି । ଏହି ସମାବେଶରେ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମୁଖ୍ୟ ସଚିବ ଅନୁ ଗର୍ଗ, ୟୁଏଇ ଆଇଏଚ୍‌ସି ଗ୍ରୁପର ନିର୍ଦ୍ଦେଶକ ଓ ସିଇଓ ସୟଦ୍ ବସର୍ ସୁଏବ୍, ୟୁଏଇ ଇଂଟରନ୍ୟାସନାଲ୍ ରିସୋର୍ସେସ୍ ହୋଲ୍ଡିଂ (ଆଇଆରଏଚ୍)ର ସିଇଓ ଅଲି ଅଲ୍-ରସ୍‌ଦି, ଆଇଏଚ୍‌ସି ଗ୍ରୁପର ନେତୃବୃନ୍ଦ ହେସାମ୍ ଓ ଅବ୍‌ଦୁଲା ଅଲ୍-ରସ୍‌ଦି ସମେତ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀ, ଶିଳ୍ପ ଜଗତର ପ୍ରତିଷ୍ଠିତ ନେତୃବୃନ୍ଦ ଏବଂ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ । ଶିଳ୍ପ, ଗୃହ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଇପିକଲର ନିର୍ଦ୍ଦେଶିକା ଅବୋଲି ସୁନୀଲ ନରଭଣେ ଧନ୍ୟବାଦ ଅର୍ପଣ କରିଥିଲେ ।

ବିପର୍ଯ୍ୟୟ ପରିଚାଳନା ନିମନ୍ତେ ପାଣ୍ଠିର ଅଭାବ ରହିବ ନାହିଁ : ରାଜସ୍ୱ ମନ୍ତ୍ରୀ

ଭୁବନେଶ୍ୱର, ୦୨/୭ (ଆ.ପ୍ର) : ରାଜ୍ୟରେ ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ ଓ ପ୍ରଭାବଶାଳୀ କରିବା ଲକ୍ଷ୍ୟରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନଠାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବିପର୍ଯ୍ୟୟ ପରିଚାଳନା ଭିତିଭୂମି ସୁଦୃଢ଼ କରିବା ଦିଗରେ ଗୁରୁତ୍ୱାରୋପ କରି ଏଥିନିମନ୍ତେ ପାଣ୍ଠି ଏବଂ ଆନୁସଙ୍ଗିକ ସୁବିଧାସୁଯୋଗ ପ୍ରଦାନ ଦିଗରେ ରାଜ୍ୟସରକାରଙ୍କ ପକ୍ଷରୁ କୌଣସି ପ୍ରତିବନ୍ଧକ ରହିବ ନାହିଁ ବୋଲି ମନ୍ତ୍ରୀ କହିଛନ୍ତି । ରାଜ୍ୟ ବିପର୍ଯ୍ୟୟ ପ୍ରତିକ୍ରିୟା ପାଣ୍ଠି (SDRF)ଅଧୀନରେ ବଜେଟ୍ ବ୍ୟୟର କାର୍ଯ୍ୟଯୋଜନା ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିବା ସହ ଏହି ପରିପ୍ରେକ୍ଷୀରେ ବିଭିନ୍ନ ବିଭାଗକୁ ଦିଆଯାଇଥିବା ପାଣ୍ଠି ଏବଂ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ବିଶଦ ଭାବରେ ସମୀକ୍ଷା ହୋଇଥିଲା । SDMF/NDMF ଅଧୀନରେ ପାଣ୍ଠିର ଉପଯୋଗ ସମ୍ପର୍କିତ ବିଭିନ୍ନ

କାର୍ଯ୍ୟଯୋଜନା ତ୍ୱରିତ ଭାବରେ ଆରମ୍ଭ କରି ନିର୍ଦ୍ଧାରିତ ସମୟ ପୂର୍ବରୁ ସାରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହିତ ବହୁମୁଖୀ ବନ୍ୟା ଓ ବାତ୍ୟା ଆଶ୍ରୟ କେନ୍ଦ୍ର (Multipurpose Flood & Cyclone Centre) ନିର୍ମାଣର ଅଗ୍ରଗତିର ସମୀକ୍ଷା କରିଥିଲେ । ଯଥାଶୀଘ୍ର ଏହି ନିର୍ମାଣ କାର୍ଯ୍ୟ ସାରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ସମ୍ବଲପୁରରେ ଡପ୍ଲର ରାଡାର ସ୍ଥାପନ ପ୍ରାୟତଃ ସମାପ୍ତ ହୋଇଥିବା ବେଳେ ଖୁବ୍ ଶୀଘ୍ର ଏହାର ଉଦଘାଟନ କରାଯିବ ।

ପରିଶ୍ରମ କର ନହେଲେ ଦଳ ଛାଡ଼ : ପିସିସି ପ୍ରଭାରୀ

ଭୁବନେଶ୍ୱର : ଓଡ଼ିଶାରେ ବିଜେଡି ଭିତରେ ଅସନ୍ତୋଷ ଲୁହୁଲୁଥିବାବେଳେ କଂଗ୍ରେସ ପାଇଁ ରହିଛି ବିରାଟ ସମ୍ଭାବନା । ଏହି ସମ୍ଭାବନାକୁ ଦେଖି ଓଡ଼ିଶା ଦାୟିତ୍ୱ ପାଇଥିବା ନୂତନ ପ୍ରଭାରୀ, ପ୍ରଥମ ଦିନରୁ କରିଛନ୍ତି ମାରାଥନ ବୈଠକ । ତୃଣମୂଳସ୍ତରରେ ଦଳୀୟ ସଂଗଠନକୁ ମଜବୁତ୍ କରିବା ପାଇଁ ନେତାଙ୍କ ସହ ଆଲୋଚନା କରିଛନ୍ତି । ଆଗାମି ଦିନରେ ଉଭୟ ବିଜେପି ଓ ବିଜେଡି ସହ ଲଢ଼େଇ କରିବ ବୋଲି ସ୍ପଷ୍ଟ କରିଛନ୍ତି । ଓଡ଼ିଶା କଂଗ୍ରେସକୁ ସଜାଡ଼ିବାକୁ ଆକ୍‌ସନ୍ ମୋଡ୍‌ରେ ନୂଆ ପ୍ରଭାରୀ ଲାଲଜି ଦେଶାଇ । କଂଗ୍ରେସ ଭବନରେ ପକ୍ଷ ପକ୍ଷ କରିଛନ୍ତି ମାରାଥନ ବୈଠକ । ତେତିଶଟି ସାଙ୍ଗଠନିକ ଜିଲ୍ଲାର ସଭାପତିଙ୍କୁ ଡକେଇ ଜିଲ୍ଲା କମିଟି ସହ କରିଛନ୍ତି ଘନ ଘନ ବୈଠକ । ସଭାପତିଙ୍କ ସହ ୱାନ୍-ଟୁ-ୱାନ୍ ଆଲୋଚନା କରି ଗ୍ରାଉଣ୍ଡ ସ୍ଥିତିର ସମୀକ୍ଷା କରିଛନ୍ତି ପ୍ରଭାରୀ । ଜିଲ୍ଲା ସଭାପତିଙ୍କ ସହ ବୈଠକରେ ପ୍ରଭାରୀ କରୁଛନ୍ତି ପ୍ରଶ୍ନ ଦେଉଛନ୍ତି ପରାମର୍ଶ । ସଭାପତି ହେବାର ଛଅ ମାସ ଭିତରେ କ'ଣ କରିଛ ବୁଥ୍ କମିଟି, ବ୍ଲକ କମିଟି ଓ ଜିଲ୍ଲା କଂଗ୍ରେସ କମିଟି ସ୍ଥିତି କ'ଣ ରହିଛି ? ସରକାରଙ୍କ ବିଫଳତା ଲୋକଙ୍କ ପାଖରେ କେତେ ପହଂଚାଇଛ ? ଅଧିକ ପରିଶ୍ରମ କର ନହେଲେ ଯଦି କାମ ନ କରିବ ପଦ ଛାଡ଼ିବାକୁ ପ୍ରସ୍ତୁତ ରୁହ । ପିସିସି ଓ ଜିଲ୍ଲା ସଭାପତିଙ୍କ ମଧ୍ୟରେ ସମନ୍ୱୟ କେମିତି ରହିଛି ? ସଂଗଠନ ସୃଜନ କାର୍ଯ୍ୟକ୍ରମର ଅଗ୍ରଗତି, ଜିଲ୍ଲାଭିତିକ ସମସ୍ୟା, ବରିଷ୍ଠ ନେତାଙ୍କ ସହ ସମନ୍ୱୟ ଓ ତୃଣମୂଳସ୍ତରରେ ଦଳର ସକ୍ରିୟତାକୁ ନେଇ ବିସ୍ତୃତ ଆଲୋଚନା ଚାଲିଛି । ଆଗାମୀ ପଂଚାୟତ ନିର୍ବାଚନକୁ ନଜରରେ ରଖି ଗ୍ରାଉଣ୍ଡରେ କର୍ମୀଙ୍କୁ ସକ୍ରିୟ କରିବା ଏବଂ ପ୍ରତି ଜିଲ୍ଲା ପାଇଁ ସ୍ୱତନ୍ତ୍ର ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଲାଲଜି ଦେଶାଇ । ଓଡିଶା ପ୍ରଭାରୀ ଭାବେ ଦାୟିତ୍ୱ ନେବା ପରେ ଲାଲଜୀଙ୍କ ଏହା ପ୍ରଥମ ଓଡ଼ିଶା ଗସ୍ତ । ତିନି ଦିନିଆ ଗସ୍ତର ପ୍ରଥମ ଦିନରେ ଜିଲ୍ଲା ସଂଗଠନ ସହ ମାରାଥନ୍ ବୈଠକ ସାରିବା ପରେ, ଆସନ୍ତାକାଲି ରାଜନୈତିକ ବ୍ୟାପାର କମିଟି ବୈଠକରେ ଦଳର ବରିଷ୍ଠ ନେତାମାନଙ୍କ ସହ ଆଗାମୀ ରଣନୀତିକୁ ନେଇ କରିବେ ଆଲୋଚନା ।

ଓଡ଼ିଶାରେ ଖୁବଶୀଘ୍ର ଲକ୍ଷ୍ମୀପୁରାଣ କରିଡର

ଭୁବନେଶ୍ୱର, ୦୨/୭ (ଆ.ପ୍ର) : ନୂଆ ସ୍ୱର ଓ ନୂଆ ଛନ୍ଦରେ ପରିମାର୍ଜିତ ହୋଇ ଆସିବ ମହାକବି ବଳରାମ ଦାସଙ୍କ ରଚିତ ଲକ୍ଷ୍ମୀ ପୁରାଣ । ଏବେ ଘରେ ଘରେ ପଢ଼ା ଯାଉଥିବା ଲକ୍ଷ୍ମୀ ପୁରାଣ ବଳରାମ ଦାସଙ୍କ ଭ୍ରମାତ୍ମକ ସଂସ୍କରଣ । ନୂଆ ଲକ୍ଷ୍ମୀ ପୁରାଣ ବଳରାମ ଦାସଙ୍କ ମୂଳ ରଚିତ ଲେଖାରୁ ଆସିବ । ଓଡ଼ିଆ ସାହିତ୍ୟ ଏକାଡେମୀ ପୁସ୍ତକ ଛାପିବ ।

୧ କୋଟି ଲକ୍ଷ୍ମୀ ପୁରାଣ ବହି ଓଡ଼ିଶାରେ ଘରେ ଘରେ ମାଗଣା ବଂଟାଯିବ । ନମିତା ଅଗ୍ରୱାଲ ଓ ଗୀତା ଦାସ ଏହି ସଂଶୋଧିତ ପରିମାର୍ଜିତ ପୁରାଣକୁ କଣ୍ଠ ଦେବେ । ରାଜ୍ୟ ସରକାର ଉଭୟଙ୍କ ସହ କଥା ହୋଇଛନ୍ତି । ସେମାନେ ନୂଆ ଛନ୍ଦରେ ଗାଇବା ପାଇଁ ରାଜି ହୋଇଛନ୍ତି । ମିଶନ ଶକ୍ତି ଅଡିଟୋରିୟମରେ ଆୟୋଜିତ ହୋଇଥିବା ଲକ୍ଷ୍ମୀ ପୁରାଣ କରିଡର୍ କାର୍ଯ୍ୟକ୍ରମରେ ଏହି ସୂଚନା ଦେଇଛନ୍ତି ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା । ବିଶିଷ୍ଟ ଗବେଷକ ଅସିତ୍ ମହାନ୍ତି ନମିତା ଅଗ୍ରୱାଲ ଓ ଗୀତା ଦାସଙ୍କ ଗୀତ ଗାଇବା ନେଇ ସିଧାସଳଖ ପ୍ରଶ୍ନ ଉଠାଇଥିଲେ ଆଜି ସଭାରେ । ତାଙ୍କ ଅଭିଯୋଗ ଅନୁସାରେ, ଗାୟିକା ନମିତା ଅଗ୍ରୱାଲ, ଗୀତା ଦାସ ଓ ଅନ୍ୟ କିଛି ଗାୟକ ମାନେ ଅସମ୍ପୂର୍ଣ୍ଣ ଓ ଭ୍ରମାତ୍ମକ 'ଲକ୍ଷ୍ମୀ ପୁରାଣ' ଗାନ କରି ଆସୁଛନ୍ତି । ଯାହାଫଳରେ ଘରେ ଘରେ ମହିଳାମାନେ ବଳରାମ ଦାସଙ୍କ ମୂଳ ରଚନାରୁ ବିଚ୍ୟୁତ ହୋଇ ବିକୃତ ସଂସ୍କରଣ ପାଠ କରୁଛନ୍ତି । ବଜାରେ ମିଳୁଥିବା ସଂସ୍କରଣରେ ମହାକବି ବଳରାମ ଦାସଙ୍କ ଅନେକ ଗୁରୁତ୍ୱପୂର୍ଣ୍ଣ ମୂଳ ଭାବଧାରା ଅଦୃଶ୍ୟ । ତେଣୁ ଯାହା ଭୁଲ୍ ଭାବେ ପ୍ରଚଳିତ ହୋଇଛି, ତାହା ଏବେ ବନ୍ଦ ହେବା ଉଚିତ୍ ବୋଲି ସେ ଦାବି କରିଛନ୍ତି । ସେପଟେ ଆଜି ନୂଆ ସଂଶୋଧିତ ଲକ୍ଷ୍ମୀ ପୁରାଣ କିପରି ହେବ ଓ ସ୍ୱର ଓ ଛାନ୍ଦ କିପରି ହେବା ଉଚିତ ସେନେଇ ମଂଚରେ ଗାଇ ଶୁଣାଇଥିଲେ ବିଶିଷ୍ଟ ଜଗନ୍ନାଥ ଗବେଷକ ଗୌରାଙ୍ଗ ଚରଣ ଦାଶ । ଅନ୍ୟପଟେ ୩୪ ବର୍ଷ ତଳେ ଚଟି ଲକ୍ଷ୍ମୀ ପୁରାଣ ବହି ରୁ ଗୀତ ପ୍ରସ୍ତୁତ କରିଥିବା ସୀତାରାମ ଅଗ୍ରୱାଲ ପୁରୁଣା ଭୁଲ୍ ସ୍ୱୀକାର କରିବା ସହ ନୂଆ ଗୀତକୁ ଭବ୍ୟ ଦିବ୍ୟ ଭାବେ ରଚନା କରିବାକୁ ଆଶାୟୀ ଅଛନ୍ତି ବୋଲି କହିଛନ୍ତି । ବଳରାମ ଦାସଙ୍କ ମୂଳ ରଚିତ ଲକ୍ଷ୍ମୀ ପୁରାଣର ନୂଆ ଗୀତ ରେକର୍ଡ ହେବ ।

ବଙ୍ଗୋପସାଗରରେ ସୃଷ୍ଟି ହେଲା ଲଘୁଚାପ କ୍ଷେତ୍ର

ନୂଆଦିଲ୍ଲୀ୦୨/୭(ନ୍ୟୁ.ଏ): ଉତର-ପଶ୍ଚିମ ବଙ୍ଗୋପସାଗର ଏବଂ ସଂଲଗ୍ନ ଉତର ଓଡ଼ିଶା ଉପରେ ସୃଷ୍ଟି ହୋଇଛି ଲଘୁଚାପ କ୍ଷେତ୍ର । ଆସନ୍ତାକାଲି ସକାଳ ଯାଏଁ ବଲାଙ୍ଗୀର, ବରଗଡ଼, ସୋନପୁର, କନ୍ଧମାଳ, ନୂଆପଡା, ନବରଙ୍ଗପୁର, ମାଲକାନଗିରି, କୋରାପୁଟ, ବୌଦ୍ଧକୁ ଦୁଇ ଶହ ମିଲିମିଟର ପ୍ରଯ୍ୟନ୍ତ ଅତିପ୍ରବଳ ବର୍ଷା ନେଇ ଅରେଞ୍ଜ ଆଲର୍ଟ ଜାରି କରିଛି ପାଣିପାଗ ବିଭାଗ । ଏହା ବାଦ ଅନ୍ୟ ସମସ୍ତ ଜିଲ୍ଲାରେ ବି ବର୍ଷା ଲାଗିରହିବ । ଲଘୁଚାପ ପ୍ରଭାବରେ ଲଗାତାର ଭାବେ ଦକ୍ଷିଣ ଓଡ଼ିଶାକୁ ବର୍ଷା ଆଲର୍ଟ ଦିଆଯାଇଛି । ସେହିପରି ଆସନ୍ତାକାଲିଠୁ ବର୍ଷାର ପରିମାଣ ବଢ଼ିବା ସହ ୨ ଜିଲ୍ଲା ମାଲକାନଗିରି ଓ କୋରାପୁଟକୁ ଅତ୍ୟନ୍ତ ପ୍ରବଳ ବର୍ଷା ନେଇ ରେଡ୍ ଆଲର୍ଟ ଜାରି ହୋଇଛି । ସେହିପରି ୪ ଜିଲ୍ଲାକୁ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ଅରେଞ୍ଜ ଆଲର୍ଟ ଓ ୧୨ ଜିଲ୍ଲାକୁ ପ୍ରବଳ ବର୍ଷା ନେଇ ୟେଲୋ ଆଲର୍ଟ ଜାରି କରିଛି ପାଣିପାଗ ବିଭାଗ । ମୌସୁମୀ ଜନିତ ଟ୍ରଫ୍ ଲାଇନ, ପଶ୍ଚିମ ରାଜସ୍ଥାନରେ ସୃଷ୍ଟି ହୋଇଥିବା ଉଚ୍ଚକାଳୀନ ଲଘୁଚାପ କ୍ଷେତ୍ର ମଧ୍ୟ ଦେଇ ମଧ୍ୟପ୍ରଦେଶ, ଓଡ଼ିଶା ଏବଂ ଏହାପରେ ଉତର ବଙ୍ଗୋପସାଗର ପର୍ଯ୍ୟନ୍ତ ଲମ୍ବିଛି । ଲଘୁଚାପ ପ୍ରଭାବରେ ଆଜି ଠାରୁ ବିଶେଷ କରି ଓଡ଼ିଶା, ଝାଡ଼ଖଣ୍ଡ, ଗାଙ୍ଗେୟ ପଶ୍ଚିମବଙ୍ଗ ଏବଂ ଛତିଶଗଡ଼ରେ ବର୍ଷାର ପରିମାଣ ବଢ଼ିବାର ସମ୍ଭାବନା ରହିଛି । ଆଗାମୀ ତିନିରୁ ଚାରି ଦିନ ମଧ୍ୟରେ କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଆଜିଠାରୁ ୬ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ଯିବାକୁ ବାରଣ କରାଯାଇଛି । ବର୍ଷା ସହିତ ଜୋରରେ ପବନ ବହିବାର ସମ୍ଭାବନା ରହିଛି । ସମୁଦ୍ର ଏହି ସମୟରେ ଅଶାନ୍ତ ରହିବାର ପୂର୍ବାନୁମାନ କରାଯାଇଛି । ତେଣୁ ଆଂଚଳିକ ପାଣିପାଗ କେନ୍ଦ୍ର ତରଫରୁ ମତ୍ସ୍ୟଜୀବୀଙ୍କ ପାଇଁ ସତର୍କ ସୂଚନା ଜାରି କରାଯାଇଛି । ଗତ ୨୪ ଘଂଟାରେ ୩ଟି ସ୍ଥାନରେ ସର୍ବାଧିକ ବର୍ଷା ରେକର୍ଡ ହୋଇଛି । ବରଗଡ଼ ଆମ୍ଭଭୋନାରେ ସର୍ବାଧିକ ବର୍ଷା ୧୮୦.୦ ମିଲିମିଟର ବର୍ଷା ହୋଇଥିବା ବେଳେ ସମ୍ବଲପୁର ଝୁଝୁମୁରାରେ ୧୩୦.୦ ମିଲିମିଟର, ବରଗଡ଼ ଅତାବିରାରେ ୧୨୦.୦ ମିଲିମିଟର ବର୍ଷା ରେକର୍ଡ ହୋଇଛି ।

୨୭ ବର୍ଷ ପରେ ଏକାଠି ହେବେ କଂଗ୍ରେସ ଏବଂ ଶରଦ ପାୱାର

ମୁମ୍ବାଇ୦୧/୭(ନ୍ୟୁ.ଏ): ଖୁବ୍‌ଶୀଘ୍ର ମହାରାଷ୍ଟ୍ର ରାଜନୀତିରେ ଏକ ବଡ଼ ପରିବର୍ତ୍ତନ ଦେଖିବାକୁ ମିଳିବ । ରିପୋର୍ଟ ଅନୁଯାୟୀ ବରିଷ୍ଠ ନେତା ଶରଦ ପାୱାରଙ୍କ ଏନ୍‌ସିପି (ଏସ୍‌ପି) ଏବଂ କଂଗ୍ରେସ ଏବେ ଏକାଠି ହେବାପାଇଁ ପ୍ରସ୍ତୁତ ହେଉଛନ୍ତି । କିନ୍ତୁ କୌଣସି ବି ଦଳ ଏନେଇ ଔପଚାରିକ ଭାବେ କିଛି ଘୋଷଣା କରିନାହାନ୍ତି । ଏନେଇ ଏକ ନିଷ୍କର୍ଷରେ ପହଂଚିବାପାଇଁ ଆଲୋଚନା ଏବଂ ବିଚାରବିମର୍ଶ ଜାରି ରହିଥିବା ଜଣାପଡ଼ିଛି । ତେବେ ଏହା କେବଳ ମହାରାଷ୍ଟ୍ର ଶାଖାରେ ସୀମିତ ରହିଛି । ରାଜ୍ୟ ସ୍ତରରେ ବୁଝାମଣା ବୃତ୍ତାନ୍ତ ହେବାପରେ ଦିଲ୍ଲୀରେ ହାଇ କମାଣ୍ଡ ଏନେଇ ଖୋଲାଖୋଲି ଭାବେ ଘୋଷଣା କରିବେ ବୋଲି କୁହାଯାଉଛି । କିନ୍ତୁ କୌଣସି ଦଳ ଏହି ଘଟଣା ସଂକ୍ରାନ୍ତରେ ଖୋଲାଖୋଲି ଭାବେ କିଛି ସ୍ପଷ୍ଟ କରିନାହାନ୍ତି । ତେବେ ଶରଦ ପାୱାର ଏବଂ କଂଗ୍ରେସ ୨୭ ବର୍ଷ ପରେ ଏକାଠି ହେବାକୁ ଯାଉଛନ୍ତି । ୧୯୯୯ରେ ପାୱାର ଅବିଭାଜିତ ନ୍ୟାସନାଲିଷ୍ଟ କଂଗ୍ରେସ ପାର୍ଟି ଗଠନ କରିବାପରେ କଂଗ୍ରେସ ଦଳ ଛାଡ଼ି ଦେଇଥିଲେ । ଏବେ ଯଦି ଏହି ୨ ଦଳ ପୁଣି ଏକାଠି ହେବେ ତେବେ ସେମାନେ ୨୭ ବର୍ଷ ପରେ ଗୋଟିଏ ଦଳ ଅଧୀନରେ କାମ କରିବେ । ଉଲ୍ଲେଖଯୋଗ୍ୟ ୨୦୨୩ରେ ଏନ୍‌ସିପି ଦୁଇ ଭାଗ ହୋଇଥିଲା ଏବଂ ଅଜିତ ପାୱାରଙ୍କ ଗୋଷ୍ଠୀକୁ ମୁଖ୍ୟ ଦଳର ମାନ୍ୟତା ମିଳିଥିଲା । ଅନ୍ୟପକ୍ଷେ ଶରଦ ପାୱାରଙ୍କ ଦଳର ନାଁ ରହିଥିଲା ଏନ୍‌ସିପି-ଏସ୍‌ପି । ତେବେ ଜାଣିବାକୁ ମିଳିଛି ଏନ୍‌ସିପି (ଏସ୍‌ପି) ଦଳର ଏକ ଗୋଷ୍ଠୀ କଂଗ୍ରେସ ସହ ମିଶ୍ରଣକୁ ସମର୍ଥନ କରୁଥିବାବେଳେ ଅନ୍ୟ ଏକ ଗୋଷ୍ଠୀ ଏହି ମିଶ୍ରଣକୁ ବିରୋଧ କରିଛନ୍ତି ଏବଂ ଦଳର ସ୍ୱାଧୀନ ପରିଚୟକୁ ସେମାନେ ସମର୍ଥନ କରିଛନ୍ତି ।

ମଣିପୁରରେ ପୁଣି ନାଗା-କୁକି ବିବାଦ

ନୂଆଦିଲ୍ଲୀ୦୨/୭(ନ୍ୟୁ.ଏ): ମଣିପୁରରେ ପୁଣି ଥରେ ନାଗା-କୁକି ସମୁଦାୟ ମଧ୍ୟରେ ଉତେଜନା ଦେଖାଯାଇଛି । ବୁଧବାର ଦିନ ମଣିପୁରର କାମଜୋଙ୍ଗ ଜିଲ୍ଲାରେ ଅଜ୍ଞାତ ଦୁର୍ବୃତମାନେ ଫାଇମୋଲର ଜନଶୂନ୍ୟ କୁକି ଗ୍ରାମରେ ନିଆଁ ଲଗାଇ ସମସ୍ତ ଘର ପୋଡ଼ି ନଷ୍ଟ କରିଦେବାକୁ ନେଇ ଅଶାନ୍ତି ପ୍ରକାଶ ପାଇଛି । ନାଗା ଲୋକମାନେ ଗ୍ରାମର ଚର୍ଚ୍ଚ ବ୍ୟତୀତ ଅନ୍ୟ ଘରଗୁଡ଼ିକୁ ପୋଡ଼ି ଦେବାକୁ ଚେଷ୍ଟା କରିଥିଲେ । ଅନ୍ୟପକ୍ଷରେ ନିକଟସ୍ଥ ଶାଙ୍ଗାକୋଲର ତାଙ୍ଗଖୁଲ ନାଗା ଗ୍ରାମକୁ ପୋଡ଼ି ଦେବାର ପ୍ରତିଶୋଧମୂଳକ ପ୍ରୟାସକୁ ସୁରକ୍ଷାବାହିନୀ ପଣ୍ଡ କରିଦେଇଥିଲେ । ପୁଲିସ ସୂଚନା ଅନୁଯାୟୀ, ଏହି ଘଟଣ ବୁଧବାର ମଧ୍ୟାହ୍ନ ୧୨ଟା ୩୦ ମିନିଟ ସମୟରେ ଘଟିଥିଲା । ଭାରତ-ମିଆଁମାର ନିକଟ ଚାସାଦ ପୁଲିସ ଷ୍ଟେସନର ଉତର-ପୂର୍ବରେ ୪୫ କିମି ଦୂରରେ ଥିବା ଫାଇମୋଲ ଗାଁରେ ଦୁର୍ବୃତ ପ୍ରବେଶ କରି କୁକି

ସମ୍ପ୍ରଦାୟର ଲୋକଙ୍କ ଘରଗୁଡ଼ିକୁ ପୋଡ଼ି ଦେଇଥିଲେ । ଫାଇମୋଲ ଗାଁର ଲୋକମାନେ ବର୍ତ୍ତମାନ ଆସାମ ରାଇଫଲ୍ସ ଶିବିର ନିକଟ ଆଇସି ଗାଁରେ ଆଶ୍ରୟ ନେଇଛନ୍ତି । ଫାଇମୋଲ ଗାଁର ୧୫ଟି ଘର ଏଥିରେ ପୋଡ଼ି ଯାଇଥିଲା । ଏହି ଘଟଣାର ପ୍ରତିଶୋଧ ନେବାକୁ ଆଉ ଏକ ଗୋଷ୍ଠୀ ଅପରାହ୍ନ ୧ଟା ୪୫ ମିନିଟ ବେଳେ ଶାଙ୍ଗାକୋଲ ତାଙ୍ଗଖୁଲ ଗ୍ରାମରେ ନିଆଁ ଲଗାଇବାକୁ ଉଦ୍ୟମ କରୁଥିବାବେଳେ ପୁଲିସ ସେମାନଙ୍କୁ ଘଉଡ଼ାଇ ଦେଇଥିଲା । ଏହି ଘଟଣାରେ ବର୍ମା ଶରଣାର୍ଥୀଙ୍କ କିଛି ଛୋଟ ଘର ଓ ତାଙ୍ଗଖୁଲ ସମ୍ପ୍ରଦାୟର କିଛି ଘର ସମ୍ପୂର୍ଣ୍ଣ ପୋଡ଼ି ଯାଇଛି । ତାଙ୍ଗଖୁଲ ନାଗାଙ୍କର ସାତଟି ଘର ଆଂଶିକ ଭାବେ ଜଳିଯାଇଥିଲା ଓ ସାତରୁ ଆଠଟି ଘର ଅଗ୍ନିକାଣ୍ଡରୁ ବର୍ତ୍ତି ଯାଇଛି । ହୁଣ୍ଡମିନେ ଥାନା (ଶାଙ୍ଗାକୋଲ ଓ ଫାଇକୋ ମଧ୍ୟବର୍ତୀ ଟାଙ୍ଗଖୁଲ ଗ୍ରାମ) ରେ ଆଉ ସାତଟି ଘର ମଧ୍ୟ ପୋଡ଼ି ପାଉଁଶ ହୋଇଯାଇଛି । ଏହି ଦୁଇଟି ଘଟଣାରେ କେହି ମୃତାହତ ହୋଇନାହାନ୍ତି । ତେବେ ପୁଲିସ ନିଜ ପକ୍ଷରୁ ସମ୍ପୃକ୍ତ ଥାନାରେ ଏହି ଘଟଣା ବିରୋଧରେ ମାମଲା ରୁଜୁ କରିଛି । ମେ ୧୩ ତାରିଖ ପରେ ନାଗା-କୁକି ସମ୍ପ୍ରଦାୟ ମଧ୍ୟରେ ପୁଣି ଥରେ ଉତେଜନା ଦେଖାଯାଇଛି । ମେ ୧୩ରେ ଦୁଇ ସମ୍ପ୍ରଦାୟ ମଧ୍ୟରେ ସଂଘର୍ଷରେ ୩ ଜଣ ଚର୍ଚ୍ଚ ନେତା ଓ ଜଣେ ନାଗା ସମ୍ପ୍ରଦାୟର ବ୍ୟକ୍ତିଙ୍କୁ ହତ୍ୟା କରାଯାଇଥିଲା ।

ଭାରତ ଆସୁଥିବା ଜାହାଜରେ ଲୁଟ୍ ଉଦ୍ୟମ ପଣ୍ଡ

ନୂଆଦିଲ୍ଲୀ୦୨/୭(ନ୍ୟୁ.ଏ): ଭାରତୀୟ ନୌସେନା ଭାରତ ଅଭିମୁଖେ ଆସୁଥିବା ଏକ ଜାହାଜକୁ ଜଳଦସ୍ୟୁଙ୍କ ଠାରୁ ସୁରକ୍ଷା ପ୍ରଦାନ କରି ଲୁଟ୍‌ର ଏକ ଉଦ୍ୟମକୁ ପଣ୍ଡ କରିଛି । ଜାହାଜଟି ଏବେ ସମ୍ପୂର୍ଣ୍ଣ ସୁରକ୍ଷିତ ରହିଛି । ଜୁଲାଇ ୧ ତାରିଖ ରାତିରେ ଜାହାଜ ଉପରେ ଜଳଦସ୍ୟୁ ଆକ୍ରମଣ କରିଥିଲେ । ଭାରତୀୟ ନୌସେନା ଯୁଦ୍ଧଜାହାଜ ଆଇଏନଏସ ତ୍ରିକଣ୍ଡ



ଏହି ଲୁଟ୍ ଉଦ୍ୟମକୁ ପଣ୍ଡ କରିଛି । ସୂଚନା ଅନୁଯାୟୀ, ଜଳଦସ୍ୟୁ ଲୁଟ୍ ପାଇଁ ଯୋଜନା କରିଥିବା ଜାହାଜ ଏମଭି ଗୋଲଡ୍ଡେନ୍ ଆର୍ସେନାଲ୍‌ରେ ଭାରତୀୟ ନୌସେନା ମେରାଇନ୍ କମାଣ୍ଡୋ ଚଢ଼ିଥିଲେ । ସେଥିରେ ଜଣେ ଭାରତୀୟ କ୍ରୁ ସଦସ୍ୟ ମଧ୍ୟ ଥିଲେ । ଜାହାଜଟି ଭାରତ ପାଇଁ ଅତ୍ୟାବଶ୍ୟକ ସାମଗ୍ରୀ ଆଣୁଛି । କ୍ରୁମାନେ ନିଜକୁ ଏକ ସୁରକ୍ଷିତ କୋଠରୀରେ ବନ୍ଦ କରିଦେଇଥିଲେ ଏବଂ ଯୋଗାଯୋଗ ମାଧ୍ୟମରେ ଡକାୟତି ଉଦ୍ୟମ ସମ୍ପର୍କରେ ସୂଚନା ଦେଇଥିଲେ । ଯେତେବେଳେ ଭାରତୀୟ ନୌସେନା ଯୁଦ୍ଧଜାହାଜ ସମ୍ପୃକ୍ତ ଜାହାଜ ନିକଟକୁ ଆସିଥିଲା, ଜଳଦସ୍ୟୁମାନେ ଭୟରେ ପଳାଇଯାଇଥିଲେ । ଏହା ପ୍ରଥମ ଥର ନୁହେଁ ଯେତେବେଳେ ଭାରତୀୟ ନୌସେନା ନିଜର ଦକ୍ଷତା ପ୍ରଦର୍ଶନ କରି ଜଳଦସ୍ୟୁଙ୍କଠାରୁ ଏକ ଜାହାଜକୁ ଉଦ୍ଧାର କରିଛି । ପୂର୍ବରୁ ପୂର୍ବରୁ ଜୁନ୍ ୧୯ରେ ଆଇଏନଏସ ତ୍ରିକଣ୍ଡ ଏମଭି ଫରିଦ୍-୫ରୁ ଜରୁରୀକାଳୀନ ଅନୁରୋଧ ପାଇ ପଶ୍ଚିମ ଭାରତ ମହାସାଗରରେ ସମୟୋଚିତ ପଦକ୍ଷେପ ଗ୍ରହଣ କରି ଜଳଦସ୍ୟୁଙ୍କୁ ଘଉଡ଼ାଇ ଦେଇଥିଲା । ସେହିପରି ୨୭ ମେ'ରେ, ଭାରତୀୟ ନୌସେନା ଭାରତ ମହାସାଗରରେ ଏକ ମାଲବାହୀ ଜାହାଜକୁ ଉଦ୍ଧାର କରିଥିଲା । ପଶ୍ଚିମ ଭାରତ ମହାସାଗରରେ ମାଲବାହୀ ଜାହାଜ ଏମଭି ମାଶାଆଲ୍ଲାହ-୧ ନିକଟରେ ଜଳଦସ୍ୟୁଙ୍କ କାର୍ଯ୍ୟକଳାପ ଦେଖିବାକୁ ମିଳିଥିଲା। ଆଇଏନଏସ କୋଲକାତା ତୁରନ୍ତ ପ୍ରତିକ୍ରିୟା ପ୍ରକାଶ କରି ଉଦ୍ୟମକୁ ପଣ୍ଡ କରିଥିଲା ।

ଅବସରକାଳୀନ ସମ୍ବର୍ଦ୍ଧନାରେ ଭାବବିହ୍ୱଳ ପରିବେଶ : ୩୮ ବର୍ଷର ସେବା ପରେ ବିଦାୟ ନେଲେ ସଂସ୍କୃତ ଶିକ୍ଷକ ପ୍ରଜାରଞ୍ଜନ ପଣ୍ଡା

କଳାହାଣ୍ଡି, ୦୨/୦୭ (ଆ.ପ୍ର) : କଳମ୍ପୁର ବ୍ଲକ ଅନ୍ତର୍ଗତ ବୁରାଗାଁସ୍ଥିତ ପ୍ରିୟଦର୍ଶିନୀ ଇନ୍ଦିରା ଉଚ୍ଚ ବିଦ୍ୟାଳୟର ବରିଷ୍ଠ ସଂସ୍କୃତ ଶିକ୍ଷକ ପ୍ରଜାରଞ୍ଜନ ପଣ୍ଡାଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅତ୍ୟନ୍ତ ଭାବବିହ୍ୱଳ ପରିବେଶରେ ଅନୁଷ୍ଠିତ ହୋଇଯାଇଛି । ଦୀର୍ଘ ୩୮ ବର୍ଷର ନିଷ୍ଠାପୂର୍ଣ୍ଣ ଶିକ୍ଷକତା ଜୀବନର ଅବସାନ ଅବସରରେ ଆୟୋଜିତ ଏହି ସଭାରେ ଶିକ୍ଷକ, ଛାତ୍ରଛାତ୍ରୀ, ପୂର୍ବତନ ଛାତ୍ର, ଅଭିଭାବକ ଓ ଅଂଚଳବାସୀଙ୍କ ବିପୁଳ ସମାଗମ ଦେଖିବାକୁ ମିଳିଥିଲା । ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରଦୀପ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପ୍ରଧାନ ଶିକ୍ଷକ ବିଷ୍ଣୁ ମୋହନ ଦୀକ୍ଷିତ, ପୂର୍ବତନ ପ୍ରଧାନ ଶିକ୍ଷକ ଶତ୍ରୁଘ୍ନ ବାଗ, କ୍ରୀଡ଼ା ଶିକ୍ଷକ ସୁଜିତ କୁମାର ମୁଣ୍ଡ, ଶିକ୍ଷାବିତ ପ୍ରଶାନ୍ତ କୁମାର ପଣ୍ଡା, ରୋମାରଞ୍ଜନ ପଣ୍ଡାଙ୍କ ସମେତ କଳମ୍ପୁର ବ୍ଲକର ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷକମାନେ ମଂଚାସୀନ ଥିଲେ । ଅତିଥିମାନେ ନିଜ ଅଭିଭାଷଣରେ ପ୍ରଜାରଞ୍ଜନ ପଣ୍ଡାଙ୍କ ଶିକ୍ଷାଦାନର ନିଷ୍ଠା, ସରଳତା, ମିଷ୍ଟଭାଷୀ ସ୍ୱଭାବ ଏବଂ ପରୋପକାରୀ ମନୋଭାବର ଭୂୟସୀ ପ୍ରଶଂସା କରିଥିଲେ । ସେ ଜଣେ ଆଦର୍ଶ ଶିକ୍ଷକ ଭାବେ ଅନେକ ପିଢ଼ିର ଛାତ୍ରଛାତ୍ରୀଙ୍କ ଜୀବନ ଗଠନରେ ଅବିସ୍ମରଣୀୟ ଅବଦାନ ରଖିଥିବା ବକ୍ତାମାନେ କହିଥିଲେ । ବିଦାୟୀ ସଙ୍ଗୀତ ପରିବେଷଣ ସମୟରେ ଉପସ୍ଥିତ ସମସ୍ତଙ୍କ ଆଖିରେ ଲୁହ ଭରିଯାଇଥିଲା । ପ୍ରିୟ ଶିକ୍ଷକଙ୍କ ଆଖିର ଅଶ୍ରୁ ଦେଖି ଛାତ୍ରଛାତ୍ରୀ, ସହକର୍ମୀ ଓ ଗ୍ରାମବାସୀମାନେ ମଧ୍ୟ ଭାବପ୍ରବଣ ହୋଇପଡ଼ିଥିଲେ । ସମଗ୍ର ପରିବେଶରେ ଏକ ଅବ୍ୟକ୍ତ ବେଦନାର ଛାପ ସ୍ପଷ୍ଟ ଭାବେ ପରିଲକ୍ଷିତ ହୋଇଥିଲା । ଅନ୍ୟପକ୍ଷରେ, ଦୀର୍ଘ ସେବା ପରେ ମଧ୍ୟ ଅବସରକାଳୀନ ପେନ୍ସନ ସୁବିଧା ନ ମିଳିବା ପ୍ରସଙ୍ଗ ଉପସ୍ଥିତ ଲୋକଙ୍କ ମଧ୍ୟରେ ଚିନ୍ତାର ବିଷୟ ପାଲଟିଥିଲା । ବୃଦ୍ଧାବସ୍ଥାରେ ଜୀବନ ନିର୍ବାହ କିପରି ହେବ ବୋଲି ପ୍ରଶ୍ନ ଉଠିଥିଲା । ସେହିପରି ସଂସ୍କୃତ ଶିକ୍ଷକ ପଦ ଖାଲି ପଡ଼ିଯିବା ଓ ଏହା ପୂରଣ ନେଇ ଅନିଶ୍ଚିତତାକୁ ନେଇ ମଧ୍ୟ ଶିକ୍ଷାପ୍ରେମୀମାନେ ଉଦ୍‌ବେଗ ପ୍ରକାଶ କରିଥିଲେ । ଶିକ୍ଷା ବ୍ୟବସ୍ଥାରେ ଏଭଳି ଖାଲି ପଦ ପୂରଣ ଦିଗରେ ସରକାର ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଥିଲା । ସମଗ୍ର କାର୍ଯ୍ୟକ୍ରମକୁ ଶିକ୍ଷକ ବିପିନ ବିହାରୀ ନାୟକ ସୁଚାରୁରୂପେ ସଂଯୋଜନା କରିଥିଲେ । ପୂର୍ବତନ ଓ ବର୍ତ୍ତମାନର ଛାତ୍ରଛାତ୍ରୀମାନେ ନିଜ ଅଭିଜ୍ଞତା ବାଂଟିବା ସହ ଗୁରୁଜନଙ୍କ ପ୍ରତି କୃତଜ୍ଞତା ଜଣାଇଥିଲେ । ଶେଷରେ ସୁବୋଧ କୁମାର ଝମାରୀଙ୍କ ନେତୃତ୍ୱରେ ଖୋଲ, ତାଳ ଓ ଭଜନ ସହ ପ୍ରଜାରଞ୍ଜନ ପଣ୍ଡା ଏବଂ ତାଙ୍କ ଧର୍ମପତ୍ନୀ ସଂଯୁକ୍ତା ପଣ୍ଡାଙ୍କୁ ଭବ୍ୟ ବିଦାୟ ସମ୍ବର୍ଦ୍ଧନା ଦେଇ ତାଙ୍କ ବାସଭବନ ପର୍ଯ୍ୟନ୍ତ ନିଆଯାଇଥିଲା । ଏହି ସମୟରେ ଅନେକ ଗ୍ରାମବାସୀ ଭାବବିହ୍ୱଳ ହୋଇପଡ଼ିଥିଲେ । ପ୍ରିୟ ଶିକ୍ଷକଙ୍କ ବିଦାୟ ପରେ ସମଗ୍ର ଗାଁରେ ଏକ ଶୂନ୍ୟତାର ଅନୁଭବ ସୃଷ୍ଟି ହୋଇଥିବା ସ୍ଥାନୀୟ ଲୋକମାନେ ପ୍ରକାଶ କରିଥିଲେ ।

ପ୍ରଧାନଶିକ୍ଷୟିତ୍ରୀଙ୍କୁ ବିଦ୍ୟାଳୟ ତରଫରୁ ଅବସରକାଳୀନ ସମ୍ବର୍ଦ୍ଧନା

ଧାମନଗର, ୦୨/୦୭ (ଆ.ପ୍ର) : ଧାମନଗର ବ୍ଲକ ଅନ୍ତର୍ଗତ ଚୁଡ଼ାକୁଟି ପଂଚାୟତ ଅଧିନସ୍ଥ ଡାମ୍ପଡା ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରବୀଣା ପରମାଣିକଙ୍କ ଚାକିରୀର ଶେଷ ଦିନ ବିଦ୍ୟାଳୟ ତରଫରୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ବୁଧବାର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସୁପ୍ରଭା ସାହୁଙ୍କ ସଭାପତିତ୍ୱ କରିଥିବାବେଳେ ସହକାରୀ ଶିକ୍ଷକ ବିଜୟ ସାହୁ ସଭା ସଂଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଂଚ କସ୍ତୁରୀ ବିଶ୍ୱାଳ, ଅତିରିକ୍ତ ବ୍ଲକ୍ ଶିକ୍ଷାଧିକାରୀ ସତ୍ୟ ସୁନ୍ଦର ପରିଡ଼ା ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ସମିତିସଭ୍ୟ ଜ୍ଞାନରଞ୍ଜନ ମହାପାତ୍ର, ସମାଜସେବୀ ପ୍ରଶାନ୍ତ ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମାନସ ଘୋଷ, ବିଭୂତି ବାରିକ, ଉପସଭାପତି, ସଭ୍ୟ ସଭ୍ୟା, ଏସଏଚ୍‌ଜୀ ଗ୍ରୁପର କର୍ମକର୍ତ୍ତା ପ୍ରମୁଖ ଯୋଗଦେଇ ବିଦାୟୀ ପ୍ରଧାନ ଶିକ୍ଷୟିତ୍ରୀଙ୍କ ବିଦ୍ୟାଳୟର ପରିବେଶ ସୁରକ୍ଷା, ଉନ୍ନତି, ଶିକ୍ଷାଦାନ ଶୈଳୀ ଓ ଚାରିତ୍ରିକ ଏହି ତାଙ୍କର କର୍ମମୟ ଜୀବନ ସମ୍ପର୍କରେ ଅତିଥି ନିଜ ନିଜର ବକ୍ତବ୍ୟରେ ଆଲୋକପାତ କରି ଦିଦିଙ୍କ ଅବସର ବିଦ୍ୟାଳୟ ଜଣେ ଭଲ ଲୋକଙ୍କୁ ହରାଇଥିବା କହିଛନ୍ତି । ବିଦ୍ୟାଳୟ ତରଫରୁ ଅତିଥି ଏବଂ ମୁଖ୍ୟ ଅତିଥିମାନଙ୍କ ଦ୍ୱାରା ଅବସର ଗ୍ରହଣ କରିଥିବା ଶିକ୍ଷୟିତ୍ରୀଙ୍କୁ ମାନପତ୍ର ଉପଢୌକନ, ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିବା ବେଳେ ଶେଷରେ ସହକାରୀ ଶିକ୍ଷକ ମଳୟ ମୁଦୁଲି ଧନ୍ୟବାଦ ପ୍ରଦାନ କରିଥିଲେ ।

ପଦାରେ ପଡ଼ିଲା ଡାକ ମାଷ୍ଟରଙ୍କ ପ୍ରେମ କାହାଣୀ, ମହିଳାଙ୍କ ଅଭିଯୋଗ କ୍ରମେ ଡାକ ବାବୁଙ୍କୁ ବାନ୍ଧିଲା ପୋଲିସ

ବଣାଇଁ, ୦୨/୦୭ (ଆ.ପ୍ର) : ସୁନ୍ଦରଗଡ ଜିଲ୍ଲା ବଣାଇଁ ଉପଖଣ୍ଡ କୋଇଡା ବ୍ଲକରୁ ଆସିଛି ଲଭ୍ ସେକ୍ସ ଧୋକାର ସାଂଘାତିକ ଅଭିଯୋଗ । ପୋଷ୍ଟ ମ୍ୟାନ ବାବୁ ଜଣେ ମହିଳାଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ବିବାହର ପ୍ରତିଶ୍ରୁତି ଦେଇ ଧୋକା ଦେଇଥିବା ଅଭିଯୋଗ ଆଣିଛନ୍ତି ଜଣେ ବିବାହିତ ମହିଳା । ପୋଷ୍ଟ ମ୍ୟାନ ବାବୁ ରମାକାନ୍ତ ନାୟକଙ୍କ ସହ ରାଉରକେଲାର ଏକ ଡାକ କାର୍ଯ୍ୟାଳୟରେ ଜଣେ ବିବାହିତ ମହିଳାଙ୍କ ସହ ଦେଖା ହୋଇଥିଲା । ପରେ ଉଭୟଙ୍କ ଭିତରେ ଗଢ଼ି ଉଠିଥିଲା ପ୍ରେମ ସମ୍ପର୍କ । ପରେ ଯୁବକ ଜଣକ ମହିଳାଙ୍କୁ ବିଭିନ୍ନ ପ୍ରଲୋଭନ ଓ ବନ୍ଧୁକ ଦେଖାଇ ଶାରୀରିକ ସମ୍ପର୍କ ରଖିଥିବା ମହିଳା ଜଣକ ଅଭିଯୋଗ କରିଛନ୍ତି । ସମ୍ପୃକ୍ତ ଟେନସା ଡାକଘରର ପୋଷ୍ଟ ମ୍ୟାନ ଦୁଇ ମାସ ପୂର୍ବେ ମହିଳାଙ୍କୁ ବିବାହ କରିବା ପ୍ରତିଶ୍ରୁତି ଦେଖାଇ କୋଇଡା ଅଂଚଳକୁ ଡାକିଥିଲେ । ସେଠାରେ ଏକ ଭଡ଼ା ଘରେ ଉଭୟ ଦୁଇ ମାସ ଏକାଠି ରହିବା ପରେ ରମାକାନ୍ତଙ୍କ ପ୍ରଥମ ସ୍ତ୍ରୀ ସହିତ ଛାଡ଼ପତ୍ର ହୋଇ ନଥିବା ମହିଳା ଜଣକ ଜାଣିବା ପରେ ପ୍ରତିବାଦ କରିଥିଲେ । ପୂର୍ବରୁ ପ୍ରଥମ ସ୍ତ୍ରୀ ସହିତ ଛାଡ଼ପତ୍ର ସରିଥିବ ସମ୍ପୃକ୍ତ ଯୁବକ ମହିଳାଙ୍କୁ କହିଥିବା ସହ ଏକ ଫେକ୍ ସାର୍ଟିଫିକେଟ୍ ଦେଖାଇଥିଲେ । ମହିଳା ଜଣକ ଯୁବକଙ୍କ ପ୍ରଥମ ସ୍ତ୍ରୀ ଥିବା ଓ ସମ୍ପୂର୍ଣ୍ଣ ଘଟଣା ବିଷୟରେ ଜାଣିବା ପରେ ସେ ତୀବ୍ର ପ୍ରତିବାଦ କରିଥିଲେ । ଫଳରେ ଭଡ଼ା ଘରେ ବନ୍ଧୁକ ଓ ମହିଳାଙ୍କୁ ଛାଡ଼ି ଯୁବକ ରମାକାନ୍ତ ନାୟକ ଗୋଟିଏ ସପ୍ତାହ ହେଲା ଫେରାର ହୋଇ ଯାଇଥିବା ମହିଳା ଅଭିଯୋଗ କରିଛନ୍ତି । ମହିଳାଙ୍କ କହିବା ଅନୁସାରେ ସେ ନିଜେ ପୂର୍ବରୁ ରାଉରକେଲା ଅଂଚଳରେ ବିବାହ କରିଥିବା ବେଳେ ତାଙ୍କର ଦୁଇଟି ସନ୍ତାନ ଓ ସ୍ୱାମୀ ଅଛନ୍ତି । ଏନେଇ ମହିଳା ଜଣକ ଟେନସା ଫାଣ୍ଡି ଓ ଲହୁଣୀପଡ଼ା ଥାନା ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ ପରେ ପୋଲିସ ବନ୍ଧୁକ ସହ ଅଭିଯୁକ୍ତଙ୍କୁ ଗିରଫ କରିଛି ।

ଜିଲ୍ଲା ଶିକ୍ଷା ବିଭାଗରେ ଅବସର କାଳୀନ ସମ୍ବର୍ଦ୍ଧନା ଏବଂ ପୂର୍ଣ୍ଣାଙ୍ଗ ପେନସନ ପ୍ରଦାନ

ଖୋର୍ଦ୍ଧା, ୦୨/୦୭(ଆ.ପ୍ର): ଖୋର୍ଦ୍ଧା ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟରେ ଅବସର ଗ୍ରହଣ କରିଥିବା ଶିକ୍ଷକ ଓ କର୍ମଚାରୀ ମାନଙ୍କ ନିମନ୍ତେ ଅବସର କାଳୀନ ସମ୍ବର୍ଦ୍ଧନା ସଭା ଏବଂ ପୂର୍ଣ୍ଣାଙ୍ଗ ପେନସନ ପ୍ରଦାନ ଉତ୍ସବ ଜିଲ୍ଲା ଶିକ୍ଷା ଅଧିକାରୀ ସୋନାମିକା ରାୟଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଅଛି । ଏ ଉକ୍ତ ସମ୍ବର୍ଦ୍ଧନା ସଭାରେ ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ତା ୩୦.୦୬.୨୦୨୬ ରିଖରେ ଅବସର ଗ୍ରହଣ କରିଥିବା ୧୪ ଜଣ ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ କର୍ମଚାରୀଙ୍କୁ କାର୍ଯ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧନା ଉତ୍ତରୀୟ, ପୁଷ୍ପଗୁଚ୍ଛ ସହ ସେମାନଙ୍କର ପୂର୍ଣ୍ଣାଙ୍ଗ ପେନସନ ନିର୍ଦ୍ଦେଶ ପତ୍ର ପ୍ରଦାନ କରାଯାଇଥିଲା । ସଭାର ସଭାପତି ଜିଲ୍ଲା ଶିକ୍ଷା ଅଧିକାରୀ ଶୋନାମିକା ରାୟ ନିଜ ଅଭିଭାଷଣରେ କହିଥିଲେ ଶିକ୍ଷକ ମାନେ ରାଷ୍ଟ୍ର ନିର୍ମାଣର ବିଧାଣୀ ଅଟନ୍ତି । ସରକାରୀ ସେବାରୁ ନିବୃତ ହେଲେ ମଧ୍ୟ ସେମାନଙ୍କ ଶିକ୍ଷା ଔଜ୍ଜ୍ୱଲ୍ୟତା ସବୁବେଳେ ସବୁ କ୍ଷେତ୍ରରେ ସବୁ ସମୟରେ ସମାଜକୁ ଦିଗ ଦର୍ଶନ ଦେବ ବୋଲି କହି ସେମାନଙ୍କର ସୁଦୀର୍ଘ ସୁସ୍ଥ ଓ ନିରାମୟ ଜୀବନ ଯାପନ କାମନା କରିଥିଲେ । ଆଚାର୍ଯ୍ୟ ହରିହର ସରକାରୀ ଉଚ୍ଚ ବିଦ୍ୟାଳୟ, ବେଗୁନିଆର ସହକାରୀ ଶିକ୍ଷକ ଜଗେଶ୍ୱର ରଥ, ପ୍ରଧାନ ଶିକ୍ଷକ ଗଣେଶ କରଣ, ଜୟଦେବ ଉଚ୍ଚ ବିଦ୍ୟାଳୟ, ପ୍ରତାପ ରୁଦ୍ରପୁରର ପ୍ରଧାନ ଶିକ୍ଷକ ମନୋରଞ୍ଜନ ପ୍ରହରାଜ, ପିବି ସରକାରୀ ଉଚ୍ଚ ବିଦ୍ୟାଳୟ, ସାରୁଆର, ପ୍ରଧାନ ଶିକ୍ଷକ, ଗଣେଶ୍ୱର ମିଶ୍ର, ଯୁଗଳ ଚରଣ ସରକାରୀ ବାଳିକା ବିଦ୍ୟାପୀଠର ସହକାରୀ ଶିକ୍ଷକ, ଲକ୍ଷ୍ମୀଧର ବାରିକ, ଚତୁର୍ଥ ଶ୍ରେଣୀ କର୍ମଚାରୀ ଗୌରାଙ୍ଗ ବାରିକ, ସରକାରୀ ଉଚ୍ଚ ବିଦ୍ୟାଳୟ, ବାଜପୁରର ସହକାରୀ ଶିକ୍ଷୟିତ୍ରୀ ସୁଜାତା ମହାପାତ୍ର, ସରକାରୀ ଉଚ୍ଚ ବିଦ୍ୟାଳୟ, ପୁରୁଷୋତ୍ତମ ସହକାରୀ ଶିକ୍ଷକ ପଦ୍ମ ଚରଣ ମହାପାତ୍ର, ଭାରତୀୟ ବିଦ୍ୟାଳୟ ୟୁନିଟ୍ ୩ ର ସହକାରୀ ଶିକ୍ଷକ ମଦନ ସିଂହ, ବାଲିଅନ୍ତା ବ୍ଲକ୍ ଶିକ୍ଷା କାର୍ଯ୍ୟାଳୟର ଚତୁର୍ଥ ଶ୍ରେଣୀ କର୍ମଚାରୀ ବଂଶୀଧର ପ୍ରଧାନ, ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ, ରାଜସର ଚତୁର୍ଥ ଶ୍ରେଣୀ କର୍ମଚାରୀ କୈଳାଶ ଚନ୍ଦ୍ର ପଣ୍ଡା, ପାରି ଓରଡ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ଲକ୍ଷ୍ମୀଧର ବରାଳ, ବେଗୁନିଆ ବ୍ଲକ୍ ଶିକ୍ଷା କାର୍ଯ୍ୟାଳୟର ଚତୁର୍ଥ ଶ୍ରେଣୀ କର୍ମଚାରୀ ନୀଳକଣ୍ଠ ସାହୁ ଏବଂ ଚିଲିକା ବ୍ଲକ ଶିକ୍ଷା କାର୍ଯ୍ୟାଳୟର ବରିଷ୍ଠ ସହାୟକ ଲକ୍ଷ୍ମୀଧର ସ୍ୱାଇଁ ଅବସର ଗ୍ରହଣ କରି ପୂର୍ଣ୍ଣାଙ୍ଗ ପେନସନ ପାଇଛନ୍ତି । ସଭାରେ ଅତିରିକ୍ତ ଶିକ୍ଷା ଅଧିକାରୀ ବିଜୟ ବେହେରା, ପ୍ରଜ୍ଞା ପାରମିତା ଜେନା, ରଶ୍ମିବାଳା ପରିଡ଼ାଙ୍କ ସମେତ ସମସ୍ତ ବ୍ଲକ୍ ଶିକ୍ଷା ଅଧିକାରୀ ଏବଂ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଓ ସମଗ୍ର ଶିକ୍ଷା କାର୍ଯ୍ୟାଳୟରର ଅଧିକାରୀ ଓ କର୍ମଚାରୀ, ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଯୋଗ ଦେଇଥିଲେ ।

ଗାଙ୍ଗନଣ ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଦ୍ୟୁତ ସୁରକ୍ଷା ସପ୍ତାହ ପାଳିତ

ଦେବଗଡ଼, ୦୨/୦୭ (ଆ.ପ୍ର) : ତିଲେଇବଣି ବ୍ଲକ ଅନ୍ତର୍ଗତ ବଡ଼ଛାପଲ ଗ୍ରାମ ପଂଚାୟତର ସରକାରୀ ଉଚ୍ଚ ବିଦ୍ୟାଳୟ, ଗାଙ୍ଗନଣ ଠାରେ ବରିଷ୍ଠ ଶିକ୍ଷକ ହରେନ କୁମାର ପ୍ରଧାନଙ୍କ ସଂଯୋଜନାରେ ଜାତୀୟ ବିଦ୍ୟୁତ ସୁରକ୍ଷା ସପ୍ତାହ–୨୦୨୬ ଅବସରରେ ୨ ଜୁଲାଇ ୨୦୨୬ ତାରିଖରେ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ପାଳନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଦିଲ୍ଲୀପ ଦେହୁରୀ, ଶିକ୍ଷାବିତ ଅଖିଳ ସାହୁ ଓ ସମାଜସେବୀ କିଶୋରୀ ଦେହୁରୀ ଯୋଗଦେଇଥିଲେ । ପ୍ରଧାନ ଶିକ୍ଷକ ଟିକେଶ୍ୱର ଦେହୁରୀ ଅତିଥିମାନଙ୍କୁ ସ୍ୱାଗତ କରି ବିଦ୍ୟୁତର ସୁରକ୍ଷିତ ବ୍ୟବହାର ଏବଂ ବିଦ୍ୟୁତଜନିତ ଦୁର୍ଘଟଣାରୁ ରକ୍ଷା ପାଇବା ସମ୍ପର୍କରେ ଆଲୋକପାତ କରିଥିଲେ । ସହକାରୀ ଶିକ୍ଷକ ଅମିତ କୁମାର ସାହୁ ବିଦ୍ୟୁତ ସୁରକ୍ଷାର ଗୁରୁତ୍ୱ ଉପରେ ବକ୍ତବ୍ୟ ରଖିବା ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ପରବର୍ତ୍ତୀ ସମୟରେ ଶିକ୍ଷକ ଓ ଛାତ୍ରଛାତ୍ରୀମାନେ ଲିଫଲେଟ, ପ୍ଲାକାର୍ଡ ଓ ବ୍ୟାନର ଧରି ସୁବର୍ଣ୍ଣପାଲି ଏବଂ କୁଟୁରାପଶି ଗ୍ରାମରେ ସଚେତନତା ରାଲି କରିଥିଲେ । ରାଲି ମାଧ୍ୟମରେ ସାଧାରଣ ଜନତାଙ୍କୁ ବିଦ୍ୟୁତ ସୁରକ୍ଷା ସମ୍ବନ୍ଧୀୟ ବିଭିନ୍ନ ସତର୍କତା ଓ ସୁରକ୍ଷା ବାର୍ତ୍ତା ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ସମସ୍ତଙ୍କ ପ୍ରଶଂସା ମିଳିଥିଲା ।

ଲଗାଣ ବର୍ଷାକୁ ଦୃଷ୍ଟିରେ ରଖି ସମସ୍ତ ଶିକ୍ଷାନୁଷ୍ଠାନକୁ କନ୍ଧମାଳ ଜିଲ୍ଲାପାଳ ଦୁଇଦିନ ପାଇଁ ବନ୍ଦ ଘୋଷଣା କଲେ

କନ୍ଧମାଳ, ୦୨/୦୭ (ଆ.ପ୍ର) : କନ୍ଧମାଳ ଜିଲ୍ଲାରେ ୨ ଦିନ ସ୍କୁଲ୍ ଛୁଟି ଘୋଷଣା । ଲଗାଣ ବର୍ଷାକୁ ଦୃଷ୍ଟିରେ ରଖି ଛୁଟି ଘୋଷଣା କରିଛନ୍ତି ଜିଲ୍ଲାପାଳ । ସମସ୍ତ ସରକାରୀ, ବେସରକାରୀ ସ୍କୁଲ୍ ଗୁରୁବାର ଓ ଶୁକ୍ରବାର ଦୁଇ ଦିନ ପାଇଁ ବନ୍ଦ କରାଯାଇଛି । ମାତ୍ର ଛୁଟି ସମୟରେ ଜାରି ରହିବ ପରୀକ୍ଷା ଓ ଅନ୍ୟାନ୍ୟ କାର୍ଯ୍ୟ । କନ୍ଧମାଳ ଜିଲ୍ଲାରେ ଦୁଇ ଦିନ ହେଲାଣି ଲଗାଣ ବର୍ଷା ଜାରି ରହିଛି । ଜିଲ୍ଲାର ବିଭିନ୍ନ ଅଂଚଳରେ ଦୁହାଳୁ ଦୁହା ବର୍ଷା ହେଉଛି । ଫଳରେ ବିଭିନ୍ନ ନଦୀ, ନାଳ ଫୁଲିବା ସହିତ ବହୁ ଅଂଚଳ ଜଳାର୍ଣ୍ଣବ ହେଉଛି । ଏ ନେଇ କନ୍ଧମାଳ ଜିଲ୍ଲା ପାଣିପାଗ ବିଭାଗ ଠାରୁ ମିଳିଥିବା ସୂଚନା ଅନୁସାରେ ବୁଧବାର ଠାରୁ ଆଜି ଗୁରୁବାର ପର୍ଯ୍ୟନ୍ତ ଜିଲ୍ଲାର ବିଭିନ୍ନ ସ୍ଥାନକୁ ମିଶାଇ ମୋଟ ୪୬୭.୨ ମିଲିମିଟର ବର୍ଷା ହୋଇଛି । ବାଲିଗୁଡ଼ା ରେ ସର୍ବାଧିକ ୯୦ ମିଲିମିଟର ବର୍ଷା ହୋଇ ରେକର୍ଡ କରାଯାଇଥିବା ବେଳେ ଖଜୁରୀପଡ଼ାରେ ୭୫.୨ ମିଲିମିଟର ଏବଂ ଫିରିଙ୍ଗିଆରେ ୭୨.୬ ମିଲିମିଟର ବର୍ଷା ରେକର୍ଡ କରାଯାଇଛି । ସମ୍ଭାବ୍ୟ ଅତିରୁ ଅତି ପ୍ରବଳ ବର୍ଷା ସ୍ଥିତିର ମୁକାବିଲା କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ପୂର୍ବ ପ୍ରସ୍ତୁତି କରାଯାଇଛି ବୋଲି କନ୍ଧମାଳ ଜିଲ୍ଲାପାଳ ସୂଚନା ଦେଇଛନ୍ତି ।

ସୂଚନା ଫଳକ ଗାଏବ ! କାକଟପୁର ଅସ୍ତରଙ୍ଗରେ ଅନ୍ଧାରରେ ସରକାରୀ କାମ

କାକଟପୁର, ୦୨/୦୭ (ଆ.ପ୍ର) : କାକଟପୁର ଓ ଅସ୍ତରଙ୍ଗ ଅଂଚଳରେ ଗ୍ରାମ୍ୟ ଉନ୍ନୟନ ବିଭାଗ, ଲୋକ ନିର୍ମାଣ ବିଭାଗ, ଜଳସେଚନ ବିଭାଗ ଏବଂ ପଂଚାୟତ ବିଭାଗ ପକ୍ଷରୁ କୋଟି କୋଟି ଟଙ୍କାର ବିକାଶମୂଳକ କାର୍ଯ୍ୟ ଚାଲିଥିବାବେଳେ ପ୍ରକଳ୍ପ ସ୍ଥଳରେ ସୂଚନା ଫଳକ ଲଗାଯାଇ ନଥିବା ଅଭିଯୋଗ ଉଠିଛି । ଫଳରେ କେଉଁ କାମ ପାଇଁ କେତେ ଅର୍ଥ ମଞ୍ଜୁର ହୋଇଛି, କିଏ ଠିକାଦାର, କେଉଁ ବିଭାଗ କାମ କରୁଛି ଏବଂ କେବେ କାମ ଶେଷ ହେବ, ଏସବୁ ତଥ୍ୟ ଜନସାଧାରଣଙ୍କଠାରୁ ଗୋପନ ରହୁଥିବା ଅଭିଯୋଗ କରୁଛନ୍ତି ସ୍ଥାନୀୟ ଲୋକ । ସାଧାରଣରେ ସାମ୍ବାଦିକ ବନ୍ଧୁ ମାନେ ମଧ୍ୟ ସରକାରୀ କାର୍ଯ୍ୟ ବିଷୟରେ ଖବର କରିବାରେ ଅସୁବିଧା ସମ୍ମୁଖୀନ ହେଉଛନ୍ତି । ଜନସାଧାରଣଙ୍କ କହିବା ଅନୁଯାୟୀ, ପୂର୍ବ ସରକାରରେ ଯେଉଁ ସବୁ ବିକଶିତ କାର୍ଯ୍ୟ ହେଉଥିଲା । ପ୍ରାୟ ସମସ୍ତ ସରକାରୀ କାର୍ଯ୍ୟରେ ସୂଚନା ଫଳକ ଲଗାଇବା ବାଧ୍ୟତାମୂଳକ ଥିଲା । ବର୍ତ୍ତମାନ କିନ୍ତୁ ଅନେକ ସ୍ଥାନରେ ସୂଚନା ଫଳକ ବିନା କାମ ସମ୍ପୂର୍ଣ୍ଣ କରାଯାଇ ବିଲ୍ ପାସ୍ ହେଉଥିବା ଅଭିଯୋଗ ସାମ୍ନାକୁ ଆସୁଛି । ଅନ୍ୟପକ୍ଷରେ, କୌଣସି ପ୍ରକଳ୍ପ ସମ୍ପର୍କରେ ତଥ୍ୟ ମାଗିଲେ ସମ୍ପୃକ୍ତ ବିଭାଗର ଅଧିକାରୀମାନେ ସନ୍ତୋଷଜନକ ଉତ୍ତର ଦେବାକୁ ଇଚ୍ଛୁକ ହେଉନଥିବା ବୋଲି ଅଭିଯୋଗ ଆସୁଛି । ଏପରି ସ୍ଥିତିରେ ସରକାରୀ କାର୍ଯ୍ୟର ସ୍ୱଚ୍ଛତା ଓ ଜବାବଦେହିତାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି । ସୂଚନା ଫଳକ ଲଗାଇବା ନିୟମକୁ କିଏ ଅବହେଳା କରୁଛି ? ଏହା କେବଳ ପ୍ରଶାସନିକ ଅବହେଳା, ନା ଏହା ପଛରେ ଅନ୍ୟ କୌଣସି କାରଣ ରହିଛି ? ଏଭଳି ପ୍ରଶ୍ନ ଉଠାଇଛନ୍ତି କାକଟପୁର ଅସ୍ତରଙ୍ଗବାସୀ । ଏହି ଅଭିଯୋଗ ସମ୍ପର୍କରେ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ । ପ୍ରତିକ୍ରିୟା ମିଳିଲେ ତାହାକୁ ମଧ୍ୟ ଆଗାମୀ ଦିନରେ ପ୍ରକାଶ କରାଯିବ ।

ଡାକ୍ତରଙ୍କ ଷ୍ଟ୍ରାଇକ ପାଇଁ ହୋଇପାରିଲାନି ଶବ ବ୍ୟବଛେଦ

ଜି.ଉଦୟଗିରି, ୦୨/୦୭ (ଆ.ପ୍ର) : ଜୀବନ ଥିବାବେଳେ ସରକାରୀ ସେବା ପାଇବା କଷ୍ଟକର ବୋଲି ଅନେକ ସମୟରେ ଅଭିଯୋଗ ଆସିଥାଏ । ଏଥର କିନ୍ତୁ ମୃତ୍ୟୁ ପରେ ମଧ୍ୟ ଜଣେ ଗରିବ ପରିବାରକୁ ଆବଶ୍ୟକ ସରକାରୀ ସେବା ପାଇଁ ଅସହାୟ ହୋଇ ଘଂଟା ଘଂଟା ଧରି ବର୍ଷାରେ ଅପେକ୍ଷା କରିବାକୁ ପଡ଼ିଛି । ଶେଷରେ ନିଜ ଅଂଚଳରେ ଶବ ବ୍ୟବଚ୍ଛେଦ ହୋଇନପାରିବାରୁ ମୃତଦେହକୁ ପ୍ରାୟ ୬୫ କିଲୋମିଟର ଦୂର ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେବାକୁ ବାଧ୍ୟ ହୋଇଛନ୍ତି ପରିବାର ଲୋକେ । ଏହି ଘଟଣା ସମଗ୍ର କନ୍ଧମାଳ ଜିଲ୍ଲାର ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଘଟଣାଟି ଜି.ଉଦୟଗିରି ବ୍ଲକ ଅନ୍ତର୍ଗତ ଗଦଗୁଡ଼ା ପଂଚାୟତ ନେଡିନାଜୁ ଗ୍ରାମର । ଗ୍ରାମର ପୁସାରା ପ୍ରଧାନ(୬୦) ବୁଧବାର ସନ୍ଧ୍ୟାରେ ତାଙ୍କ ୬ ବର୍ଷର ନାତୁଣୀଙ୍କ ସହ ଶୌଚ ପାଇଁ ବାଘାଗୁମ୍ଫା ନିକଟସ୍ଥ ବିଲରେ ଥିବା ବନ୍ଧକୁ ଯାଇଥିଲେ । ନାତୁଣୀ ନିଜ କାମ ସାରି ଫେରିଥିଲେ କିନ୍ତୁ ମୃତକ ଫେରିନଥିଲେ । ସନ୍ଧ୍ୟା ପର୍ଯ୍ୟନ୍ତ ସେ ଘରକୁ ଫେରିନଥିବାରୁ ପରିବାର ଲୋକେ ଖୋଜାଖୋଜି ଆରମ୍ଭ କରିଥିଲେ । ବନ୍ଧ ନିକଟରେ ତାଙ୍କୁ ପାଣିରେ ପଡ଼ିଥିବା ଦେଖି ଗ୍ରାମବାସୀ ତୁରନ୍ତ ଉଦ୍ଧାର କରି ଜି.ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ । କିନ୍ତୁ ସେଠାରେ କାର୍ଯ୍ୟରତ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । କେଉଁ ପରିସ୍ଥିତିରେ ସେ ପାଣିରେ ପଡ଼ି ବୁଡ଼ିଯାଇଥିଲେ, ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ । ଏହାପରେ ଆରମ୍ଭ ହୋଇଥିଲା ପରିବାର ପାଇଁ ଦୁଃଖ ପରେ ଯନ୍ତ୍ରଣା ଦାୟକ ଦୁଃଖ । ପରିବାର ଓ ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, ଜିଲ୍ଲାରେ ଡାକ୍ତରମାନଙ୍କ ଆନ୍ଦୋଳନ ଯୋଗୁଁ ଜି.ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଶବ ବ୍ୟବଚ୍ଛେଦର ବ୍ୟବସ୍ଥା ହୋଇପାରିନଥିଲା । ଫଳରେ ମୃତଦେହ ରାତିସାରା ହସ୍ପିଟାଲରେ ପଡ଼ି ରହିଥିଲା । ଅନ୍ୟପଟେ ମୃତକଙ୍କ ପରିବାର, ସମ୍ପର୍କୀୟ ଓ ଗ୍ରାମବାସୀ ଲୋକ ଉପାସରେ ଟିପି ଟିପି ବର୍ଷାରେ ସକାଳ ଠାରୁ ପୂର୍ବାହ୍ନ ସାଢ଼େ ୧୧ଟା ପର୍ଯ୍ୟନ୍ତ ଅପେକ୍ଷା କରିଥିଲେ । ଶେଷରେ କୌଣସି ଉପାୟ ନପାଇ ଶବ ବ୍ୟବଚ୍ଛେଦ ପାଇଁ ମୃତଦେହକୁ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେବାକୁ ବାଧ୍ୟ ହୋଇଥିଲେ । ମୃତ ପୁସାରା ପ୍ରଧାନଙ୍କ ସ୍ତ୍ରୀ ପୂର୍ବରୁ ପରଲୋକ ଗମନ କରିଥିବାବେଳେ ତାଙ୍କର ତିନି ପୁଅ ଓ ଗୋଟିଏ ଝିଅ ଅଛନ୍ତି । ପରିବାରର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିବାରୁ ଏହି ଅତିରିକ୍ତ ଯାତ୍ରା ଓ ଖର୍ଚ୍ଚ ସେମାନଙ୍କ ଦୁଃଖକୁ ଆହୁରି ବଢ଼ାଇ ଦେଇଛି । ମୃତ୍ୟୁର ପ୍ରକୃତ କାରଣ ପୋଲିସ ତଦନ୍ତ ଏବଂ ଶବ ବ୍ୟବଚ୍ଛେଦ ରିପୋର୍ଟ ପରେ ସ୍ପଷ୍ଟ ହେବ । ସ୍ଥାନୀୟ ବାସିନ୍ଦାମାନେ ମୃତକଙ୍କ ପରିବାରକୁ ତୁରନ୍ତ ସରକାରୀ ସହାୟତା ପ୍ରଦାନ, ଘଟଣାର ନିରପେକ୍ଷ ତଦନ୍ତ ଏବଂ ଭବିଷ୍ୟତରେ କୌଣସି ଗରିବ ପରିବାରକୁ ଏଭଳି ଦୁର୍ଦ୍ଦଶାର ସମ୍ମୁଖୀନ ନହେବା ପାଇଁ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାର ସ୍ଥାୟୀ ସୁଧାର ଦାବି କରିଛନ୍ତି । ଶବ ବ୍ୟବଚ୍ଛେଦ ପାଇଁ ମୃତଦେହକୁ ଫୁଲବାଣୀ ପଠାଇବା ସମୟରେ ଗଦଗୁଡ଼ା ସରପଂଚ ପୁଷ୍ପଲତା ପ୍ରଧାନ, ଯୁବ ସମାଜସେବୀ ଆମନ୍ ଚନ୍ଦ୍ର ନାୟକ, ସଞ୍ଜୀବ ପ୍ରସାଦ ନାୟକ, ପରିବାର ବର୍ଗ ଏବଂ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ । ଜଣେ ଗରିବ ଲୋକ ପାଇଁ ମୃତ୍ୟୁ ହିଁ ସବୁଠାରୁ ବଡ଼ ଦୁଃଖ । କିନ୍ତୁ ମୃତ୍ୟୁ ପରେ ମଧ୍ୟ ଯଦି ସମ୍ମାନ ଜନକ ସରକାରୀ ସେବା ମିଳେନାହିଁ, ତାହା ଏକ ସମ୍ବେଦନଶୀଳ ବିଷୟ ସମାଜ ପାଇଁ ଏହା ନିଶ୍ଚୟ ଚିନ୍ତାର ବିଷୟ ।

ହେବାକୁ ଯାଉଛି ୧୩ତମ ପଂଚାୟତ ସମିତି ବୈଠକ

ଦଶପଲ୍ଲା, ୦୨/୦୭ (ଆ.ପ୍ର) : ବହୁ ପ୍ରତିକ୍ଷିତ ପରେ ଜୁଲାଇ ୮ ତାରିଖ ଦିନ ପଂଚାୟତ ସମିତି ବୈଠକ ଅନୁଷ୍ଠିତ ହେବା ନେଇ ଦଶପଲ୍ଲା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆନୁଷ୍ଠାନିକ ଭାବେ ସୂଚନା ପ୍ରଦାନ କରିଛନ୍ତି । ବିଡିଓଙ୍କ ପତ୍ର ସଂଖ୍ୟା ୨୬୫୫, ତା - ୩୦/୦୬/୨୦୨୬ ଅନୁଯାୟୀ ଏହି ବୈଠକ ଡକାଯାଇଛି । ସୂଚନାଯୋଗ୍ୟ ଯେ, ଗତ ଜାନୁଆରୀ ମାସରେ ପଂଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଥିଲା । ଏହା ପରେ ନିର୍ଦ୍ଧାରିତ ସମୟରେ ପରବର୍ତ୍ତୀ ବୈଠକ ବସି ନପାରିବାରୁ ସ୍ଥାନୀୟ ପଂଚାୟତ ପ୍ରତିନିଧିମାନଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଥିଲା । ବ୍ଲକର ବିକାଶମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବା ଦର୍ଶାଇ ବ୍ଲକ ଅଧ୍ୟକ୍ଷା ସୁନନ୍ଦା ସାହୁଙ୍କ ନେତୃତ୍ୱରେ ଜନପ୍ରତିନିଧିମାନେ ଦଶପଲ୍ଲା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଏକ ଗଣଧାରଣା ଦେଇଥିଲେ । ବିଡିଓଙ୍କୁ ସମିତି ବୈଠକ ଡାକିବା ପାଇଁ ଏହି ଆନ୍ଦୋଳନ ମାଧ୍ୟମରେ ଦୃଢ଼ ଦାବି କରାଯାଇଥିଲା ।ଏଥିରେ ଜନପ୍ରତିନିଧି ମାନେ ସଫଳ ହୋଇଥିଲେ ।

ବନ ମହୋତ୍ସବ ସପ୍ତାହ ଅବସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଗଜପତି ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ

ପାରଳାଖେମୁଣ୍ଡି, ୦୨/୦୭(ଆ.ପ୍ର): ବୁଧବାର ସନ୍ଧ୍ୟା ୫.୦୦ ଘଟିକାରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ (ଡିଏଲଏସଏ), ଗଜପତି ପକ୍ଷରୁ ଗଜପତି ସିଭିଲ କୋର୍ଟ ପରିସରରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମରେ ମାନ୍ୟବର ଜିଲ୍ଲା ଜୌରାଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ , ଅଧ୍ୟକ୍ଷ ଶ୍ରୀ ଜଗଦୀଶ ପ୍ରସାଦ ମହାନ୍ତି ବୃକ୍ଷରୋପଣ କରି ବନ ମହୋତ୍ସବ ସପ୍ତାହର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ପରିବାର ଅଦାଲତର ବିଚାରପତି ଡ଼ଃ ଜୀବନଜ୍ୟୋତି ରଥ, ଅତିରିକ୍ତ ଜିଲ୍ଲା ଦୌରାଜଜ୍ (ସ୍ୱତନ୍ତ୍ର ଅଦାଲତ) ସତ୍ୟନାରାୟଣ ପାତ୍ର, ଅତିରିକ୍ତ ଜିଲ୍ଲା ଦୌରାଜଜ୍ ହର ପ୍ରସାଦ ପଟ୍ଟନାୟକ, ଚିଫ ଜୁଡ଼ିସିଆଲ ମାଜିଷ୍ଟ୍ରେଟ, ଗଜପତି, ସ୍ୱପ୍ନଶ୍ରୀ ନାୟକ, ସିଭିଲ ଜଜ୍ (ବରିଷ୍ଠ ବିଭାଗ) ସୁଦାମ ଚରଣ ଦାଶ, ସିଭିଲ କୋର୍ଟ ରେଜିଷ୍ଟ୍ରାର ସତ୍ୟବ୍ରତ ରଣା, ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଗଜପତି ସଚିବ ବିମଳ ରାଉଳ ଏବଂ କେଏମଏଫସି, ପାରଳାଖେମୁଣ୍ଡି ସତ୍ୟଜିତ ପାଣି ବୃକ୍ଷରୋପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଗଜପତି ବନ ବିଭାଗର ସହକାରୀ ବନ ସଂରକ୍ଷକ, ରେଞ୍ଜର ତଥା ଅନ୍ୟାନ୍ୟ ବନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ବୃକ୍ଷରୋପଣରେ ସକ୍ରିୟ ଅଂଶଗ୍ରହଣ କରିଥିଲେ ।

ଆରମ୍ଭ
SEITHO ARAMBHA

ଟିପିଏନ୍ଓଡିଏଲ୍ ପକ୍ଷରୁ 'ଡିଜିଟାଲ୍ ଇଣ୍ଡିଆ ଦିବସ' ଅବସରରେ ଡିଜିଟାଲ୍ ସଚେତନତା ଅଭିଯାନର ଶୁଭାରମ୍ଭ

ବାଲେଶ୍ୱର, ୦୨/୦୭ (ଆ.ପ୍ର) : ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ 'ଟିପି ନର୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍' (ଟିପିଏନ୍ଓଡିଏଲ୍) ପକ୍ଷରୁ ଡିଜିଟାଲ୍ ଇଣ୍ଡିଆ ଦିବସ ଅବସରରେ 'ଆକ୍ସିଲେରେଟିଙ୍ଗ୍ ଦି ଡିଜିଟାଲ୍ ଜର୍ଣ୍ଣି' (ଡିଜିଟାଲ୍ ଯାତ୍ରାକୁ ତ୍ୱରାନ୍ୱିତ କରିବା) ଶୀର୍ଷକ ମାସବ୍ୟାପୀ ସଚେତନତା ଅଭିଯାନର ଆନୁଷ୍ଠାନିକ ଶୁଭାରମ୍ଭ ହୋଇଯାଇଛି । ଉତ୍ତର ଓଡ଼ିଶାରେ ବିଦ୍ୟୁତ ସେବା କ୍ଷେତ୍ରରେ ଡିଜିଟାଲ୍ ରୂପାନ୍ତରଣକୁ ତ୍ୱରାନ୍ୱିତ କରିବା, କାର୍ଯ୍ୟକ୍ଷେତ୍ରରେ ଉତ୍କର୍ଷତା ଆଣିବା ଏବଂ ଗ୍ରାହକ ଓ କର୍ମଚାରୀ ଉଭୟଙ୍କ ପାଇଁ ସେବା ଅନୁଭୂତିକୁ ଅଧିକ ସୁଦୃଢ କରିବା ଏହି ବ୍ୟାପକ ଅଭିଯାନର ମୂଳ ଲକ୍ଷ୍ୟ । ଏହି ସ୍ୱତନ୍ତ୍ର ଅଭିଯାନକୁ ଟିପିଏନ୍ଓଡିଏଲ୍ ର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ (ସିଇଓ) ଦୁଷ୍ମନ୍ତ କୁମାର ତ୍ୟାଗୀ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଛନ୍ତି । ଏହି ଅବସରରେ ପରିଚାଳନା ସେବା ମୁଖ୍ୟ ନୀଲେଶ ପୋଟଫୋଡ଼େ, ସିଏଫ୍ଓ ସିଲାଦିତ୍ୟ ସେନଗୁପ୍ତା, ପ୍ରକଳ୍ପ ମୁଖ୍ୟ ପ୍ରଦୀପ କୁମାର ମହାନ୍ତି, ଚିଫ୍ ଇଞ୍ଜିନିୟର ରାଜୀବ କୁମାର ନାୟକ ତଥା ଆଇଟି ଓ ଓଟି ସେବା ମୁଖ୍ୟ ରାଜୀବ କୁମାର ଗୋଏଲଙ୍କ ସମେତ କମ୍ପାନୀର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଉଦ୍ଘାଟନୀ ଅଧିବେଶନରେ ଶ୍ରୀ ତ୍ୟାଗୀ କମ୍ପାନୀର ରଣନୀତିକ ଦୂରଦୃଷ୍ଟି ସମ୍ପର୍କରେ ଆଲୋକପାତ କରିବା ସହ ଭବିଷ୍ୟତର ଆବଶ୍ୟକତାକୁ ପୂରଣ କରୁଥିବା ଏକ ଉପଭୋକ୍ତା-କୈନ୍ଦ୍ରିକ ବିଦ୍ୟୁତ ବିତରଣ ନେଟୱର୍କ ଗଠନ ପାଇଁ ଟିପିଏନ୍ଓଡିଏଲ୍‌ର ପ୍ରତିବଦ୍ଧତାକୁ ଦୋହରାଇଥିଲେ । ସେ କହିଥିଲେ ଯେ ପରିଚାଳନା, ସୁରକ୍ଷା, ବ୍ୟବସାୟିକ ତଥା ଉପଭୋକ୍ତା ସେବା କ୍ଷେତ୍ରରେ ଡିଜିଟାଲ୍ ମାଧ୍ୟମର ସଫଳ ବ୍ୟବହାର ପୂର୍ବକ ଉପଭୋକ୍ତାଙ୍କୁ ସରଳ, ସୁବିଧାଜନକ ଏବଂ ଗୁଣାତ୍ମକ ସେବା ଯୋଗାଇ ଦେବା ନେଇ କମ୍ପାନୀ ନିରନ୍ତର ଚେଷ୍ଟାରତ ରହିଛି । ଏହି ମାସବ୍ୟାପୀ ଅଭିଯାନ ମାଧ୍ୟମରେ ଟିପିଏନ୍ଓଡିଏଲ୍ ନିଜସ୍ୱ କର୍ମଚାରୀ ତଥା ଉପଭୋକ୍ତାଙ୍କ ପାଇଁ ଡିଜିଟାଲ ସଚେତନତା କାର୍ଯ୍ୟକ୍ରମ ଏବଂ ଅନଲାଇନ୍ ସେବା ପ୍ଲାଟଫର୍ମର ଉପଯୋଗୀତା ବିଷୟରେ ବ୍ୟାପକ ପ୍ରଚାରପ୍ରସାର କରିବାର ଯୋଜନା ରଖିଛି । ବିଦ୍ୟୁତ ଦେୟ ପଇଠ, ନୂତନ ବିଦ୍ୟୁତ ସଂଯୋଗ, ସେବା ସମ୍ବନ୍ଧୀୟ ଅନୁରୋଧ ଏବଂ ଅଭିଯୋଗ ପଞ୍ଜିକରଣ ଭଳି ଗୁରୁତ୍ୱପୂର୍ଣ୍ଣ ସେବା ପାଇଁ ଗ୍ରାହକମାନଙ୍କୁ ଡିଜିଟାଲ୍ ମାଧ୍ୟମ ଆପଣେଇବାକୁ ପ୍ରୋତ୍ସାହିତ କରିବା ସହ ଏ ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ପାଇଁ କମ୍ପାନୀ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛି ଓ ଆଭ୍ୟନ୍ତରୀଣ କାର୍ଯ୍ୟଦକ୍ଷତାକୁ ମଜବୁତ କରିବା ଏବଂ ଡିଜିଟାଲ୍ ରୂପାନ୍ତରଣକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ଟିପିଏନ୍ଓଡିଏଲ୍ ନିଜସ୍ୱ ଏବଂ ସହଯୋଗୀ ସଂସ୍ଥା କର୍ମଚାରୀଙ୍କ ପାଇଁ ସ୍ୱତନ୍ତ୍ର ସଚେତନତା ଶିବିର ଆୟୋଜନର ମଧ୍ୟ ଯୋଜନା ରଖିଛି । ଏହି ଅଭିଯାନ ବିଦ୍ୟୁତ ବିତରଣ କ୍ଷେତ୍ରରେ ଡିଜିଟାଲ୍ ସାକ୍ଷରତାକୁ ଆହୁରି ସୁଦୃଢ କରିବା ସହ ଉପଭୋକ୍ତାଙ୍କ ପାଇଁ ବିଶେଷ ଲାଭପ୍ରଦ ହେବ ତଥା ଉତ୍ତର ଓଡ଼ିଶାବାସୀଙ୍କୁ ଗୁଣାତ୍ମକ ତଥା ନିର୍ଭରଯୋଗ୍ୟ ସେବା ଯୋଗାଇବାରେ ମଧ୍ୟ ସହାୟକ ହୋଇପାରିବ ।

ଉଦ୍ୟମୀ ଓଡ଼ିଶା ଏମ୍ଏସ୍ଏମ୍ଇ କାର୍ଯ୍ୟକ୍ରମ ଉଦ୍‌ଯାପିତ

ଶିକ୍ଷା ଓ ଉଦ୍ୟୋଗର ସମନ୍ୱୟ ହିଁ ଆତ୍ମନିର୍ଭର ଓଡ଼ିଶାର ମୂଳ ଆଧାର : କୁଳପତି ଡ ସନ୍ତୋଷ ତ୍ରିପାଠୀ

ବାଲେଶ୍ୱର, ୦୨/୦୭ (ଆ.ପ୍ର) : ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍ଏସ୍ଏମ୍ଇ) କ୍ଷେତ୍ରର ବିକାଶ, ନୂତନ ଉଦ୍ୟୋଗୀ ସୃଷ୍ଟି ଏବଂ ଯୁବପିଢ଼ୀଙ୍କ ମଧ୍ୟରେ ଉଦ୍ୟୋଗିତା ପ୍ରତି ଆଗ୍ରହ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଜିଲ୍ଲା ଶିଳ୍ପ କେନ୍ଦ୍ର, ବାଲେଶ୍ୱର ଆନୁକୂଲ୍ୟରେ ଆୟୋଜିତ ପାଂଚଦିନିଆ 'ଉଦ୍ୟମୀ ଓଡ଼ିଶା ଏମ୍ଏସ୍ଏମ୍ଇ କାର୍ଯ୍ୟକ୍ରମ' ସ୍ଥାନୀୟ ନୋର୍ସି ବିଜନେସ୍ ପାର୍କଠାରେ ଗତକାଲି ଉଦ୍‌ଯାପିତ ହୋଇଯାଇଛି । ଗତ ୨୭ ଜୁନ୍‌ରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବ୍ଲକର ଉଦ୍ୟୋଗୀ, ଷ୍ଟାର୍ଟଅପ୍ ପ୍ରତିଷ୍ଠାତା, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ, ଛାତ୍ରଛାତ୍ରୀ ଓ ଉଦ୍ୟୋଗ ସ୍ଥାପନାରେ ଆଗ୍ରହୀ ଯୁବକ-ଯୁବତୀମାନେ ବହୁ ସଂଖ୍ୟାରେ ଅଂଶଗ୍ରହଣ କରିଥିଲେ । ଉଦ୍‌ଯାପନୀ ସମାରୋହରେ ଫକୀର ମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ସନ୍ତୋଷ ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ଶିକ୍ଷା ଓ ଉଦ୍ୟୋଗ ପରସ୍ପରର ପରିପୂରକ । ଉଚ୍ଚଶିକ୍ଷା ସହ ଉଦ୍ୟୋଗିକ ଦକ୍ଷତା, ନବସୃଜନ ଓ ଗବେଷଣାର ସମନ୍ୱୟ ଦ୍ୱାରା ଯୁବପିଢ଼ୀ କେବଳ ନିଜ ପାଇଁ ନୁହେଁ, ଅନ୍ୟମାନଙ୍କ ପାଇଁ ମଧ୍ୟ ରୋଜଗାରର ସୁଯୋଗ ସୃଷ୍ଟି କରିପାରିବେ । ସେ ଛାତ୍ରଛାତ୍ରୀମାନଙ୍କୁ ଚାକିରି ଅପେକ୍ଷା ଉଦ୍ୟୋଗୀ ହେବା ପାଇଁ ମାନସିକତା ଗଢ଼ି ତୋଳିବା ସହ ସରକାରଙ୍କ ବିଭିନ୍ନ ଉଦ୍ୟୋଗପ୍ରୋତ୍ସାହନ ଯୋଜନାର ସୁଯୋଗ ନେବାକୁ ଆହ୍ୱାନ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ନୋର୍ସିର ସଭାପତି ପି. କେ. ଡାଲେ, ବାଲେଶ୍ୱର ଚେମ୍ବର ଅଫ୍ ଇଣ୍ଡଷ୍ଟ୍ରିଜ୍ ଆଣ୍ଡ କମର୍ସର ସଭାପତି ସଞ୍ଜୟ ଦାସ ଏବଂ ବାଲେଶ୍ୱର ଜିଲ୍ଲାର ଅଗ୍ରଣୀ ଜିଲ୍ଲା ପ୍ରବନ୍ଧକ, ୟୁକୋ ବ୍ୟାଙ୍କ, ମୋତିଲାଲ ଶାହା ଯୋଗଦେଇ ବର୍ତ୍ତମାନ ସମୟରେ ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା ପାଇଁ ଅନୁକୂଳ ପରିବେଶ, ସରକାରଙ୍କ ବିଭିନ୍ନ ପ୍ରୋତ୍ସାହନ ନୀତି, ବ୍ୟାଙ୍କ ଋଣ ସୁବିଧା, ବଜାର ସଂଯୋଗ ଓ ଉଦ୍ୟୋଗୀମାନଙ୍କ ସମ୍ମୁଖୀନ ଆହ୍ୱାନ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ନୂତନ ଉଦ୍ୟୋଗୀମାନେ ସରକାରୀ ସହାୟତାର ସଠିକ୍ ଉପଯୋଗ କରି ଆତ୍ମନିର୍ଭର ହେବା ସହ ଅନ୍ୟମାନଙ୍କୁ ମଧ୍ୟ କର୍ମସଂସ୍ଥାନ ଯୋଗାଇପାରିବେ ବୋଲି ସେମାନେ ମତ ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମର ପ୍ରାରମ୍ଭରେ ଜିଲ୍ଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ ସୂର୍ଯ୍ୟକାନ୍ତ ବେହେରା ସ୍ୱାଗତ ଭାଷଣ ଦେଇ ପାଂଚଦିନିଆ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ, ବିଭିନ୍ନ ଅଧିବେଶନ, ପ୍ରଶିକ୍ଷଣ, ଉଦ୍ୟୋଗୀମାନଙ୍କ ସହ ଆଲୋଚନା ଏବଂ ଯୁବପିଢ଼ୀଙ୍କୁ ଉଦ୍ୟୋଗ ମୁଖୀ କରିବା ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ । ସେ କହିଥିଲେ ଯେ, ଏହି କାର୍ଯ୍ୟକ୍ରମ ମାଧ୍ୟମରେ ବହୁ ସଂଖ୍ୟକ ନୂତନ ଉଦ୍ୟୋଗୀ ସରକାରଙ୍କ ବିଭିନ୍ନ ଯୋଜନା, ଆର୍ଥିକ ସହାୟତା ଓ ବଜାର ସୁଯୋଗ ସମ୍ପର୍କରେ ସଚେତନ ହୋଇଛନ୍ତି । ଏହି ଅବସରରେ ଫକୀର ମୋହନ ବିଶ୍ୱବିଦ୍ୟାଳୟରେ ଆୟୋଜିତ ପ୍ରବନ୍ଧ, ବିତର୍କ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତାର ୮ ଜଣ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା । ସେହିପରି ବାଲେଶ୍ୱର ଜିଲ୍ଲାର ପ୍ରତ୍ୟେକ ବ୍ଲକରୁ ଜଣେ ଲେଖାଏଁ ସଫଳ ଉଦ୍ୟୋଗୀଙ୍କୁ ସେମାନଙ୍କର ଉଦ୍ୟୋଗ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ସମ୍ମାନ ପ୍ରଦାନ ମାଧ୍ୟମରେ ନୂତନ ଉଦ୍ୟୋଗୀମାନଙ୍କୁ ପ୍ରେରଣା ଯୋଗାଇବା ସହ ସ୍ଥାନୀୟ ସଫଳ ଉଦ୍ୟୋଗୀମାନଙ୍କ ଅଭିଜ୍ଞତାକୁ ସମାଜ ସମ୍ମୁଖରେ ଉପସ୍ଥାପନ କରାଯାଇଥିଲା । ପାଂଚଦିନିଆ କାର୍ଯ୍ୟକ୍ରମରେ ଶିଳ୍ପ ସ୍ଥାପନା ପ୍ରକ୍ରିୟା, ଏମ୍ଏସ୍ଏମ୍ଇ ପଞ୍ଜୀକରଣ, ସରକାରୀ ପ୍ରୋତ୍ସାହନ, ବ୍ୟାଙ୍କ ଋଣ, ବିପଣନ, ଡିଜିଟାଲ୍ ବ୍ୟବସାୟ, ଖାଦ୍ୟ ପ୍ରକ୍ରିୟାକରଣ, ଷ୍ଟାର୍ଟଅପ୍ ଏବଂ ରପ୍ତାନିର ସମ୍ଭାବନା ଆଦି ବିଷୟରେ ବିଶେଷଜ୍ଞମାନଙ୍କ ଦ୍ୱାରା ବିଭିନ୍ନ ବୈଷୟିକ ଅଧିବେଶନ ଅନୁଷ୍ଠିତ ହୋଇଥିଲା । ଏହା ଜିଲ୍ଲାର ଉଦ୍ୟୋଗ ବିକାଶ ଦିଗରେ ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ମତ ପ୍ରକାଶ ପାଇଥିଲା । ସହକାରୀ ଶିଳ୍ପ ଅଧିକାରୀ ପୂର୍ଣ୍ଣେନ୍ଦୁ କର ଧନ୍ୟବାଦ ଜ୍ଞାପନ କରିଥିବାବେଳେ ସହକାରୀ ପରିଚାଳକ ଅକ୍ଷୟ ଦାସ ସମଗ୍ର କାର୍ଯ୍ୟକ୍ରମକୁ ସୁଚାରୁରୂପେ ସଂଚାଳନ କରିଥିଲେ । କାର୍ଯ୍ୟକ୍ରମର ସଫଳ ଆୟୋଜନରେ ମମତା ପରିଡ଼ା, କ୍ଷୀତିଶ ପଣ୍ଡା, ଅମୃତ ମହାନ୍ତ, ସନ୍ଧ୍ୟାରାଣୀ ଦାସ, ଅଜିତ ସିଂ, ଅମରଜ୍ୟୋତି କବି, ଅଂଶୁମାନ ବେହେରା, ଅଭିଷେକ ଜେନା, ଭବାନୀ ଶଙ୍କର ପାତ୍ର, ସତ୍ୟବ୍ରତ ନାୟକ, ସମୀକ୍ଷା ସେନାପତି, ରାହୁଲ ହାଁସଦା ଓ ରମାକାନ୍ତ ବେହେରାଙ୍କ ସମେତ ଜିଲ୍ଲା ଶିଳ୍ପ କେନ୍ଦ୍ରର ସମସ୍ତ ଅଧିକାରୀ ଓ କର୍ମଚାରୀ ସକ୍ରିୟ ସହଯୋଗ କରିଥିଲେ । ଏହି ପାଂଚଦିନିଆ କାର୍ଯ୍ୟକ୍ରମରେ ଶତାଧିକ ଉଦ୍ୟୋଗୀ, ଶିଳ୍ପପ୍ରେମୀ, ଛାତ୍ରଛାତ୍ରୀ ଓ ବିଭିନ୍ନ ଅନୁଷ୍ଠାନର ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମଟି ଜିଲ୍ଲାରେ ଉଦ୍ୟୋଗିତାର ପ୍ରସାର, ନୂତନ ଉଦ୍ୟୋଗ ସୃଷ୍ଟି ଏବଂ ଆତ୍ମନିର୍ଭର ଓଡ଼ିଶା ଗଠନ ଦିଗରେ ଏକ ସଫଳ ପ୍ରୟାସ ଭାବେ ପରିଗଣିତ ହୋଇଛି ।

ସ୍ୱାସ୍ଥ୍ୟ ସେବାର ଅଚଳାବସ୍ଥା ଦୂର ପାଇଁ ସରକାର ସହାନୁଭୂତିଶୀଳ ହୁଅନ୍ତୁ : ସିପିଏମ୍

ଜଳେଶ୍ୱର, ୦୨/୦୭ (ଆ.ପ୍ର) : ଓଡ଼ିଶା ମେଡିକାଲ ସର୍ଭିସ ଆସୋସିଏସନ ଓ ସରକାରଙ୍କ ଜିଦ୍ ଯୋଗୁଁ ରାଜ୍ୟର ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଅଚଳାବସ୍ଥା ସୃଷ୍ଟି ହୋଇଛି । ଡାକ୍ତରମାନେ ଚିକିତ୍ସା ବର୍ଜନ ଡାକରା ଦେଇ ଆନ୍ଦୋଳନକୁ ଓହ୍ଲାଇଛନ୍ତି । ଫଳରେ ପ୍ରାଥମିକ ଚିକିତ୍ସା କେନ୍ଦ୍ର ଠାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସବୁଠି ରୋଗୀ ଚିକିତ୍ସା ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି । ରୋଗୀମାନେ ଚିକିତ୍ସିତ ହୋଇ ନପାରି ହନ୍ତସନ୍ତ ହେଉଛନ୍ତି । ଗୁରୁତର ରୋଗରେ ପୀଡିତ ଲୋକଙ୍କର ଜୀବନ ବିପନ୍ନ ହେବାକୁ ବସିଛି । ମାତ୍ର ସରକାର ଆଲୋଚନା ମାଧ୍ୟମରେ ଡାକ୍ତରମାନଙ୍କର ଦାବୀ ଗୁଡ଼ିକୁ ପୂରଣ କରିବା ପରିବର୍ତ୍ତେ ଏସମା ଲଗାଇବାକୁ ଧମକ ଦେଉଛନ୍ତି । ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ସରକାରୀ ସ୍ୱାସ୍ଥ୍ୟ ସେବା ଉପରେ ନିର୍ଭର କରୁଥିବା ଲୋକମାନେ ଚାହୁଁଛନ୍ତି ଏଭଳି ଅଚଳାବସ୍ଥା ତୁରନ୍ତ ଦୂର ହେଉ । ସରକାର ସହାନୁଭୂତିଶୀଳ ହୁଅନ୍ତୁ । ହେଲେ ସରକାର ବାସ୍ତବ ଚିତ୍ର ବୁଝିବାରେ ଅସମର୍ଥ ବୋଲି ଭାରତର କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ) ତରଫରୁ ଅଭିଯୋଗ କରାଯାଇଛି । ସାମାନ୍ୟ ଥଣ୍ଡା ଜ୍ୱର ହେଲେ ଯେଉଁମାନେ ଘରୋଇ ହସ୍ପିଟାଲକୁ ଚିକିତ୍ସା ପାଇଁ ଯାଆନ୍ତି ସେମାନେ ମୁହଁରେ ସିନା ଲୋକଙ୍କ ସରକାର ବୋଲି ଡିଣ୍ଡିମ ପିଟନ୍ତି କିନ୍ତୁ ଅନ୍ତର ଭିତରେ ଘରୋଇ ଡାକ୍ତରଖାନାର ମାଲିକଙ୍କ ସ୍ୱାର୍ଥ ରକ୍ଷା ପାଇଁ କାମ କରନ୍ତି । ଏଭଳି ଜନବିରୋଧୀ ନୀତିରୁ ସରକାର ନିବୃତ୍ତ ରହି ତୁରନ୍ତ ସାଧାରଣ ଲୋକଙ୍କ ସ୍ୱାର୍ଥ ରକ୍ଷା ନିମିତ୍ତ ସରକାରୀ ଡ଼ାକ୍ତରଖାନାରେ କିପରି ସୁରୁଖୁରୁରେ ଲୋକେ ସ୍ୱାସ୍ଥ୍ୟସେବା ପାଇପାରିବେ ସେଥିପ୍ରତି ଯତ୍ନବାନ ହୁଅନ୍ତୁ । ସିପିଏମର ଜଳେଶ୍ୱର ଆଂଚଳିକ କମିଟି ତରଫରୁ ଆଂଚଳିକ କମିଟି ସମ୍ପାଦକ ଅକ୍ଷୟ କୁମାର ମିଶ୍ର, ବାମପନ୍ଥୀ ନେତା ଦିଲ୍ଲୀପ କୁମାର ଗିରି, ଦିପ୍ତିମାନ ଆଚାର୍ଯ୍ୟ, ରବିନ୍ଦ୍ର ବାରିକ, ପଲ୍ଟୁ ଦାସ ଓ ପୂର୍ବତନ ସରପଂଚ ଦିଲ୍ଲୀପ ପରିଡ଼ା ଏକ ମିଳିତ ପ୍ରେସ ବିବୃତିରେ ଦାବୀ କରିଛନ୍ତି ସରକାର ନିଜ ଜିଦରୁ ଓହରି ଆସି ଡାକ୍ତରମାନଙ୍କ ସହିତ ଆଲୋଚନା କରି ସମସ୍ୟା ସମାଧାନ କରନ୍ତୁ ଓ ସୃଷ୍ଟି ହୋଇଥିବା ଅଚଳାବସ୍ଥା ଦୂର କରନ୍ତୁ । ନଚେତ୍ ଲୋକମାନେ ମଧ୍ୟ ରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବେ ।

ସିପିଆଇଏମ ନୀଳଗିରି ଆଂଚଳିକ କମିଟି ପକ୍ଷରୁ ସରକାରଙ୍କୁ ଚେତାବନୀ

ନୀଳଗିରି, ୦୨/୦୭ (ଆ.ପ୍ର) : ଦୁଇ ଦିନ ଧରି ଡାକ୍ତର ମାନଙ୍କ ଧର୍ମଘଟ ଫଳରେ ସାରା ରାଜ୍ୟରେ ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ ହୋଇ ପଡିଛି । ଏହାର ପ୍ରଭାବ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟ ଉପରେ ମଧ୍ୟ ପଡିଛି । ନୀଳଗିରି ଗୋଟିଏ ଆଦିବାସୀ ଅଧ୍ୟୁଷିତ ଅଂଚଳ ହୋଇଥିବାରୁ ଲୋକ ମାନେ ବହୁ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି । ଏହାର ପ୍ରତିକାର ପାଇଁ ଯଥା ଶୀଘ୍ର ପଦକ୍ଷେପ ନେବାପାଇଁ ଭାରତର କମ୍ୟୁନିଷ୍ଟ ପାର୍ଟୀ ମାର୍କ୍ସବାଦୀ ନୀଳଗିରି ଆଂଚଳିକ କମିଟି ତରଫରୁ ସରକାରଙ୍କୁ ଅନୁରୋଧ କରାଯାଇଛି । ଉକ୍ତ ଘଟଣାକୁକୁ ସରକାର ଗୁରୁତର ଭାବେ ନେଇ ଯଥା ଶୀଘ୍ର ପୂରଣ ନ କଲେ ଦଳ ରାଜ୍ ରାସ୍ତାକୁ ଆସିବାକୁ ବାଧ୍ଯ ହେବ ବୋଲି ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଭ୍ୟ ବିଜୟ କୁମାର ପାତ୍ର ସରକାରଙ୍କୁ ଚେତାବନୀ ଦେଇଛନ୍ତି । ଆଜି ଏକ ପ୍ରତିନିଧି ଦଳ ଉପଖଣ୍ଡ ଚିକିତ୍ସାଳୟ ରେ ପ୍ରତିବାଦ ସଭା କରିଥିଲେ । ପ୍ରତିବାଦ ସଭାରେ ଗଙ୍ଗାଧର ମହାପାତ୍ର, ରମାକାନ୍ତ ଖଡଙ୍ଗା, ହେମେନ୍ଦ୍ର ସେଠୀ, ଅମରେନ୍ଦ୍ର ନାୟକ, ପ୍ରଦୀପ ମିଶ୍ର, ମଂଟୁ ପତି ସମେତ ବହୁ ସାଥୀ ଉପସ୍ଥିତ ଥିଲେ ।

ବଣିଆଡିହା ପଂଚାୟତରେ କଂଗ୍ରେସର ସାଂଗଠନିକ ବୈଠକ

କମଳାକାନ୍ତ ନୂତନ ସଭାପତି ନିର୍ବାଚିତ

ଲକ୍ଷଣେଶ୍ୱର, ୦୨/୦୭ (ଆ.ପ୍ର) : ବାଲିଆପାଳ ବ୍ଲକ ଅନ୍ତର୍ଗତ ବଣିଆଡିହା ପଂଚାୟତ କଂଗ୍ରେସର ସାଂଗଠନିକ ବୈଠକ ଗତ ୧ତାରିଖ ସନ୍ଧ୍ୟାରେ ଲକ୍ଷଣେଶ୍ୱର ନିମାଇଁ ଚରଣ ରାଉତଙ୍କ ବାସଭବନରେ ଅନୁଷ୍ଠିତ ହୋଇଯାଇଛି । ବସ୍ତା ନିର୍ବାଚନ ମଣ୍ଡଳୀ ନେତା ତଥା ବାଲିଆପାଳ ପଂଚାୟତ ସମିତିର ପୂର୍ବତନ ଚେୟାରମେନ ବିଜୟ କୁମାର ନାୟକ ବୈଠକ ରେ ଯୋଗଦେଇ ସଂଗଠନକୁ କିଭଳି ମଜବୁତ୍ କରାଯିବ ସେ ବାବଦରେ ଆଲୋଚନା କରିଥିଲେ । ଆଗାମୀ ପଂଚାୟତ ନିର୍ବାଚନର ଦଳୀୟ ପ୍ରାର୍ଥୀ ମାନେ ବିପୁଳ ବିଜୟ ପାଇଁ ରଣ କୌଶଳ ପ୍ରସ୍ତୁତ କରାଯାଇଥିଲା । ବୈଠକରେ କମଳାକାନ୍ତ ଦାସ

ନୂତନ ସଭାପତି ଭାବେ ନିର୍ବାଚିତ ହୋଇଥିଲେ । ଉପସଭାପତି ଭାବେ ପ୍ରଶାନ୍ତ କୁମାର ଜେନା, ପର୍ଶୁରାମ ଜେନା, ଅମୂଲ୍ୟ ପଟାୟତ, ପ୍ରଦୀପ ଜେନା ନିର୍ବାଚିତ ହୋଇଥିଲେ । ଏଥିରେ ରାଇପୁର ବୋଥ ସଭାପତି ଭାବେ ପିତାମ୍ବର ଜେନା, ସମ୍ପାଦକ ରତ୍ନାକର ଜେନା, ଲକ୍ଷଣେଶ୍ୱର ବୋଥ ସଭାପତି ପ୍ରଦୀପ ସାମନ୍ତ, ସମ୍ପାଦକ ସୁଶାନ୍ତ ମହାନ୍ତି, ଗଜ୍ଞା ବୋଥ ପାଇଁ ସଭାପତି ରତ୍ନାକର ବାରିକ, ସମ୍ପାଦକ ଶୁକଦେବ ଗାଣ ଓ ବଣିଆଡିହା ବୋଥ ସଭାପତି ନିରଞ୍ଜନ ସାହୁ, ସମ୍ପାଦକ ସତ୍ୟରଞ୍ଜନ ଦାସ ନିର୍ବାଚିତ ହେଲେ । ବୈଠକରେ ସ୍ଥାନୀୟ ସରପଂଚ କାଳୀ ଚରଣ ଜେନା, ଯୁବ ନେତା ଜଗତ ଜୀବନ ଦାସ ଯୋଗଦେଇ ସଂଗଠନ ଅଭିବୃଦ୍ଧି ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ । ବଣିଆଡିହା କଂଗ୍ରେସକୁ ସୁଦୃଢ଼ କରିବାପାଇଁ ଉପଦେଷ୍ଟା ଭାବେ ମନୋରଞ୍ଜନ ପାତ୍ର, ରଘୁନାଥ ସାମଲ, ପୂର୍ଣ୍ଣଚନ୍ଦ୍ର ଦଳାଇ, ଭୂପେନ୍ଦ୍ର ପାତ୍ର, ବିଭୂତି ଦାସ, ରତ୍ନାକର ପଟ୍ଟାୟତ ନିର୍ବାଚିତ ହୋଇଥିଲେ ।

ବିଶିଷ୍ଟ ରାଜନେତା ତଥା ବରିଷ୍ଠ ଆଇନଜୀବି ଚିତରଞ୍ଜନ ଚୌଧୁରୀଙ୍କ ହୃଦଘାତରେ ପରଲୋକ

ନୀଳଗିରି, ୦୨/୦୭ (ଆ.ପ୍ର) : ନୀଳଗିରି ନିର୍ବାଚନ ମଣ୍ଡଳୀର ବିଶିଷ୍ଟ ରାଜନେତା ତଥା ଆଇନଜୀବୀ ଚିତରଞ୍ଜନ ଚୌଧୁରୀଙ୍କ ୭୧ବର୍ଷରେ ପରଲୋକ ହୋଇଯାଇଛି । ଗତ ଦୁଇମାସଧରି ବିଭିନ୍ନରୋଗ, ବିଶେଷକରି କ୍ୟାନସର ଭଳି ମାରାତ୍ମକ ରୋଗରେ ପୀଡିତହୋଇ ଭୁବନେଶ୍ୱରସ୍ଥ ଉତ୍କଳ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ । କିଛିଦିନଧରି ଭେଂଟିଲେଟରରେ ଥିବାବେଳେ ବୁଧବାର ଜୁଲାଇ ୧ତାରିଖ ବୁଧବାର ନରଣପୁରକୁ ଅଣାଯାଇଥିବା ବେଳେ ରାତ୍ରି ୧୦.୮ ମିନିଟ ସମୟରେ ସେ ଇହଲୀଳା ସମ୍ବରଣ କରିଛନ୍ତି । ୧୯୫୬ ମସିହା ଜାନୁଆରି ୪ତାରିଖ ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ୍ ନରଣପୁର ଗ୍ରାମର ସମ୍ଭ୍ରାନ୍ତବଂଶୀୟ ତତ୍କାଳୀନ ବିଶିଷ୍ଟ ଆଇନଜ୍ଞ ରାମଚନ୍ଦ୍ର ଚୌଧୁରୀ ଏବଂ ମାତା ହେମଲତା ଚୌଧୁରୀଙ୍କ କୋଳମଣ୍ଡନ କରିଥିବା ଚିତରଞ୍ଜନ ଆଇନବିଦ୍ୟାରେ ଅଧ୍ୟୟନକରି ପରବର୍ତ୍ତୀ ସମୟରେ ସରକାରୀ ଓକିଲଭାବରେ

ବେଶ ସୁନାମଅର୍ଜନ କରିଥିଲେ । ପରେ ରାଜନୀତିରେ ରୁଚି ରଖିଥିବା ଚିତରଞ୍ଜନ କଂଗ୍ରେସଦଳର ନୀଳଗିରି ବ୍ଲକ୍ ଅଧ୍ୟକ୍ଷଭାବରେ ଦଳୀୟ ସଙ୍ଗଠନକୁ ମଜଭୁତ କରିବାରେ ସକ୍ଷମ ହୋଇପାରିଥିଲେ । କଂଗ୍ରେସଦଳ ଦୁର୍ବଳ ହୋଇଥିଲେ ହେଁ ଭିନ୍ନଭିନ୍ନ ରାଜନୈତିକ ଦଳରେ ସାମିଲହୋଇ ଜନସାଧାରଣଙ୍କ ସେବାକରି ଚାଲିଥିଲେ । ଜଣେ ମିଷ୍ଟଭାଷୀ, ପରୋପକାରୀ, ହୃଦୟବାନ ଜନନେତା ହିସାବରେ ସେ ଅନେକ ସଂଗଠନ ସହିତ ଜଡ଼ିତହୋଇଥିବା ବେଳେ ତାଙ୍କ ନେତୃତ୍ୱରେ ନରଣପୁର ଗ୍ରାମରେ ଏକ ଉଚ୍ଚବିଦ୍ୟାଳୟ ପ୍ରତିଷ୍ଠା ହୋଇପାରିଥିଲା । ଏଥିସହିତ ନରଣପୁର ସାର୍ବଜନୀନ ଦୁର୍ଗାପୂଜା କମିଟିର ଆଜୀବନ ସଭାପତି, ସାଂସଦ ପ୍ରତିନିଧି, ମାଟିଆଳି ସମବାୟସମିତି ପର୍ଚେଜିଂ କମିଟି ସଦସ୍ୟ, ଭଳି ବହୁ ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହି ଲୋକଙ୍କୁ ସେବାଯୋଗାଇ ଆସୁଥିଲେ । ନୀଳଗିରି ଅଂଚଳରେ ବିଶିଷ୍ଟ ରାଜନେତା ଭାବରେ ପରିଚୟ ସୃଷ୍ଟିକରିଥିବା ସ୍ୱର୍ଗୀୟ ଚୌଧୁରୀଙ୍କ ମୃତ୍ୟୁ ଖବରପାଇ ନୀଳଗିରି କଂଗ୍ରେସଦଳର ନୀଳଗିରି ବ୍ଲକ କଂଗ୍ରେସ ସଭାପତି ତପନ ରାଉତ, ପୂର୍ବତନ ଉପାଧ୍ୟକ୍ଷ ନୀଳଗିରି ବ୍ଲକ ରାମକୃଷ୍ଣ ଜେନା, ଶତ୍ରୁଘନ ପୃଷ୍ଟି, ଚୈତନ୍ୟ ନାୟକ, ଯଶୋଦା ନନ୍ଦନ ସିଂହ ପ୍ରମୁଖ ବହୁନେତା, ବିଶିଷ୍ଟ ବ୍ୟକ୍ତିବିଶେଷ ନରଣପୁରସ୍ଥ ବାସଭବନରେ ଶେଷଦର୍ଶନ କରିଥିଲେ । ଗୁରୁବାର ସକାଳେ ଏକ ଶୋକାକୁଳ ପରିବେଶରେ ଶହଶହ ସଂଖ୍ୟାରେ ଶୁଭେଚ୍ଛୁ ଓ ଗ୍ରାମବାସୀ ଶବଶୋଭାଯାତ୍ରାରେ ଯାଇ ପୈତୃକବାଡ଼ିରେ ସଂସ୍କାର କରିଥିଲେ । ଦୁଇପୁଅଙ୍କ ମଧ୍ୟରୁ ସାନପୁଅ ଧନଞ୍ଜୟ ମୁଖାଗ୍ନି ଦେଇଥିବାବେଳେ ଅଂଚଳରେ ଶୋକାକୁଳ ପରିବେଶ ଦେଖିବାକୁ ମିଳିଥିଲା ।

ଦୁଇ ଛିନତାଇ ଲୁଟେରା ଗିରଫ, ସୁନା ଚେନ ଜବତ



ଯାଜପୁର, ୦୨/୦୭ (ଆ.ପ୍ର) : ଯାଜପୁର ସହରରେ ସନ୍ଧ୍ୟା ସମୟରେ ସହରର ମୁଖ୍ୟ ବ୍ୟବସାୟ କେନ୍ଦ୍ର ବଡ଼ବଜାର ଠାରେ ଦୁଇ ଲୁଟେରା ନିଶାସକ୍ତ ଅବସ୍ଥାରେ ମହିଳା ଜଣଙ୍କ ବେକରୁ ସୁନାଚେନ୍ ଛିଣ୍ଡାଇ ନେଇଥିବା ବେଳେ ସ୍ଥାନୀୟ ଯୁବକ ଏବଂ ସନ୍ଧ୍ୟା ସମୟରେ ପେଟ୍ରୋଲିଙ୍ଗ୍ କରୁଥିବା ଯାଜପୁର ଟାଉନ୍ ଥାନା ଅଧିକାରୀ ଶରତ କୁମାର ନାୟକ ମିଶି ଲୁଟେରା ଦୁଇଙ୍କୁ କାବୁ କରିଥିଲେ । ପରେ ଦୁଇ ଲୁଟେରାଙ୍କୁ ଥାନା ଅଧିକାରୀ ଶରତ କୁମାର ନାୟକ ଥାନାକୁ ନେଇଥିଲେ ।

ଆଇନଜିବୀ ଚିତରଞ୍ଜନ ଚୌଧୁରୀଙ୍କ ବିୟୋଗ

ନୀଳଗିରି, ୦୨/୦୭ (ଆ.ପ୍ର) : ଗୁରୁବାର ଅପରାହ୍ନ ୪ଘଟିକା ସମୟରେ ନୀଳଗିରି ଉପଖଣ୍ଡ ଓକିଲସଂଘ କାର୍ଯ୍ୟାଳୟ ପରିସରରେ ବରିଷ୍ଠ ଆଡଭୋକେଟ ସ୍ୱର୍ଗତ ଚିତରଞ୍ଜନ ଚୌଧୁରୀଙ୍କ ତିରୋଧାନରେ ସଂଘର ସଭାପତି ଚିତରଞ୍ଜନ ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଶୋକସଭାରେ ସଂଘର ଉପସଭାପତି ଗୌରହରି ବେହେରା, ଯତୀନ୍ଦ୍ର ନାୟକ, ସମ୍ପାଦକ କିଶୋର କୁମାର ଦାସ, ସହ ସମ୍ପାଦକ ସୁରେଶଚନ୍ଦ୍ର ବାରିକ, କୋଷାଧ୍ୟକ୍ଷ ଦେବେନ୍ଦ୍ର ଦାସ, ବିଘ୍ନେଶ୍ୱର ବାରିକ , ବରିଷ୍ଠ ଆଇନଜୀବି ନିଳିମା ବାରିକ, ଜୟନ୍ତ ସ, ଶକ୍ତିଲତା ମିଶ୍ର, ସାଗରିକା ଷଡ଼ଙ୍ଗୀ, ପ୍ରଶାନ୍ତ ମଲ୍ଲିକ, ବିକ୍ରମ ମାଝୀ, କାହ୍ନୁରଞ୍ଜନ ମାଝୀ, ତନୟ ପାତ୍ର, ତନୁସ୍ମିତା ମହାଳିକ, ପ୍ରତାପଦେବ ନାୟକ ପ୍ରମୁଖ ବହୁ ଆଇନଜୀବୀ ସ୍ୱର୍ଗତ ଚୌଧୁରୀଙ୍କ ଜୀବନୀ ଏବଂ କର୍ମମୟ ଜୀବନ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ତାଙ୍କର ଅମରଆତ୍ମାର ସଦ୍ଗତି ନିମନ୍ତେ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା ।

ଦ୍ୱିତୀୟ ଦିନରେ ପହଂଚିଲା ଡାକ୍ତରଙ୍କ ଆନ୍ଦୋଳନ : ଆଲୋଚନା କଲା ବିଜେଡିର ସ୍ୱତନ୍ତ୍ର ଟିମ୍

ବାଲେଶ୍ୱର, ୦୨/୦୭ (ଆ.ପ୍ର) : ଦଶ ଦଫା ଦାବି ପୂରଣ ନେଇ ସିଡ଼ିଏମଓ କାର୍ଯ୍ୟାଳୟ ପରିସରରେ ଚାଲିଥିବା ଡାକ୍ତରଙ୍କ ଆନ୍ଦୋଳନ ଆଜି ଦ୍ୱିତୀୟ ଦିନରେ ପହଂଚିଛି । ଏହି ପରିପ୍ରେକ୍ଷୀରେ ବିଜେଡିର ଏକ ସ୍ୱତନ୍ତ୍ର ଟିମ୍ ଗୁରୁବାର ଅପରାହ୍ନରେ ଆନ୍ଦୋଳନରତ ଡାକ୍ତରଙ୍କୁ ଭେଟିବା ସହ ସେମାନଙ୍କ ସମସ୍ୟା ଓ ନାନା ବିଷୟ ନେଇ ଆଲୋଚନା କରିଛି । ବିଜୁ ଜନତା ଦଳର ସୁପ୍ରିମୋ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ବିଜେଡିର ଏକ ଟିମ୍ ଆନ୍ଦୋଳନରତ ଡାକ୍ତରଙ୍କୁ ଭେଟି ସେମାନଙ୍କର ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିଛି । ପୂର୍ବତନ ନୀଳଗିରି ବିଧାୟକ ତଥା ରାଜ୍ୟ ସାଧାରଣ ସମ୍ପାଦକ ସୁକାନ୍ତ ନାୟକ, ପୂର୍ବତନ ସଦର ବିଧାୟକ ତଥା ରାଜ୍ୟ ସାଧାରଣ ସମ୍ପାଦକ ସ୍ୱରୂପ କୁମାର ଦାସ, ପୂର୍ବତନ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା ପ୍ରମୁଖ ବଡ଼ ମେଡ଼ିକାଲରେ ପହଂଚି ଓଡ଼ିଶା ମେଡ଼ିକାଲ ସର୍ଭିସେସ୍ ଆସୋସିଏସନର ରାଜ୍ୟ ସମ୍ପାଦକ ଡା. ସଞ୍ଜୀବ ପ୍ରଧାନ, ଜିଲ୍ଲା ସଭାପତି ଡା. ସରୋଜ ରାଜ, ଜିଲ୍ଲା ସମ୍ପାଦକ ଡା. ଦିଲ୍ଲୀପ ପାତ୍ର ଓ ଉପସ୍ଥିତ ସମସ୍ତ ଡାକ୍ତରଙ୍କ ସହ ଆଲୋଚନା କରିଛନ୍ତି । ଦାବି ପୂରଣ ନେଇ ସରକାର ବାରମ୍ବାର ପ୍ରତିଶ୍ରୁତି ଦେଇ ପ୍ରତାରଣା କରୁଥିବା କାଣି ଏହାକୁ ନିନ୍ଦା କରିଛନ୍ତି । ବିଜେଡି ସରକାର ସ୍ୱାସ୍ଥ୍ୟସେବା ପାଇଁ ସୁବିଧା ସୁଯୋଗ ଯୋଗାଇଥିବା ବେଳେ ଏ ସରକାର ଡାକ୍ତରଙ୍କ ସମସ୍ୟା ବୁଝିବାରେ ବିଫଳ ହୋଇଥିବା କହିଛନ୍ତି । ଫଳସ୍ୱରୂପ ଦୁଇ ଦିନ ଧରି ରୋଗୀଙ୍କୁ ବଡ଼ ମେଡ଼ିକାଲରେ ଚିକିତ୍ସା ପରିବର୍ତ୍ତେ କେବଳ ମେଡ଼ିକାଲ କଲେଜ ଓ କଟକ ରେଫର କରାଯାଉଥିବା ଭଳି ଦୟନୀୟ ପରିସ୍ଥିତିକୁ ନିନ୍ଦା କରିଛନ୍ତି । ଏଥିସହ ଘଟଣା ବିଷୟରେ ନବୀନ ନିବାସକୁ ଟିମ୍ ଅବଗତ କରାଉଛି । ପୁନଶ୍ଚ, ଗଣତାନ୍ତ୍ରିକ ପଦ୍ଧତିରେ ଆନ୍ଦୋଳନକୁ ଓହ୍ଲାଇଥିଲେ ମଧ୍ୟ 'କାର୍ଯ୍ୟ ବନ୍ଦ ତ ଦରମା ବନ୍ଦ' ନେଇ ଡାକ୍ତରଙ୍କୁ ସରକାରଙ୍କ ଚେତାବନୀକୁ ସଂଘ ପକ୍ଷରୁ ନିନ୍ଦା ଓ ବିରୋଧ କରାଯାଇଛି । ଏହି ପରିପ୍ରେକ୍ଷୀରେ ବିଜେଡିର ଅନ୍ୟାନ୍ୟ ନେତୃବୃନ୍ଦଙ୍କ ମଧ୍ୟରେ ପୌର ଉପାଧ୍ୟକ୍ଷ କୈଳାଶ ସେଠୀ, ବିଜେଡି ଟାଉନ ସଭାପତି ମନୋଜ କୁମାର ରାଉତ, ଜିଲ୍ଲା ସାଧାରଣ ସମ୍ପାଦକ ରଞ୍ଜନ ବାଗ, ସେକ ଆୟୁବ, ସନ୍ଧ୍ୟାରାଣୀ ଜେନା, ସେକ ସାକିର, ଅଶୋକ ଦାସ, ସଞ୍ଜୟ ବେହେରା, ବିଶ୍ୱଜିତ୍ ମହାପାତ୍ର, ଅଶୋକ ଆଦ୍ୟ ପ୍ରମୁଖ ଉପସ୍ଥିତ ରହି ଡାକ୍ତରଙ୍କ ଆନ୍ଦୋଳନକୁ ସମର୍ଥନ ଜଣାଇଛନ୍ତି । ପ୍ରକାଶ ଥାଉକି, ଦଶ ଦଫା ଦାବି ନେଇ ଓଏମଏସଏ ସଂଘ ପକ୍ଷରୁ ଦୁଇ ଦିନ ଧରି ସାରା ରାଜ୍ୟରେ ଆନ୍ଦୋଳନ ଚାଲିଥିବା ବେଳେ ସମୁଦାୟ ୬ହଜାର ୫ଶହ ଡାକ୍ତର ଆନ୍ଦୋଳନରେ ବସିଛନ୍ତି । ଅନୁରୂପ ଭାବେ ବାଲେଶ୍ୱରର ୨୯୫ରୁ ଅଧିକ ଡାକ୍ତର ଦୁଇ ଦିନ ଧରି ସିଡିଏମଓ କାର୍ଯ୍ୟାଳୟ ପରିସରରେ ଆନ୍ଦୋଳନରେ ସାମିଲ ହୋଇଛନ୍ତି । ତେବେ ଦାବି ସମ୍ପର୍କରେ ପୂର୍ବରୁ ବାରମ୍ବାର ସରକାର ସହ ଆଲୋଚନା ଓ ପ୍ରତିଶ୍ରୁତି ମିଳିଥିଲେ ମଧ୍ୟ ସମସ୍ୟାର ସମାଧାନ ନ ହେବାରୁ ସଂଘ ଏଭଳି ଦୃଢ଼ ନିଷ୍ପତି ନେଇଥିବା ପ୍ରକାଶ କରିଛି ।

ସେଇଠୁ ଆରମ୍ଭ
SEITHO ARAMBHA
ଶୁକ୍ରବାର, ୦୩ ଜୁଲାଇ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୪

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ

ସମ୍ପାଦକୀୟ...

ଭାରତୀୟ ଶିକ୍ଷାପଦ୍ଧତି

ମନୁଷ୍ୟ ମାନବଜାତିର ଏକ ଅଂଶ । ପ୍ରକୃତି ଈଶ୍ୱରଙ୍କର ଏକ ଅଂଶ । ଏହି ପାରସ୍ପରିକ ସମ୍ପର୍କକୁ ମନୁଷ୍ୟ ଜାଣିପାରି ନାହିଁ । ପ୍ରକୃତିରେ ଯାହା କିଛି ହେଉଛି ସେଥିରେ ମନୁଷ୍ୟ ଏକ ପ୍ରକାରର ମାଂଚନିର୍ଦ୍ଦେଶକ ପରି । ନିଜର ଦାୟିତ୍ୱକୁ ଭୁଲିଯାଇ ମନୁଷ୍ୟ ନିଜର ଅଧିକାର ପାଇଁ ଲଢ଼ୁଛି । ଗଭୀର ଭାବରେ ଅନୁସନ୍ଧାନ କଲେ ଜଣାଯିବ ଯେ ଏ ସଂସାରରେ ମନୁଷ୍ୟର କୌଣସି ଅଧିକାର ନାହିଁ । ତାର କେବଳ କର୍ତ୍ତବ୍ୟ ଅଛି, ଅଧିକାର ନୁହେଁ । ନିଜର କର୍ତ୍ତବ୍ୟ ସମ୍ପାଦନ ନ କରି ଅଧିକାର ପାଇଁ ଲଢ଼ିବା ନିର୍ବୋଧତା । ଆଜିର ଚିନ୍ତା ଓ ଚେତନାକୁ ଦେଖିଲେ ଜଣାପଡ଼େ ଯେ, ସଂସାରରେ ସବୁ ପ୍ରକାର ଦ୍ୱନ୍ଦ୍ୱ ଓ ବିଶୃଙ୍ଖଳାର କାରଣ ହେଉଛି ମନୁଷ୍ୟ ନିଜର କର୍ତ୍ତବ୍ୟକୁ ଭୁଲିଯିବା । ପ୍ରତ୍ୟେକ ବ୍ୟକ୍ତି ନିଜର କର୍ତ୍ତବ୍ୟର ସୁ ସମ୍ପାଦନ କଲେ ଜଗତ ଶାନ୍ତ ଓ ସମୃଦ୍ଧ ହେବ । ତାର ଏକମାତ୍ର ଅଧିକାର ହେଉଛି ନିଜର କର୍ତ୍ତବ୍ୟ ସମ୍ପାଦନ କରିବା । ତାର ଆଉ ଅନ୍ୟ କୌଣସି ଅଧିକାର ନାହିଁ । ପିତାମାତାମାନେ ନିଜର କର୍ତ୍ତବ୍ୟ ସମ୍ପାଦନ କଲେ ପିଲାମାନେ ମଧ୍ୟ ନିଜର ଦାୟିତ୍ୱ ହୃଦୟଙ୍ଗମ କରିବେ । ପିଲାମାନେ ନିଜର ପିତାମାତାଙ୍କ ପ୍ରତି କର୍ତ୍ତବ୍ୟ ସମ୍ପାଦନ କଲେ ପିତାମାତାମାନେ ସମ୍ମାନିତ ହେବେ । ସେହିପରି ଶିକ୍ଷକମାନେ ସେମାନଙ୍କର କର୍ତ୍ତବ୍ୟ ସମ୍ପାଦନ କଲେ ଛାତ୍ରମାନେ ଠିକ ଭାବରେ ଆଚରଣ କରିବେ । ଛାତ୍ରଛାତ୍ରୀମାନେ ସେମାନଙ୍କର କର୍ତ୍ତବ୍ୟ ଠିକ୍ ଭାବରେ ସମ୍ପାଦନ କଲେ, କର୍ମକର୍ତ୍ତାମାନେ ସମ୍ମାନ ଲାଭ କରିବେ ।' ଆଜି ଲୋକମାନେ ସେମାନଙ୍କର ଦାୟିତ୍ୱ ଭୁଲି ଯାଉଛନ୍ତି । ଜଗତ ପରସ୍ପର ସହିତ ସମ୍ପୃକ୍ତ ଅଂଶଗୁଡ଼ିକର ଏକ ଅଖଣ୍ଡ ଏକକ ଅଟେ । ପ୍ରତ୍ୟେକ ନିଜର କର୍ତ୍ତବ୍ୟ କଲେ ସମସ୍ତଙ୍କୁ ଲାଭ ମିଳିବ । ମଣିଷ ନିଜର କର୍ତ୍ତବ୍ୟ ସମ୍ପାଦନ କରିବାକୁ ଯୋଗ୍ୟ, ତାହାର ଫଳ ପାଇଁ ନୁହେଁ । ଆଜି ଶିକ୍ଷା ଜଗତ ବହୁବିଧ ସମସ୍ୟାରେ ପରିପୂର୍ଣ୍ଣ । ତାହା ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ବିଚଳିତ କରୁଛି । ଶିକ୍ଷା ପଦ୍ଧତି ସମାଜରେ ମାନବୀୟ ମୂଲ୍ୟବୋଧର ବିଧ୍ୱଂସରେ ସହାୟକ ହେଉଛି । ଦେଶର ସର୍ବବିଧ କଲ୍ୟାଣର ଅଭିବୃଦ୍ଧି ଦିଗରେ ଶିକ୍ଷାନୁଷ୍ଠାନଗୁଡ଼ିକ ନେତୃତ୍ୱ ନେବା କଥା, କିନ୍ତୁ ସେଗୁଡ଼ିକ ଦେଶକୁ ପଥଭ୍ରଷ୍ଟ କରୁଛନ୍ତି । ତ୍ୟାଗ, ଚରିତ୍ରବତା, ସାଧୁତା ଓ ନୈତିକତା ଆଦି ମାନବୀୟ ମୂଲ୍ୟବୋଧଗୁଡ଼ିକ ପ୍ରାୟ ଉଭେଇ ଗଲେଣି । ଆମର ଯାହା ଦରକାର ତାହା ଏକ ନୂତନ ଶିକ୍ଷାପଦ୍ଧତି ବା ଏକ ନୂତନ ସମାଜ ବ୍ୟବସ୍ଥା କିମ୍ବା ଏକ ନୂଆ ଧର୍ମ ନୁହେଁ । ନୂତନ ସମାଜ-ବ୍ୟବସ୍ଥା ପ୍ରତିଷ୍ଠା ପାଇଁ ବହୁ କଳ୍ପନା ଜଳ୍ପନା ହେଉଛି । ଏ ସବୁ ବୃଥା ବ୍ୟାୟାମ । ଆଜି ଆମର କେବଳ ଉତ୍ତମ ଲୋକ ଦରକାର । ମହତ୍ ମନ ଓ ହୃଦୟସମ୍ପନ୍ନ ଲୋକମାନେ ରହିଲେ ରାଷ୍ଟ୍ର ପ୍ରଗତିଶୀଳ ହେବ । ଏପରି ଲୋକମାନେ ସମାଜରେ ସେତେବେଳେ ବାହାରିବେ ଯେତେବେଳେ ସମାଜରେ ମାନସିକ ନିର୍ମଳତା ଓ ନୈତିକତା ରହିବ । ନୈତିକ ମୂଳଦୁଆରେ ପ୍ରତିଷ୍ଠିତ ସମାଜ ହିଁ ଏପରି ମହତ୍ ଲୋକମାନଙ୍କର ସୃଷ୍ଟି କରିପାରିବ । ନୈତିକତା ଓ ଚରିତ୍ରବତା ଆଧ୍ୟାତ୍ମିକ ଚେତନା ଉପରେ ଆଧାରିତ । ନୈତିକତା ଓ ଚରିତ୍ରବତା ଆଧ୍ୟାତ୍ମିକତା ଉପରେ ନିର୍ଭରଶୀଳ । ଆଧ୍ୟାତ୍ମିକ ଶକ୍ତି ବିଶ୍ୱଶାନ୍ତି, ମାନବୀୟ ପ୍ରଗତି ଓ ସମୃଦ୍ଧିର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ମାର୍ଗ ପ୍ରଶସ୍ତ କରେ ।' ମନୁଷ୍ୟ ଆଧ୍ୟାତ୍ମିକତାକୁ ଭୁଲିଯାଇ ବିଷୟ ବାସନା ଉପରେ ଆଧାରିତ କୃତ୍ରିମ ଜୀବନ ଯାପନ କରୁଛି । ରାଷ୍ଟ୍ରର କଲ୍ୟାଣ ନିମନ୍ତେ ଶିକ୍ଷାର ପ୍ରୟୋଗ ହେବା ଉଚିତ । ଶିକ୍ଷା ମାଧ୍ୟମରେ ଉପଲବ୍ଧ ଜ୍ଞାନ ସମାଜର କଲ୍ୟାଣ ନିମନ୍ତେ ନିଃସ୍ୱାର୍ଥପର ଭାବରେ ବିନିଯୋଗ କରାଯିବା ଉଚିତ । ଛାତ୍ରମାନଙ୍କ ମଧ୍ୟରେ ଏହିପରି ମନୋଭାବ ବିକଶିତ କରିବାକୁ ହେଲେ ସେମାନେ ଉତ୍ତମ ଗୁଣାବଳୀର ଅନୁଶୀଳନ କରିବା ଉଚିତ । କେବଳ ଉତ୍ତମ ଚରିତ୍ରସମ୍ପନ୍ନ ଛାତ୍ରର ମାତୃଭୂମି ପ୍ରତି ପ୍ରେମ ଓ ସମାଜକଲ୍ୟାଣ ପାଇଁ ଚିନ୍ତା ରହିବ । ଶିକ୍ଷା ବିଶ୍ୱକଲ୍ୟାଣ ପାଇଁ ଉତ୍ସର୍ଗୀତ ହେବା ଉଚିତ । ଛାତ୍ରଠାରେ ଉତ୍ତମ ଗୁଣାବଳୀ ରହିଲେ ହିଁ ସେ ଜାତୀୟ ନିରାପତ୍ତା, ସମୃଦ୍ଧି ଓ କଲ୍ୟାଣ ଏବଂ ରାଷ୍ଟ୍ରର ଉନ୍ନତି ଓ ମାନବଜାତି ପ୍ରତି ପ୍ରେମ ପାଇଁ କାମ କରିପାରିବ । ଅତଏବ ମନୁଷ୍ୟକୁ ସମାଜର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ବୋଲି ପ୍ରତ୍ୟେକ ବିଶ୍ୱାସ କରିବା ଉଚିତ । ହସ୍ତସ୍ୟ ଭୂଷଣଂ ଦାନଂ ସତ୍ୟ କଣ୍ଠସ୍ୟ ଭୂଷଣମ୍ । ଶ୍ରୋତ୍ରସ୍ୟ ଭୂଷଣଂ ଶାସ୍ତ୍ରଂ ଭୂଷଣୈଃ କିଂ ପ୍ରୟୋଜନମ୍ ।' କେବଳ ବିଦ୍ୟାରେ କୌଣସି ଫଳ ନାହିଁ । ରାବଣ ରାମଙ୍କ ପରି ବହୁ ବିଦ୍ୟା ଅଧ୍ୟୟନ କରିଥିଲା । ଶିକ୍ଷା ଦୃଷ୍ଟିରୁ ଦୁହେଁ ସମାନ ଥିଲେ । କିନ୍ତୁ ବାଲ୍ମିକୀ ରାବଣକୁ ମୂର୍ଖ ବୋଲି ବର୍ଣ୍ଣନା କରିଛନ୍ତି । ରାମଙ୍କୁ ପୂର୍ଣ୍ଣମାନବ ରୂପେ ବର୍ଣ୍ଣନା କରାଯାଇଛି । ଦୁହିଁଙ୍କ ମଧ୍ୟରେ ଏହି ପାର୍ଥକ୍ୟ ରହିଲା କେଉଁଠି ? ରାମ ନିଜର ଉପଲବ୍ଧ ସମସ୍ତ ଜ୍ଞାନକୁ ମହତ୍ ଉଦ୍ଦେଶ୍ୟରେ ଏବଂ ସମସ୍ତଙ୍କ କଲ୍ୟାଣ ପାଇଁ ବିନିଯୋଗ କରୁଥିଲେ । ତାଙ୍କର ଇନ୍ଦ୍ରିୟମାନଙ୍କ ଉପରେ ପ୍ରଭୁତ୍ୱ ଥିଲା । ସେ ତାଙ୍କର ଶାସକତ୍ୱ ତ୍ୟାଗ କରିଥିଲେ । ସେ ସତ୍ୟ ପାଇଁ ଶପଥ କରିଥିଲେ । ନିଜର ଜ୍ଞାନକୁ ସତ୍ୟ ପାଇଁ ମାନବଜାତି ଆଗରେ ଏକ ଆଦର୍ଶ ଜୀବନର ଦୃଷ୍ଟାନ୍ତ ରଖିଯିବା ପାଇଁ ଉତ୍ସର୍ଗ କରି ସେ ଦେଶର କଲ୍ୟାଣ ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ । ରାମ ନିଜର ତ୍ୟାଗ, ସତ୍ୟାନୁଶୀଳନ ଓ ନିଷ୍କଳଙ୍କ ଚରିତ୍ର ଦ୍ୱାରା ମାନବୀୟ ପରିପୂର୍ଣ୍ଣତାର ଆଦର୍ଶ ଥିଲେ । ଅପର ପକ୍ଷରେ ରାବଣ ନିଜର ସମସ୍ତ ଜ୍ଞାନ ଐନ୍ଦ୍ରିୟ ସୁଖଭୋଗରେ ବିନିଯୋଗ କରିଥିଲା ।

ମାନସିକ ରୋଗ ଓ ଡାକ୍ତର
'ବିହାଇଣ୍ଡ ଦ ମାସ୍କ, ହୁ ହିଲ୍ସ ଦି ହିଲରସ୍'

॥ ପ୍ରଫେସର ଡାକ୍ତର ସମ୍ରାଟ କର ॥

ସ୍ୱର୍ଗରେ ଈଶ୍ୱରଙ୍କ ଭଳି ମର୍ତ୍ତ୍ୟରେ ଡାକ୍ତରଙ୍କୁ ଈଶ୍ୱର ବୋଲି କୁହାଯାଏ । ମାନବ ଜଗତ ପ୍ରତି ସେମାନଙ୍କ ଅବଦାନ ସମ୍ପର୍କରେ ମନେ ପକାଇବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଜୁଲାଇ ୧ ତାରିଖକୁ ଭାରତରେ ଚିକିତ୍ସକ ଦିବସ ଭାବେ ପାଳନ କରାଯାଏ । ପ୍ରଥମ ଚିକିତ୍ସକ ଦିବସ ୧୯୯୧ରେ ପାଳନ କରାଯାଇଥିଲା । ପ୍ରସିଦ୍ଧ ଚିକିତ୍ସାବିତ୍ ତଥା ପଶ୍ଚିମବଙ୍ଗର ଦ୍ୱିତୀୟ ମୁଖ୍ୟମନ୍ତ୍ରୀ ଡକ୍ଟର ବିଧାନ ଚନ୍ଦ୍ର ରାୟଙ୍କ ସମ୍ମାନାର୍ଥେ ଏହି ଦିବସ ପାଳନ କରାଯାଏ । ୧୮୮୨ ଜୁଲାଇ ୧ ତାରିଖରେ ଜନ୍ମ ଲାଭ କରିଥିବା ବିଧାନଚନ୍ଦ୍ରଙ୍କର ୮୦ ବର୍ଷ ବୟସରେ ୧୯୬୨ରେ ମୃତ୍ୟୁ ହୋଇଥିଲା । ଭାରତର ସର୍ବୋଚ୍ଚ ବେସାମରିକ ପୁରସ୍କାର ଭାରତ ରତ୍ନରେ ତାଙ୍କୁ ସମ୍ମାନିତ କରାଯାଇଥିଲା । ତାଙ୍କ ଜୀବନ କାଳ ଭିତରେ ସେ ଅନେକ ହସ୍ପିଟାଲ ଓ ପ୍ରତିଷ୍ଠାନ ଆରମ୍ଭ କରିଥିଲେ । ଭାରତୀୟ ସମାଜ ଓ ଲୋକଙ୍କ ଉନ୍ନତି ପାଇଁ ତାଙ୍କ ତ୍ୟାଗ ଥିଲା ଅତୁଳନୀୟ । ତେଣୁ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଉଛି । ଚିକିତ୍ସକ ଏବଂ ତାଙ୍କର ଚିକିତ୍ସା ମୂଲ୍ୟବାନ ଜୀବନ ପାଇଁ ଅତୀବ ଗୁରୁତ୍ୱପୂର୍ଣ୍ଣ । ତେଣୁ ଚିକିତ୍ସକଙ୍କୁ ଭଗବାନଙ୍କ ସହ ତୁଳନା କରାଯାଏ । ପ୍ରତ୍ୟେକ ବ୍ୟକ୍ତି ଚିକିତ୍ସକଙ୍କ ତ୍ୟାଗ, ସେବା ଓ ଚିକିତ୍ସାକୁ ଉଚିତ ସମ୍ମାନ ଦେବା ଲକ୍ଷ୍ୟରେ ଏହି ଦିବସ ପାଳନ କରାଯାଏ । ଏଥିସହ ଭାରତରେ ଜନସଂଖ୍ୟା ଢେର ଅଧିକ ହୋଇଥିବାରୁ ଚିକିତ୍ସକଙ୍କ ଉପରେ ଅଧିକ ଗୁରୁଦାୟିତ୍ୱ ରହିଛି । ସାଧାରଣ ଜୀବନରେ ଚିକିତ୍ସକଙ୍କ ଯେଉଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ତାହା ମନେ ପକାଇଦେବା ଲାଗି ଏହି ଦିବସ ଉତ୍ସର୍ଗ କରାଯାଉଛି ।

ଚଳିତ ବର୍ଷର ଚିକିତ୍ସକ ଦିବସର ବାର୍ତ୍ତା ରହିଛି 'ବିହାଇଣ୍ଡ ଦ ମାସ୍କ, ହୁ ହିଲ୍ସ ଦି ହିଲରସ୍' । ଜଣେ ପୀଡ଼ିତ ଓ ଛଟପଟ ହେଉଥିବା ଅସହାୟ ଜଣଙ୍କୁ ମୁହଁରେ ମାସ୍କ ପିନ୍ଧିଥିବା ଲୋକଟି ଯିଏ ଚିକିତ୍ସା ଆଦରର ପରଶ ଦେଇ ପୀଡ଼ିତ ପୀଡ଼ାକୁ ଉପଶମ କରିଥାନ୍ତି, ତାଙ୍କ ସମ୍ପର୍କରେ ଅନେକ ନା ଜାଣିଥାନ୍ତି, ନା ଭଲଭାବେ ବୁଝିଥାନ୍ତି । ସାମ୍ପ୍ରତିକ ସମାଜ ତଥା ଚିକିତ୍ସା କ୍ଷେତ୍ରକୁ ଦେଖିଲେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଓ ସମ୍ବେଦନଶୀଳ ଚିକିତ୍ସା ହେଉଛି ମାନସିକ ରୋଗ ଚିକିତ୍ସା । ଏ ରୋଗଟି ଏପରି ଏକ ଭାବଗତ ରୋଗ ଯାହାର ନିଦାନ ବା ପରୀକ୍ଷା ନିରୀକ୍ଷା ଅପେକ୍ଷା ରୋଗୀଟିର ପରିପାର୍ଶ୍ୱିକ ଅବସ୍ଥିତି, ସାମାଜିକ ସମସ୍ୟା ଓ ସବୁଠାରୁ ଅତୀବ ମୂଲ୍ୟବାନ କୁହାଯାଉଥିବା ମାନସିକ ସ୍ଥିତିକୁ ପ୍ରାଥମିକତା ଦିଆଯାଇଥାଏ । ଅନେକଙ୍କର ଭୁଲ ଧାରଣା ରହିଛି ଯେ ମାନସିକ ରୋଗର ଚିକିତ୍ସା କରୁଥିବା ଚିକିତ୍ସକମାନେ ରୋଗୀକୁ ଯନ୍ତ୍ରଣା, ଇଲେକ୍ଟ୍ରିକ୍ ନଦେଲେ ସେମାନେ ଭଲ ହେବେନାହିଁ ହେଲେ ଏହା ସମ୍ପୂର୍ଣ୍ଣ ଭୁଲ ବିଚାରଧାରା । ଏହି ଲେଖକ ନିଜ ମାନସିକରୋଗ ଚିକିତ୍ସା କ୍ଷେତ୍ରରେ ଦୀର୍ଘଦିନର ଅନୁଭୂତିକୁ ପାଥେୟ ଯାହା କରିଛି ସେ ଅନୁଭବ କରିଛି ଯେ ରୋଗୀଟିର ଚିକିତ୍ସା ଅପେକ୍ଷା ମନସ୍ତାତ୍ତ୍ୱିକ କ୍ଷେତ୍ରରେ ଦିଗ୍‌ଦର୍ଶନ ଦେବା ସହ ସେମାନଙ୍କ ଭାବଗତ ସାମାଜିକ ଜୀବନକୁ ଭାରସାମ୍ୟ ରଖିବା ପାଇଁ ପରାମର୍ଶ ଦ୍ୱାରା ରୋଗୀଟି ଆଶ୍ୱସ୍ତ ଲାଭ କରିଥାଏ । ପ୍ରାକାରାନ୍ତରେ କହିବାକୁଗଲେ ରୋଗୀମାନଙ୍କର ପୁନର୍ଜୀବନ ପ୍ରାପ୍ତି ହୋଇଥାଏ । ଆଜିର ଏହି ବିଜ୍ଞାନ ଯୁଗରେ ସମସ୍ତେ ଜାଣିବା ଉଚିତ ଯେ ମନୁଷ୍ୟ ଅତ୍ୟଧିକ ମାନସିକ ଚାପ ଯୋଗୁଁ ନାନା ଚିନ୍ତା ଓ ଅନ୍ୟାନ୍ୟ କାରଣ ଯୋଗୁଁ ମାନସିକ ଭାରସାମ୍ୟ ହରାଇଥାଏ । ପ୍ରତି ରୋଗ ପାଗଳାମି ନୁହେଁ ତେଣୁ ନିର୍ଦ୍ଧାରିତ ସମୟରେ ଚିକିତ୍ସକଙ୍କ ସହିତ ପରାମର୍ଶ କରି ନିୟମିତ ଅନୁପାତରେ ଔଷଧ ଖାଇଲେ ଏହି ରୋଗରୁ ଉପଶମ ମିଳିଥାଏ । ମାନସିକ ରୋଗ ଚିକିତ୍ସା କରୁଥିବା ଚିକିତ୍ସକମାନେ ରୋଗୀଟିର ଚିକିତ୍ସା କରିବା ସମୟରେ ଲମ୍ବା ସମୟର ଯେଉଁ ସମ୍ପର୍କ ଗଠନ ହୋଇଥାଏ ତାହା ସେ ରୋଗୀଟି ପାଇଁ ନିଶ୍ଚିନ୍ତ ଭାବରେ ଆଉଥରେ ଜନ୍ମ ପାଇବା ପରି କିନ୍ତୁ ଏହି ଚିକିତ୍ସକମାନେ ରୋଗୀ ସେବା କ୍ଷେତ୍ରରେ ତୀକ୍ଷ୍ଣ ଓ ନିଃସ୍ୱାର୍ଥପର ସେବା ଦେଉଥିବାରୁ ସେମାନଙ୍କର ବ୍ୟକ୍ତିଗତ ଜୀବନରେ ଅନେକ ଯନ୍ତ୍ରଣା ପାଉଥାନ୍ତି । ନିର୍ଦ୍ଧାରିତ ସମୟରେ ଘରେ ପହଂଚିବା ପାଇଁ ଡାକ୍ତରଖାନାରୁ ବା ଚିକିତ୍ସାଳୟରୁ ବାହାରିବା ସମୟରେ ଜଣେ ରୋଗୀଟିର ମୁମୂର୍ଷୁ ମୁହଁ ତାଙ୍କ ପଥରୋଧ କରିଥାଏ । ରୋଗୀଟିକୁ ମନସ୍ତାତ୍ତ୍ୱିକ କ୍ଷେତ୍ରରେ ସାନ୍ତ୍ୱନା ଦେବା, ଖାଉ ନଥିଲେ ଖାଦ୍ୟ ଗ୍ରହଣ ପାଇଁ ସ୍ନେହଶ୍ରଦ୍ଧାରେ ଆକଟ କରିବା, ବାହାରକୁ ଚାଲିଯାଉଥିଲେ ବୁଝାସୁଝା କରି ବେଡ଼କୁ ଫେରାଇ ଆଣିବାର ପ୍ରୟାସ ଭିତରେ ନିଜ ଦୈନନ୍ଦିନ ଜୀବନର ପାରିବାରିକ କ୍ଷେତ୍ରକୁ ପଛକୁ କରିବା ପାଇଁ ବାଧ୍ୟ ହୋଇଥାଏ । ସେ କ୍ଷେତ୍ରରେ ବ୍ୟବସାୟ ବା ନିର୍ଦ୍ଧାରିତ ସମୟ ଭିତର ଦାୟିତ୍ୱ ସମ୍ପାଦନା ଅପେକ୍ଷା ସବୁଠାରୁ ମୂଲ୍ୟବାନ ହୋଇଥାଏ ମାନବିକ ଦୃଷ୍ଟିକୋଣରୁ ସେହି ଲୋକଟି ପାଇଁ ଯଥେଷ୍ଟ ସମୟ ଦେବା । ଆଜିର କର୍ମବ୍ୟସ୍ତ ଜୀବନରେ ଚିକିତ୍ସା ସେବା କ୍ଷେତ୍ରରେ ଓଡ଼ିଶାର ଭଡିଲୁମି ଯାହା ଜନସଂଖ୍ୟା ତୁଳନାରେ ଚିକିତ୍ସକ ନାହାଁନ୍ତି । ଜଣେ ଜଣେ ମାନସିକରୋଗ ଚିକିତ୍ସକଙ୍କୁ ଦିନରେ ବେଳେବେଳେ ଶହେ ଜଣ ରୋଗୀକୁ ଦେଖିବା ପାଇଁ ବି ବିବେକ ବାଧ୍ୟ କରିଥାଏ । ଯାହାଦ୍ୱାରା ଚିକିତ୍ସକ ଜଣେ ନିଜ ଘର ପରିବାର ବ୍ୟକ୍ତିଗତ ଜୀବନ ଠାରୁ ପ୍ରାଥମିକତା ହୋଇଥାଏ । ଆଜି ଚିକିତ୍ସକ ଦିବସରେ ଚିକିତ୍ସକମାନଙ୍କ ପ୍ରତି ରୋଗୀଟିର ଆତ୍ମୀୟ ସ୍ୱଜନଙ୍କ ଠାରୁ ସେମାନଙ୍କ ବିଚାର ଚେତନାର ଭାବନା ବଦଳିବା ଦରକାର । ଚିକିତ୍ସକମାନେ ଅନେକ ପ୍ରତିବନ୍ଧକକୁ ଡେଇଁ ରୋଗୀଟିର ଜୀବନ ବଂଚାଇବା ପାଇଁ ଅହର୍ନିଶ ଉଦ୍ୟମ ଜାରି ରଖିଥାନ୍ତି । ହେଲେ ଭୁଲବୁଝାମଣାର ଶିକାର ହୋଇଥାନ୍ତି ଚିକିତ୍ସକ ଜଣଙ୍କ । ଚିକିତ୍ସକ ଦିବସରେ ଏହି ବିଶ୍ୱାସର ଭାବନା ଦୃଢ଼ୀଭୂତ ହେଉ ଏହାହିଁ ରୋଗୀଟି ପ୍ରତି ଆମ ସମସ୍ତଙ୍କର ଉତ୍ତରଦାୟିତ୍ୱ ବୋଲି ବୁଝାଯିବ ।

ମାନସିକରୋଗ ବିଶେଷଜ୍ଞ, ଦି'ବ୍ରେନ, ପୁରୀଘାଟ ରୋଡ଼, କଟକ,
ଦୂରଭାଷ : ୯୧୩୨୪୩୩୩୩୩

କୁନ୍ତଳା କୁମାରୀ ସାବତ
(ପ୍ରଥମ ଓଡ଼ିଆ ମହିଳା ଡାକ୍ତର)

॥ ନିବେଦିତା ପ୍ରିୟଦର୍ଶିନୀ ଶୁକ୍ଲା ॥

ଆଜି ଜୁଲାଇ ୧, ଆଜିର ଦିନକୁ ଭାରତରେ ଚିକିତ୍ସକ ଦିବସ ଭାବେ ପାଳନ କରାଯାଏ । କାରଣ ପ୍ରତିବର୍ଷ ଜୁଲାଇ ୧ ତାରିଖକୁ ଭାରତରେ ଚିକିତ୍ସକ ଦିବସ ଭାବେ ପାଳନ କରାଯାଏ । ଏହା ପଛର କାରଣ ହେଉଛି ଆଜି ହେଉଛି ପ୍ରସିଦ୍ଧ ଚିକିତ୍ସାବିତ୍ ତଥା ପଶ୍ଚିମବଙ୍ଗର ଦ୍ୱିତୀୟ ମୁଖ୍ୟମନ୍ତ୍ରୀ ଡକ୍ଟର ବିଧାନ ଚନ୍ଦ୍ର ରାୟଙ୍କଙ୍କ ଜନ୍ମଦିନ, ସେ ୧୮୮୨ ଜୁଲାଇ ୧ ତାରିଖରେ ଜନ୍ମ ଲାଭ କରିଥିଲେ ଓ ତାଙ୍କ ସମ୍ମାନାର୍ଥେ ଏହି ଦିବସ ପାଳନ କରାଯାଏ ।

ଭାରତରେ ସର୍ବପ୍ରଥମେ ଚିକିତ୍ସକ ଦିବସ ୧୯୯୧ରେ ପାଳନ କରାଯାଇଥିଲା । ଅନେକ ହୁଏତ ଜାଣିନଥିବେ କୁନ୍ତଳା କୁମାରୀ ସାବତ ଜଣେ ଓଡ଼ିଆ କବି ନଥିଲେ । କବିତା ଲେଖିବା ସହିତ ବୃତିଗତ କ୍ଷେତ୍ରରେ ସେ ଥିଲେ ଜଣେ ଡାକ୍ତର । ତତ୍କାଳୀନ ଓଡ଼ିଶାରେ ନାରୀ ଶିକ୍ଷା ଅତ୍ୟନ୍ତ କଷ୍ଟକର ଥିଲା ଓ ଅନେକ ଆହ୍ୱାନପୂର୍ଣ୍ଣ ମଧ୍ୟ ଥିଲା । ଓଡ଼ିଶା ସ୍ୱାଧୀନତା ସଂଗ୍ରାମ ସମୟରେ ଯେଉଁ କେତେଜଣ ନାରୀ କବିଙ୍କର ଆବିର୍ଭାବ ଘଟିଥିଲା ତନ୍ମଧ୍ୟରୁ କୁନ୍ତଳା କୁମାରୀ ସାବତ ଅନ୍ୟତମ । ସେ ଓଡ଼ିଶାର ପ୍ରଥମ ମହିଳା ଡାକ୍ତର । ସେ ୧୯୦୧ ମସିହା ଓଡ଼ିଶାର ବସ୍ତର ଜିଲ୍ଲାର ଜଗଦଳପୁର ଗ୍ରାମରେ (ଏବେ ଏହା ଛତିଶଗଡ଼ରେ ରହିଛି) ଜନ୍ମ ଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ଡାନିଏଲ୍ ସାବତ । ଜାତିରେ ସେ ବ୍ରାହ୍ମଣ ଥିଲେ । କୁନ୍ତଳା ପିତାଙ୍କ ବସ୍ତର ଥିବା ସମୟରେ ଖ୍ରୀଷ୍ଟିୟାନ ଧର୍ମ ଗ୍ରହଣ କରିଥିଲେ । ପରେ ସେ ବର୍ମା ଚାଲିଯାଇଥିଲେ । କୁନ୍ତଳା ୧୪ବର୍ଷ ବୟସ ହେଲା ପର୍ଯ୍ୟନ୍ତ ସେ ସେଠାରେ ରହିଥିଲେ । ବର୍ମାରୁ ଫେରି କୁନ୍ତଳା କିଛି ଦିନ ଖୋର୍ଦ୍ଧାରେ ରହିଥିଲେ । ସେ ରେଭେନ୍ସା ଗାର୍ଲସ୍ ସ୍କୁଲରେ ପାଠ ପଢ଼ୁଥିଲେ ।

ପରେ ସେ କଟକ ମେଡ଼ିକାଲ ସ୍କୁଲରେ ଡାକ୍ତରୀ ପାଠ ପଢ଼ିଥିଲେ । ୧୯୨୧ ମସିହାରେ ସେ ସ୍ୱର୍ଣ୍ଣପଦକ ସହ ଏଲ.ଏମପି ଡିଗ୍ରୀ ହାସଲ କରିଥିଲେ । ମେଡ଼ିକାଲ ଶିକ୍ଷା ପରେ ଡାକ୍ତର କୈଳାସ ଚନ୍ଦ୍ର ରାଓଙ୍କ ତତ୍ତ୍ୱାବଧାନରେ ୧୯୨୧ରୁ ୧୯୨୮ ପର୍ଯ୍ୟନ୍ତ ଡାକ୍ତରୀ ସେବାରେ ଯୋଗ ଦେଇଥିଲେ । ଏହାପରେ ସେ ନିଜର ବ୍ୟବସାୟ ଆରମ୍ଭ କରିଥିଲେ । ୧୯୨୫ ମସିହାରେ ସେ ରେଡ୍‌କ୍ରସ ସୋସାଇଟିର ଲେଡ଼ି ହେଲଥ୍ ଭିଜିଟର ଥିଲେ । ୧୯୨୮ରେ ସେ ଦିଲ୍ଲୀ ଚାଲିଗଲେ । ସେ ଡାକ୍ତର କୈଳାସ ଚନ୍ଦ୍ରଙ୍କୁ ବିବାହ କରିବା ପାଇଁ ବ୍ରାହ୍ମ ଧର୍ମ ଗ୍ରହଣ କରିଥିଲେ ମଧ୍ୟ ବିବାହ କରିପାରି ନଥିଲେ । ତାପରେ ସେ ଆର୍ଯ୍ୟ ଧର୍ମ ଗ୍ରହଣ କରି ବ୍ରହ୍ମଚାରୀ କୃଷ୍ଣ ପ୍ରସାଦ ଦାସଙ୍କୁ ୧୯୨୮ରେ ବିବାହ କରିଥିଲେ । ତାଙ୍କର ଦୁଇପୁତ୍ର ଓ ଦୁଇକନ୍ୟା ଥିଲେ । ଜାତିପ୍ରଥା ବିରୋଧରେ ସ୍ୱର ଉତୋଳନ କରି ସେ ଓଡ଼ିଶାର ଘରେ ଘରେ ପରିଚିତ ଥିଲେ । ଚିକିତ୍ସକ ଦିବସ ଅବସରରେ ତାଙ୍କ ପ୍ରତି ଆମର ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, ଚନ୍ଦନା ନଗର, ଲେନ୍-୬,
କଟକ-୧୪, ଦୂରଭାଷ : ୭୦୦୮୪୭୮୯୮୬

ଦୂରେଇବା ପ୍ଲାଷ୍ଟିକ....

॥ ଡ଼ଃ.ଅରୁନ୍ଧତୀ ଦେବୀ ॥

ପ୍ରତିବର୍ଷ ଜୁଲାଇ ୩ ତାରିଖରେ ସାରା ବିଶ୍ୱରେ ପାଳିତ ହୁଏ ପ୍ଲାଷ୍ଟିକ ବ୍ୟାଗମୁକ୍ତ ଦିବସ । ଏହି ଦିବସ ଅବସରରେ ପ୍ଲାଷ୍ଟିକ ବ୍ୟାଗକୁ ବ୍ୟବହାର ନକରିବା ପାଇଁ ଲୋକମାନଙ୍କୁ ସଚେତନ କରାଯାଇଥାଏ । ପ୍ଲାଷ୍ଟିକ ବ୍ୟାଗ ବ୍ୟବହାର ହୋଇସାରିବା ପରେ ଏଣେତେଣେ ଫିଙ୍ଗା ଯାଇଥାଏ । ଯାହା ମାଟିରେ ମିଶିପାରିନଥାଏ । ଫଳରେ ଏହା ପର୍ଯ୍ୟାବରଣ ନଷ୍ଟ କରିବା ସହ ବର୍ଷା ଜଳକୁ ମଧ୍ୟ ଭୂଗର୍ଭ ମଧ୍ୟକୁ ଭେଦିବାକୁ ଦେଇନଥାଏ । ବାହାରେ ପଡ଼ିଥିବା ଖାଦ୍ୟଦ୍ରବ୍ୟକୁ ଖାଇବା ବେଳେ ଗୋରୁଗାଈ ମଧ୍ୟ ବେଳେ ବେଳେ ଚରି ଖାଇଥାନ୍ତି, ଫଳରେ ସେମାନଙ୍କର ମୃତ୍ୟୁ ଘଟିଥାଏ । ଏକ ଗବେଷଣାରୁ ଜଣାଯାଇଛି ଯେ, ମାତ୍ର କିଛି ସମୟ ପାଇଁ ବ୍ୟବହୃତ ହେଉଥିବା ପ୍ଲାଷ୍ଟିକ ବ୍ୟାଗକୁ ମାଟିରେ ମିଶିବା ପାଇଁ ପ୍ରାୟ ୧୦୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଲାଗିଥାଏ । ତେଣୁ ପ୍ଲାଷ୍ଟିକ ବ୍ୟାଗ ବଦଳରେ କାଗଜ ବ୍ୟାଗ ବ୍ୟବହାର କରିବାକୁ ବୈଜ୍ଞାନିକମାନେ ମତ ଦେଇଥାନ୍ତି । ଏଭଳି କରିବା ଦ୍ୱାରା ପର୍ଯ୍ୟାବରଣ ସୁରକ୍ଷିତ ରହିବା ସହ ଭୂତଳ ଜଳର ମାତ୍ରା ମଧ୍ୟ ବୃଦ୍ଧି ପାଇପାରିବ । ପ୍ଲାଷ୍ଟିକ ଯେ ଏକ ଭୟାନକ ରାସାୟନିକ ପଦାର୍ଥ ଏହାକୁ ଅନେକ ଜ୍ଞାନୀଗୁଣି ଲୋକ ବୁଝି ନପାରିବା ବଡ଼ ବିସ୍ମୟର କଥା ।

ପ୍ଲାଷ୍ଟିକ ବ୍ୟାଗମୁକ୍ତ ପାଳନ ଅବସରରେ ଗୋଟିଏ ଦିନ ପାଇଁ ହେଉପଛେ, କାଗଜ ଥଳି ବ୍ୟବହାର କରିବା ପାଇଁ ଲୋକଙ୍କୁ ପ୍ରବର୍ତ୍ତାଯାଇଥାଏ । ଆଜିକାଲି ଏହି ପ୍ଲାଷ୍ଟିକ ଆମ ପାଇଁ ସହଜ ଓ ସୁବିଧା ଉପଲବ୍ଧ ହେଉଥିବାବେଳେ ଏହା କିନ୍ତୁ ଆମ ମାନଙ୍କର ଦୈନନ୍ଦିନ ଜୀବନ ପ୍ରଣାଳୀ ଓ ପରିବେଶ କ୍ଷେତ୍ର ପାଇଁ ଅତ୍ୟନ୍ତ ବିପଦଜନକ ସାବ୍ୟସ୍ତ ହେଉଛି । ପ୍ଲାଷ୍ଟିକ ବିଷ ଆମ ସମାଜ, ପରିବେଶ ଓ ବ୍ୟକ୍ତିଗତ ଜୀବନକୁ ମଧ୍ୟ ଯେଉଁପରି ଭାବେ ପ୍ରଦୂଷଣ ଭିତରୁ ଠେଲି ଦେଉଛି ତାହା ଅବର୍ଣ୍ଣନୀୟ । ସରକାର ନୀତିଗତ ଭାବେ ପ୍ଲାଷ୍ଟିକର ବ୍ୟବହାର ଓ ପ୍ଲାଷ୍ଟିକ ଜରି ବିକ୍ରି ଉପରେ ନିଷେଧାଦେଶ ଜାରି କରିଥିଲେ ମଧ୍ୟ ଆମ ମାନଙ୍କ ଭିତରେ ଯେଉଁ ଦିନ ପର୍ଯ୍ୟନ୍ତ 'ଦୂରେଇବା ପ୍ଲାଷ୍ଟିକ' ଏହି ମାନସିକତା ଗ୍ରହଣ କରାନଯାଉଛି ସେ ପର୍ଯ୍ୟନ୍ତ ପ୍ଲାଷ୍ଟିକର ବ୍ୟବହାର ବଢ଼ୁ ଥିବ ବରଂ ଏହା ଉପରେ ଅଙ୍କୁଶ ଲାଗିପାରିବ ନାହିଁ । ତେଣୁ ଆମ୍ଭେମାନେ ଯଥାସମ୍ଭବ ପ୍ଲାଷ୍ଟିକ ଠାରୁ ଦୂରେଇ ଏହାର ବିକଳ୍ପ ଭାବରେ ରହିଥିବା କାଗଜ ସାମଗ୍ରୀ ହେଉ ବା ଅନ୍ୟ ପରିବେଶଯୁକ୍ତ ସାମଗ୍ରୀ ବ୍ୟବହାର କରିବାର ଶପଥ ଆଜିର ଦିନରୁ ଆରମ୍ଭ ହେଉ । ଏ କ୍ଷେତ୍ରରେ କେବଳ ସରକାର ବା ପ୍ରଶାସନ ଉପରେ ଦାୟିତ୍ୱ ନ୍ୟସ୍ତ କଲେ ଚଳିବ ନାହିଁ ଏଥିପାଇଁ ବ୍ୟାପକ ସଚେତନତା ସୃଷ୍ଟି କରିବା ସହ ଆମ୍ଭେମାନେ ଏ କ୍ଷେତ୍ରରେ ଶପଥ ନେଇ ପ୍ଲାଷ୍ଟିକକୁ ଦୂରେଇ ଦେବା ।

ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ
ଆନ୍ଦୋଳନ କଟକ, ଦୂରଭାଷ : ୯୯୩୭୧୭୨୮୧୦

ପ୍ରାଣାୟାମ

॥ ବିରଂଚି ନାରାୟଣ ମହାନ୍ତି ॥

ପ୍ରାଣାୟାମ ଶ୍ୱାସ ପ୍ରଶ୍ୱାସର ବ୍ୟାୟାମର ଏକ ପଦ୍ଧତି, ଯାହାଦ୍ୱାରା ଫୁସ୍‌ଫୁସ୍ ବଳିଷ୍ଠ ହୋଇଥାଏ, ରକ୍ତ ସଂଚାଳନ ବ୍ୟବସ୍ଥା ସୁଧୁରିବା ଦ୍ୱାରା ଆରୋଗ୍ୟ ଏବଂ ଦୀର୍ଘାୟୁ ଲାଭ ହୁଏ । ଶରୀର ବିଜ୍ଞାନ ଅନୁସାରେ ମାନବର ଫୁସଫୁସ୍ ଦ୍ୱୟ ଶ୍ୱାସକୁ ନିଜ ଭିତରେ ଭରିବାର ଏଭଳି ଯନ୍ତ୍ର ଯେଉଁଥିରେ ଭର୍ତ୍ତି ହୋଇଥିବା ବାୟୁ ସମସ୍ତ ଶରୀରରେ ପହଂଚି ଅମ୍ଳଜାନ ପ୍ରଦାନ କରିଥାଏ ଏବଂ ବିଭିନ୍ନ ଅବୟବରେ ଉତ୍ପନ୍ନ ହୋଇଥିବା ମଳିନତା (କାର୍ବନ ଗ୍ୟାସ)କୁ ବାହାର କରିଥାଏ । ଏହି କ୍ରିୟା ଠିକ୍ ଭାବରେ ହେବା ଦ୍ୱାରା ଫୁସ୍‌ଫୁସ୍ ମଜଭୁତ ହୋଇଥାଏ ଏବଂ ରକ୍ତ ଶୋଧନର କାର୍ଯ୍ୟ ଚାଲିଥାଏ । ଅଧିକାଂଶ ବ୍ୟକ୍ତି ଗଭୀର ଶ୍ୱାସ ନେଇଥାନ୍ତି, ଯାହାଫଳରେ ଫୁସ୍‌ଫୁସ୍ ପ୍ରାୟ ଏକ ଚତୁର୍ଥାଂଶ ଭାଗ କାର୍ଯ୍ୟ କରିଥାଏ । ବାକି ତିନିଚତୁର୍ଥାଂଶ ଭାଗ ଏକ ପ୍ରକାର ନିଷ୍କ୍ରିୟ ହୋଇପଡ଼ିରହେ ।

ଫୁସ୍‌ଫୁସ୍‌ରେ ପ୍ରାୟ ସାତକୋଟି ତିରିଶଲକ୍ଷ ସ୍ପଞ୍ଜ ଭଳି କୋଠରି ରହିଛି । ସାଧାରଣ ହାଲୁକା ଶ୍ୱାସ ନେବା ଦ୍ୱାରା ସେଥିରୁ ପ୍ରାୟ ଦୁଇକୋଟି ଛିଦ୍ରରେ ହିଁ ପ୍ରାଣ ବାୟୁର ସଂଚାର ହୋଇଥାଏ । ବାକି ପାଂଚ କୋଟି ତିରିଶ ଲକ୍ଷ ଛିଦ୍ରରେ ପ୍ରାଣ ବାୟୁ ନପହଂଚିବା କାରଣରୁ ସେସବୁ ନିଷ୍କ୍ରିୟ ହୋଇ ପଡ଼ିରହେ । ପରିଣାମ ସ୍ୱରୂପ ଏଗୁଡ଼ିକର ଜଡ଼ତା ଆସିଥାଏ ଏବଂ ମଳ ଅର୍ଥାତ୍ ବିଜାତୀୟ ଦ୍ରବ୍ୟ ଜମିବାକୁ ଲାଗେ, ଯାହା ଯୋଗୁଁ ଯକ୍ଷ୍ମା, କାଶ, ବ୍ରୋଙ୍କାଇଟିସ୍ ଆଦି ଭୟଙ୍କର ରୋଗ ଦ୍ୱାରା ବ୍ୟକ୍ତି ଆକ୍ରାନ୍ତ ହୋଇଥାଏ । ଫୁସ୍‌ଫୁସ୍ କାର୍ଯ୍ୟ ପଦ୍ଧତିରେ ବାଧା ହେଲେ ରକ୍ତ ଶୁଦ୍ଧି ଉପରେ ପ୍ରଭାବ ପକାଇଥାଏ । ହୃଦୟ ଦୁର୍ବଳ ହୋଇଯାଏ ଏବଂ ପରିଣାମ ସ୍ୱରୂପ ଅକାଳ ମୃତ୍ୟୁ ହୋଇଥାଏ । ପ୍ରାଣାୟାମ ଦ୍ୱାରା ପ୍ରାଣବାୟୁର ନିୟନ୍ତ୍ରଣ କରି ବଭିନ୍ନ ରୋଗ ନିବାରଣ ସହଜତା ପୂର୍ବକ କରାଯାଇପାରେ । ଏହି ବିଜ୍ଞାନ ଅର୍ଥାତ୍ ପ୍ରାଣବାୟୁର ବିଜ୍ଞାନକୁ ଜାଣି ମାନବ ସ୍ୱୟଂ ତଥା ଅନ୍ୟର ସ୍ୱାସ୍ଥ୍ୟକୁ ସୁବ୍ୟବସ୍ଥିତ କରି ସୁଖୀ ଏବଂ ଆନନ୍ଦପୂର୍ଣ୍ଣ ଜୀବନର ପୂର୍ଣ୍ଣ ଲାଭପ୍ରାପ୍ତ କରି ନିଜର ଆୟୁକୁ ବଢ଼ାଇପାରିବ । ଉଦବେଗ, ଚିନ୍ତା, କ୍ରୋଧ, ନିରାଶା ଭୟ ଏବଂ କାମୁକତା ଆଦି ମନୋବିକାରଗୁଡ଼ିକର ସମାଧାନ ପ୍ରାଣାୟାମ ଦ୍ୱାରା ସଫଳତାପୂର୍ବକ କରାଯାଇପାରିବ । କେବଳ ଏତିକି ନୁହେଁ, ମସ୍ତିଷ୍କର କ୍ଷମତା ବଢ଼ାଇ ସ୍ମରଣ ଶକ୍ତି ଦୂରଦର୍ଶିତା, ମେଧା ଆଦି ମାନସିକ ବିଶେଷତ୍ୱ ଗୁଡ଼ିକର ଅଭିବର୍ଦ୍ଧନ କରି ପ୍ରାଣାୟାମ ଦ୍ୱାରା ଦୀର୍ଘଜୀବୀ ହୋଇ ଜୀବନର ବାସ୍ତବିକ ଆନନ୍ଦପ୍ରାପ୍ତ କରାଯାଇପାରିବ ।

ପ୍ରାଣାୟାମ ଶୁଦ୍ଧ ସାତ୍ତ୍ୱିକ ନିର୍ମଳ ସ୍ଥାନରେ କରିବା ଉଚିତ । ଯଦି ସମ୍ଭବ ତେବେ ଜଳାଶୟ ନିକଟରେ ବସି ଅଭ୍ୟାସ କରନ୍ତୁ । ସହରରେ ଯେଉଁଠାରେ ପ୍ରଦୂଷଣ ଅଧିକ ପ୍ରଭାବ ରହିଥାଏ, ସେଠାରେ ପ୍ରାଣାୟାମ କରିବା ପୂର୍ବରୁ ଘୃତ ଏବଂ ଗୁଗ୍‌ଗୁଳ ଦ୍ୱାରା ସେହି ସ୍ଥାନକୁ ସୁଗନ୍ଧିତ କରନ୍ତୁ । କିଛି ନ ହେଲେ ଘିଅ ଦୀପ ଲଗାନ୍ତୁ । ପ୍ରାଣାୟାମ ପାଇଁ ସିଦ୍ଧାସନ, ବଜ୍ରାସନ ବା ପଦ୍ମାସନରେ ବସିବା ଉପଯୁକ୍ତ ଅଟେ । ବସିବା ପାଇଁ ଯେଉଁ ଆସନର ବ୍ୟବହାର କରୁଛନ୍ତି ତାହା ବିଦ୍ୟୁତ କୁପରିବାହୀ ହେବା ଉଚିତ ଯଥା କମ୍ବଳ କିମ୍ବା କୁଶାସନ । ଶ୍ୱାସ ସବୁବେଳେ ନାକ ଦ୍ୱାରା ହିଁ ନେବା ଉଚିତ । ଏହାଦ୍ୱାରା ଶ୍ୱାସ ଛାଣି ହୋଇ ଭିତରକୁ ଯାଏ । ଅନ୍ୟାନ୍ୟ ସମୟରେ ମଧ୍ୟ ନାକ ବାଟେ ଶ୍ୱାସକ୍ରିୟା କରିବା ଉଚିତ । ଏହାଦ୍ୱାରା ଶରୀରର ତାପମାତ୍ରା ମଧ୍ୟ ଇଡା, ପିଙ୍ଗଳା ନାଡ଼ି ଦ୍ୱାରା ସୁବ୍ୟବସ୍ଥିତ ରହିଥାଏ ଏବଂ ବିଜାତୀୟ ତତ୍ତ୍ୱ ନାକ ଛିଦ୍ରରେ ହିଁ ରହିଥାଏ । ଯୋଗାସନ ଭଳି ପ୍ରାଣାୟାମ କରିବା ପାଇଁ ଅତିକମରେ ଚାରି ପାଂଚ ଘଂଟା ପୂର୍ବରୁ ଭୋଜନ କରିବା ଉଚିତ । ସକାଳେ ଶୌଚାଦି କର୍ମ ପରେ ଯୋଗାସନ ପୂର୍ବରୁ ପ୍ରାଣାୟମ କରିବା ସର୍ବୋତ୍ତମ । ପ୍ରଥମେ ୫/୧୦ ମିନିଟ୍ ହିଁ ଅଭ୍ୟାସ କରନ୍ତୁ ତଥା ଧୀରେ ଧୀରେ ବଢ଼ାଇ ଅଧଘଂଟାରୁ ଏକ ଘଂଟା କରିବା ଉଚିତ । ସବୁବେଳେ ସମାନ ସଂଖ୍ୟାରେ କରନ୍ତୁ । କମ୍ ବେଶୀ କରନ୍ତୁ ନାହିଁ । ସକାଳେ ଉଠିବା ପରେ ପେଟ ସଫା ହେଉନଥିଲେ ରାତିରେ ଶୋଇବା ପୂର୍ବରୁ ହରିଡ଼ାଚୂର୍ଣ୍ଣ କିମ୍ବା ତ୍ରିଫଳା ଚୂର୍ଣ୍ଣ ଗରମ ପାଣି ସହିତ ନିଅନ୍ତୁ । ପ୍ରାଣାୟାମ କରିବା ସମୟରେ ମନଶାନ୍ତ ଏବଂ ପ୍ରସନ୍ନ ହେବା ଉଚିତ । ସେମିତି ତ ପ୍ରାଣାୟାମ ଦ୍ୱାରା ମଧ୍ୟ ମନ ଶାନ୍ତ, ପ୍ରସନ୍ନ ଓ ଏକାଗ୍ର ହୋଇଥାଏ । ପ୍ରାଣାୟାମ ଗୁଡ଼ିକ ନିଜ ନିଜର ପ୍ରକୃତି ଏବଂ ଋତୁ ଅନୁସାରେ କରିବା ଉଚିତ । କେତେକ ପ୍ରାଣାୟାମ ଦ୍ୱାରା ଶରୀରରେ ତାପମାତ୍ରା ବଢ଼ିଯାଏ, କେତେକ ଦ୍ୱାରା ତାପମାତ୍ରା କମିଯାଏ ।

ପ୍ରାଣାୟାମ କରିବା ଦ୍ୱାରା ଥକା ଅନୁଭବ କଲେ ପରବର୍ତ୍ତୀ ପ୍ରାଣାୟାମ କରିବା ପୂର୍ବରୁ ସାଧାରଣ ଦୀର୍ଘ ଶ୍ୱାସ ନେଇ ବିଶ୍ରାମ କରିବା ଉଚିତ । ଗର୍ଭବତୀ ମହିଳା କ୍ଷୁଧାର୍ତ୍ତ, ରୋଗୀ ପ୍ରାଣାୟାମ କରିବା ଉଚିତ ନୁହେଁ । ପ୍ରାଣାୟାମ ଦୀର୍ଘ ଅଭ୍ୟାସ ପାଇଁ ବ୍ରହ୍ମଚର୍ଯ୍ୟ ପାଳନ କରନ୍ତୁ । ଭୋଜନ ସାତ୍ତ୍ୱିକ ହେବା ସଙ୍ଗେ ସଙ୍ଗେ କ୍ଷୀର, ଘିଅ, ଏବଂ ଫଳର ପ୍ରୟୋଗ କରାଯାଇପାରିବ । ପ୍ରାଣାୟାମରେ ଶ୍ୱାସକୁ ଜବରଦସ୍ତି ରୋକିବା ଉଚିତ ନୁହେଁ । ପ୍ରାଣାୟାମ ପୂର୍ବରୁ କେତେଥର 'ଓମ୍'ର ଦୀର୍ଘ ନାଦ ପୂର୍ଣ୍ଣ ଉଚ୍ଚାରଣ କରିବା ଏବଂ ଭଜନ କୀର୍ତ୍ତନ କରିବା ଉଚିତ । ଏହାଦ୍ୱାରା ମନ ଶାନ୍ତ ଓ ଏକାଗ୍ର ହୋଇଥାଏ । ପ୍ରାଣାୟାମ ଅଭ୍ୟାସ ପାଇଁ ମନ ଶାନ୍ତ ଏବଂ ବିଚାର ରହିତ ହେବା ବହୁତ ଆବଶ୍ୟକ । ପ୍ରାଣାୟାମ କରିବା ସମୟରେ ଗାୟତ୍ରୀ 'ଓମ୍'ର ଜପ କରିବା ଆଧ୍ୟାତ୍ମିକ ରୂପେ ବିଶେଷ ଗୁଣକାରୀ । ପ୍ରାଣାୟାମ କରିବା ସମୟରେ ପାଟି, ଆଖି, ନାକ, ଆଦି ଅଙ୍ଗରେ କୌଣସି ପ୍ରକାର କଠୋରତା ନ ଆଣି ସହଜାବସ୍ଥାରେ ରଖିବା ଉଚିତ । ପ୍ରାଣାୟାମ ଅଭ୍ୟାସ ଦ୍ୱାରା ବେକ, ମେରୁଦଣ୍ଡ, ଅଂଟାକୁ ସବୁବେଳେ ସିଧା ରଖନ୍ତୁ । ପ୍ରାଣାୟାମ ଚଉକି ଉପରେ ବସି କରିପାରିବେ । ମେରୁଦଣ୍ଡକୁ ସିଧା ରଖନ୍ତୁ ।

ଆଜିକାଲି ଲୋକେ ଚଲାବୁଲା କିମ୍ବା ଭ୍ରମଣ କରିବା ସମୟରେ ପ୍ରାଣାୟାମ କରିଥାନ୍ତି, ତାହା ଠିକ୍ ନୁହେଁ । ଏହାଦ୍ୱାରା ଅନେକ ସମୟରେ ଅଧିକ କ୍ଷତି ମଧ୍ୟ ହୋଇଥାଏ । ପ୍ରାଣାୟାମ କରିବା ଦ୍ୱାରା ପ୍ରାଣଶକ୍ତିର ଉତଥାନ ହୋଇଥାଏ । ତଥା ମେରୁଦଣ୍ଡ ସହ ସମ୍ବନ୍ଧିତ ଚକ୍ରଗୁଡ଼ିକ ଜାଗ୍ରତ ହୁଏ । ଏଣୁ ପ୍ରାଣାୟାମରେ ସିଧା ବସିବା ଅତି ଆବଶ୍ୟକ । ଏହା ଯଥାସମ୍ଭବ ସ୍ନାନାଦି କର୍ମପରେ ଧ୍ୟାନ ଉପାସନା ପୂର୍ବରୁ କରିବା ଉଚିତ । ପ୍ରାଣାୟାମ ପରେ ଯଦି ସ୍ନାନ କରୁଛନ୍ତି ତେବେ ୧୫/୨୦ ମିନିଟ୍ ପରେ କରିପାରିବେ । ପୁସ୍ତକ ପଢ଼ି ବା ଦେଖି ଦେଖି କଦାପି ଅଭ୍ୟାସ କରନ୍ତୁ ନାହିଁ, ଅନୁଭବୀ ଯୋଗଗୁରୁଙ୍କ ଠାରୁ ଶିକ୍ଷା କରନ୍ତୁ ।

ଚୁନଭାଟି ଗଳି, ଚୌଧୁରୀ ବଜାର, କଟକ, ଦୂରଭାଷ :
୯୪୩୭୬୩୧୯୧୩୫

ଆରମ୍ଭ

SEITHO ARAMBHA

ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ ପାଇଁ ବୁଥ ଅଧିକାରୀଙ୍କ ତାଲିମ ଅନୁଷ୍ଠିତ

ରାୟଗଡ଼, ୦୨/୦୭ (ଆ.ପ୍ର) : ଆସନ୍ତା ଜୁଲାଇ ପାଂଚ ତାରିଖରେ ଚିଠା ଭୋଟର ତାଲିକା ପ୍ରକାଶନ ହେବ । ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିଷ୍ପତିକ୍ରମେ ଜିଲ୍ଲା ନିର୍ବାଚନ ଅଧିକାରୀ ଆଶୁତୋଷ କୁଲକର୍ଣୀ ଚିଠା ପ୍ରକାଶନ ନିମନ୍ତେ ବ୍ୟବସ୍ଥା କରିବା ସହ ବୁଥ ସ୍ତରୀୟ ଅଧିକାରୀଙ୍କୁ ଆଶାନୀକ ତାଲିମ ପ୍ରଦାନ ପାଇଁ ତିନି ଜଣ ନିର୍ବାଚକ ପଞ୍ଜୀକରଣ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଚଳିତ ଜୁଲାଇରେ ପ୍ରତିଟି ନିର୍ବାଚନ ମଣ୍ଡଳୀରେ ଅନେକ ନୂତନ ବୁଥ ଚିହ୍ନଟ କରାଯାଇଥିବା ବେଳେ ସେଥିନିମନ୍ତେ ନୂତନ ବୁଥ ଅଧିକାରୀ ମଧ୍ୟ ନିଯୁକ୍ତ କାର୍ଯ୍ୟ ଶେଷ ହୋଇଛି । ରାୟଗଡ଼ ନିର୍ବାଚନ ମଣ୍ଡଳୀର ରାୟଗଡ଼ ବ୍ଲକ ଓ ପୌରାଂଚଳରେ ଗୁରୁବାର ଦିନ ଉଭୟ ନୂଆ ଓ ପୁରୁଣା ବୁଥ ସ୍ତରୀୟ ଅଧିକାରୀଙ୍କୁ ତାଲିମ ପ୍ରଦାନ କରାଯାଇଥିଲା । ଉକ୍ତ ତାଲିମରେ ଉପ ଜିଲ୍ଲାପାଳ ରମେଶ କୁମାର ଜେନା ଯୋଗଦେଇ ବୁଥ ସ୍ତରୀୟ ଅଧିକାରୀ ଓ ସୁପରଭାଇଜରଙ୍କ ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ ଏସ ଆଇ ଆର କାର୍ଯ୍ୟ ନିର୍ଦ୍ଧାରିତ ସମୟ ପୂର୍ବରୁ ସୁରୁଖୁରୁରେ ଶେଷ କରି ରାୟଗଡ଼ ଜିଲ୍ଲାକୁ ଓଡ଼ିଶାରେ ଦ୍ୱିତୀୟ ସ୍ଥାନରେ ରଖି ସୁନାମ ଅର୍ଜନ କରିଥିବାରୁ କୃତଜ୍ଞତା ଜ୍ଞାପନ କରିଥିଲେ । ୨୦୦୨ ଭୋଟର ତାଲିକା ରେ ନାମ ନଥିବା ଚିହ୍ନିତିକୃତ ପରିବାରବର୍ଗଙ୍କୁ ନୋଟିସ ଜାରିକରିବା ସହ ଅଣସଂଯୋଜିତ ଓ ତ୍ରୁଟିପୂର୍ଣ ତଥ୍ୟ ସମ୍ବଳିତ ଭୋଟରଙ୍କ ଠାରୁ ଆବଶ୍ୟକ ଦସ୍ତାବିଜ୍ ସଂଗ୍ରହ ଓ ଦାବି ଗୁଡିକର ଫୈସଲା ନିମନ୍ତେ ବିଧି ବ୍ୟବସ୍ଥା ବିଷୟରେ ଆଲୋଚନା କରାଯାଇଥିଲା । ରାୟଗଡ଼ ବିଡ଼ିଓ ସୁଜିତ କୁମାର ମିଶ୍ର, ସହକାରୀ ଜିଲ୍ଲାପାଳ କୈଳାଶ ଚନ୍ଦ୍ର ସ୍ୱାଇଁ , ଏବିଡ଼ିଓ କାଳୁ ଚରଣ ନାୟକ, ପୌରପାଳିକା ନିର୍ବାହୀ ଅଧିକାରୀ କୁମାର ଦିଲ୍ଲୀପ ଓ ବରିଷ୍ଠ ଶିକ୍ଷକ ନିରାଂଚଳ ମିଶ୍ର ପ୍ରମୁଖ ବିଭିନ୍ନ ବିଷୟ ବସ୍ତୁ ଉପରେ ଆଲୋଚନା କରିଥିଲେ । ପୂର୍ବ କାର୍ଯ୍ୟ ଗୁଡ଼ିକ ନିର୍ଦ୍ଧାରିତ ସମୟ ପୂର୍ବରୁ ପ୍ରଥମେ ଶେଷ କରିଥିବାରୁ ଶିକ୍ଷକ ପ୍ରମୋଦ କୁମାର ମାଝୀଙ୍କୁ ଉପଜିଲ୍ଲାପାଳ ଶ୍ରୀ ଜେନା ଓ ଅନ୍ୟାନ୍ୟ ଅତିଥି ବୃନ୍ଦ ଉପଢୌକନ ଏବଂ ସିଲ ପ୍ରଦାନ କରି ସମ୍ମାନିତ କରିଥିଲେ । ସମସ୍ତ ଭୋଟର ନିଜ ନାମକୁ ଚିଠା ଭୋଟର ତାଲିକା ରେ ଯାଂଚକରି ଦେଖନ୍ତୁ, ନାମ ନଥିଲେ ଆବଶ୍ୟକ ଦସ୍ତାବିଜ୍ ଦାଖଲ କରି ନାମ ଯୋଗକରିବା ନିମନ୍ତେ ପଦକ୍ଷେପ ନେବାକୁ ରାୟଗଡବାସୀଙ୍କୁ ଉପଜିଲ୍ଲାପାଳ ଶ୍ରୀ ଜେନା ଅପିଲ କରିଛନ୍ତି ।

ଚୌଦ୍ୱାର ପୋଲିସ ପକ୍ଷରୁ ନିଶାମୁକ୍ତ ଓଡିଶା ଅଭିଯାନ ଓ ଶପଥ ଗ୍ରହଣ କାର୍ଯ୍ୟକ୍ରମ

ଟାଙ୍ଗୀ ଚୌଦ୍ୱାର, ୦୨/୦୭ (ଆ.ପ୍ର) : ଚୌଦ୍ୱାର ଥାନା ତରଫରୁ ନିଶାମୁକ୍ତ ଓଡିଶା ଅଭିଯାନ ଓ ଗଣ ନିଶା ବିରୋଧୀ ଶପଥ ଗ୍ରହଣ କାର୍ଯ୍ୟକ୍ରମ ଚୌଦ୍ୱାର ଥାନା ପରିସରରେ ଅନୁଷ୍ଠିତ ହୋଇଯାଇଛି । ଚୌଦ୍ୱାର ଥାନା ଅଧିକାରୀ ରଜନୀକାନ୍ତ ଦାସଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତ ଜନସାଧାରଣ ନିଶାମୁକ୍ତ ସମାଜ ଗଠନ ପାଇଁ ଶପଥ ଗ୍ରହଣ କରିଥିଲେ ଅନ୍ୟମାନଙ୍କ ମଧ୍ୟରେ ଇନିସ୍ପେକ୍ଟର ନିରଞ୍ଜନ ଭୋଇ ଉପସ୍ଥିତ ଜନସାଧାରଣଙ୍କୁ ନିଶାଦ୍ରବ୍ୟ ବିରୋଧରେ ସଚେତନତା ସୃଷ୍ଟି କରିବା ସହ ନିଶାମୁକ୍ତ ରାଜ୍ୟ ଗଠନରେ ସହଯୋଗ କରିବାକୁ ସଂକଳ୍ପ ପାଠ କରାଇଥିଲେ । ନିଶା ସେବନ ସମାଜ ପାଇଁ ଏକ ଗୁରୁତର ବ୍ୟାଧି ବିଶେଷ କରି ଯୁବପିଢ଼ିଙ୍କୁ ଏଥିରୁ ଦୂରେଇ ରଖିବା ପାଇଁ ସମସ୍ତଙ୍କ ପ୍ରୟାସ ଆବଶ୍ୟକ ବୋଲି ନିଜ ବକ୍ତବ୍ୟରେ କହିଥିଲେ ।

ଜାତୀୟ ରାଜପଥ କଡ଼ରୁ ଲୁହା ରେଲିଂ କାଟି ନେଇଗଲେ ଦୁର୍ବୃତ

ବାଲିଗୁଡା, ୦୨/୦୭ (ଆ.ପ୍ର) : ଗୋପାଳପୁର ଠାରୁ ରାୟପୁର ଯାଇଥିବା ୫୯ ନଂ. ଜାତୀୟ ରାଜପଥ ରାସ୍ତାର ସିମନବାଡ଼ି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ରାଜପଥର କଡରେ ଲାଗିଥିବା ଲୁହା ରେଲିଂଗୁଡିକୁ ଦୁର୍ବୃତ ମାନେ କାଟି ଚୋରି କରି ନେଇଥିବା ଅଭିଯୋଗ ହୋଇଛି । ଗୋଟିଏ ସ୍ଥାନରେ ରେଲି କାଟି ଚୋରି ଉଦ୍ୟମ ବେଳେ କୌଣସି କାରଣରୁ ଦୁର୍ବୃତ ରେଲିଂକୁ କାଟିବା ପରେ ଛାଡ଼ି ଚାଲିଯାଇଥିବା ଜଣାପଡ଼ିଛି । ପ୍ରକାଶ ଯେ, ଫଂଗୁପଲିଠାରୁ ବାଲିଗୁଡ଼ା ପର୍ଯ୍ୟନ୍ତ ଉକ୍ତ ରାଜପଥରେ କଡରେ ରେଲିଂ ଯାତ୍ରୀଙ୍କ ପାଦରେ ଚାଲିକି ସୁରକ୍ଷିତ ଭାବେ ଯାତାୟାତ ପାଇଁ କରାଯାଇଥିଲା କିନ୍ତୁ ଏକାଧିକ ସ୍ଥାନରେ ଉକ୍ତ ରାଜପଥରେ ରେଲିଂଗୁଡିକୁ ଦୁର୍ବୃତମାନେ ସିଧା ଚୋରି କରି ନେଇଯାଉଥିବା ଅଭିଯୋଗ ହୋଇଛି । ପୂର୍ବରୁ ଜାତୀୟ ରାଜପଥ ପକ୍ଷରୁ ସୋଲାର ଷ୍ଟ୍ରିଟ୍ ଲାଇଟ୍‌ରୁ ବ୍ୟାଟେରୀ ଓ ସୋଲାର ପ୍ୟାନେଲ ଚୋରି ହୋଇଥିବା ବେଳେ ଏବେ ଲୁହା ରେଲିଙ୍ଗ ଚୋର ମାତିଥିବା ଅଭିଯୋଗ ହୋଇଛି । ସିମନବାଡ଼ି ସରକାରୀ ଉଚ୍ଚ ବିଦ୍ୟାଳୟର ଜଣେ ଶିକ୍ଷକଙ୍କ ବାସଭବନ ସମ୍ମୁଖରୁ କେହି ଦୁର୍ବୃତ ଏହି ରେଲିଂ କାଟି ଦେଉଥିବା ସେ ରାଜପଥ ବିଭାଗର ଠିକାଦାରଙ୍କୁ ଜଣାଇଥିବା କହିଛନ୍ତି । ସେ ତୁରନ୍ତ ଏହାର ତଦନ୍ତ କରିବାକୁ ଦାବି କରି ଦୁର୍ବୃତଙ୍କୁ ଆଇନ ଅନୁସାରେ ଦଣ୍ଡିତ ପାଇଁ ନିବେଦନ କରିଛନ୍ତି । ଏନେଇ ଠିକାଦାରଙ୍କ ପ୍ରକଳ୍ପ ଅଧିକାରୀ ଶିଶିର ସ୍ୱାଇଁ ଚୋରି ସମ୍ପର୍କରେ ଥାନାରେ ଲିଖିତ ଅଭିଯୋଗ କରିବୁ ବୋଲି ପ୍ରତିକ୍ରିୟାରେ କହିଛନ୍ତି ।

ଅବ୍ୟବସ୍ଥା ମଧ୍ୟରେ ବୁଗୁଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟ

ଦଶପଲ୍ଲା, ୦୨/୦୭ (ଆ.ପ୍ର) : ଦଶପଲ୍ଲା ବ୍ଲକ ଅନ୍ତର୍ଗତ ଟାକରା ପଂଚାୟତ ଅଧୀନ ବୁଗୁଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ମୌଳିକ ସୁବିଧା ଅଭାବ ଯୋଗୁଁ ପାଠପଢା ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହେଉଛି । ୨୦୦୪ ମସିହାରେ ପ୍ରତିଷ୍ଠିତ ହୋଇଥିବା ଏହି ବିଦ୍ୟାଳୟରେ ବର୍ତମାନ ପ୍ରାୟ ୪୦ ଜଣ କୁନିକୁନି ଛାତ୍ରଛାତ୍ରୀ ପାଠ ପଢୁଥିଲେ ମଧ୍ୟ ସେମାନଙ୍କ ସୁରକ୍ଷା ପାଇଁ ନା ଅଛି ପାଚେରୀ, ନା ଅଛି ସ୍ଥାୟୀ ମୁଖ୍ୟ ଗେଟ । ବିଦ୍ୟାଳୟ କର୍ତ୍ତୃପକ୍ଷ ବାଉଁଶ ପାତିରେ ଏକ ଅସ୍ଥାୟୀ ଗେଟ ତିଆରି କରିଛନ୍ତି । ଏଭଳି ଅସୁରକ୍ଷିତ ଗେଟ ଯୋଗୁଁ ଯେ କୌଣସି ସମୟରେ ଛାତ୍ରଛାତ୍ରୀ ଦୁର୍ଘଟଣାର ଶିକାର ହୋଇପାରନ୍ତି ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି । କାରଣ ବୁଗୁଡ଼ା ଗ୍ରାମ ଭିତରେ ଥିବା ଏହି ବିଦ୍ୟାଳୟ ସମ୍ମୁଖରେ ସବୁ ସମୟରେ ଯାନବାହନର ଚଳାଚଳ ଲାଗି ରହିଥାଏ । ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ମାନଙ୍କ ଦାୟିତ୍ୱ ଯୋଗୁଁ ସୁରକ୍ଷିତର ସହ ଛାତ୍ରଛାତ୍ରୀ ମାନେ ବିଦ୍ୟାଳୟକୁ ଆସି ପାଠପଢ଼ି ଘରକୁ ଫେରି ପାରୁଛନ୍ତି ବୋଲି ଅଭିଭାବକ କହିଛନ୍ତି । କେବଳ ସେତିକି ନୁହେଁ, ବିଦ୍ୟାଳୟର ରୋଷେଇ ଘର ଫାଟି ଆଁ' ହୋଇଯାଇଛି । ଶ୍ରେଣୀଗୃହର କାନ୍ଥ ଓ ଛାତରେ ଫାଟ ଦେଖାଦେଇଛି । ତୁରନ୍ତ ମରାମତି ନହେଲେ ବଡ ଅଘଟଣ ଘଟିପାରେ । ଏଭଳି ବିପଦପୂର୍ଣ୍ଣ ପରିବେଶରେ ଛାତ୍ରଛାତ୍ରୀମାନେ କିପରି ନିଶ୍ଚିନ୍ତରେ ପାଠ ପଢିବେ ତାହାକୁ ନେଇ ଅଭିଭାବକଙ୍କ ମଧ୍ୟରେ ଉଦବେଗ ପ୍ରକାଶ ପାଉଛି ।ସ୍ଥାନୀୟ ଅଭିଭାବକ ଓ ବୁଦ୍ଧିଜୀବୀମାନେ ଏହି ଅବସ୍ଥାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ଏ ସମ୍ପର୍କରେ ପୂର୍ବରୁ ସ୍ଥାନୀୟ ସରପଂଚଙ୍କଠାରୁ ଆରମ୍ଭ କରି ଅଭିଭାବକମାନେ ଏବିଇଓଙ୍କୁ ଅବଗତ କରାଇଥିଲେ ମଧ୍ୟ କେହି ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି । ତୁରନ୍ତ ପାଚେରୀ ଓ ସ୍ଥାୟୀ ଗେଟ ନିର୍ମାଣ ସହ ବିଦ୍ୟାଳୟର ମରାମତି କାର୍ଯ୍ୟ ଆରମ୍ଭ କରାଯାଉ ବୋଲି ଗ୍ରାମବାସୀ ଦାବୀ କରିଛନ୍ତି ।

୧୫ ଦିନ ଧରି ଅନ୍ଧକାରରେ କର୍ଲାଖମାର ଗ୍ରାମ: ୪ ଦିନ ମଧ୍ୟରେ ବିଦ୍ୟୁତ ସେବା ସ୍ୱାଭାବିକ କରିବାକୁ ବିଭାଗର ପ୍ରତିଶ୍ରୁତି

ସିନାପାଲି, ୦୨/୦୭ (ଆ.ପ୍ର) : ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଅନ୍ତର୍ଗତ କର୍ଲାଖମାର ଗ୍ରାମରେ ଗତ ୧୫ ଦିନ ଧରି ବିଦ୍ୟୁତ ସେବା ସମ୍ପୂର୍ଣ୍ଣ ବନ୍ଦ ରହିଥିବାରୁ ଗ୍ରାମବାସୀ ଚରମ ଦୁର୍ଭୋଗର ସମ୍ମୁଖୀନ ହେଉଛନ୍ତି । ଗ୍ରାମର ମୁଖ୍ୟ ବିଦ୍ୟୁତ ତାର ପୋଡ଼ିଯାଇଥିବାରୁ ସମଗ୍ର ଗ୍ରାମ ଅନ୍ଧକାରରେ ରହିଛି । ଦୀର୍ଘ ଦିନ ଧରି ସମସ୍ୟାର ସମାଧାନ ନ ହେବାରୁ ବିଦ୍ୟୁତ ବିଭାଗର କାର୍ଯ୍ୟଶୈଳୀକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଛି । ବିଦ୍ୟୁତ ବିଚ୍ଛିନ୍ନ ହେବା ଫଳରେ ଛାତ୍ରଛାତ୍ରୀଙ୍କ ପାଠପଢ଼ା, ପାନୀୟ ଜଳ ଯୋଗାଣ, ମୋବାଇଲ ଚାର୍ଜିଂ, ଛୋଟ ବ୍ୟବସାୟ ଏବଂ ଦୈନନ୍ଦିନ ଜୀବନ ବ୍ୟାପକ ଭାବେ ପ୍ରଭାବିତ ହୋଇଛି । ବର୍ଷା ଋତୁରେ ଅନ୍ଧକାର ଯୋଗୁଁ ସାପ ଓ ଅନ୍ୟାନ୍ୟ ବିଷାକ୍ତ ଜନ୍ତୁଙ୍କ ଭୟ ମଧ୍ୟ ବଢ଼ିଯାଇଥିବାରୁ ଗ୍ରାମବାସୀ ଚିନ୍ତା ପ୍ରକାଶ କରିଛନ୍ତି । ଗ୍ରାମବାସୀଙ୍କ କହିବାନୁସାରେ, ସେମାନେ ବାରମ୍ବାର ସିନାପାଲି ବିଦ୍ୟୁତ ବିଭାଗକୁ ଲିଖିତ ଓ ମୌଖିକ ଭାବେ ସମସ୍ୟା ଜଣାଇଥିଲେ ମଧ୍ୟ କେବଳ ଆଶ୍ୱାସନା ମିଳିଥିଲା । ଶେଷରେ ଯୁବ ନେତା ଡ. ପ୍ରଦୀପ କୁମାର ପ୍ରଧାନଙ୍କ ନେତୃତ୍ୱରେ ମହେଶ ବଞ୍ଜରା, ଧନଞ୍ଜୟ, ନେପାଳ, ପୁନ୍ତମ, ଭୁଜବଳ, ଲିଙ୍ଗରାଜ, ଫିଂଟୁ ଓ ସୁବାସ ବଞ୍ଜରାଙ୍କ ସମେତ ଏକ ପ୍ରତିନିଧି ଦଳ ସିନାପାଲି ବିଦ୍ୟୁତ କାର୍ଯ୍ୟାଳୟରେ ପହଂଚି କନିଷ୍ଠ ଯନ୍ତ୍ରୀଙ୍କୁ ସାକ୍ଷାତ କରି ତୁରନ୍ତ ବିଦ୍ୟୁତ ସେବା ପୁନଃସ୍ଥାପନ ପାଇଁ ଦାବି କରିଥିଲେ । ଆଲୋଚନା ପରେ କନିଷ୍ଠ ଯନ୍ତ୍ରୀ ଆଗାମୀ ଚାରି ଦିନ ମଧ୍ୟରେ ପୋଡ଼ିଯାଇଥିବା ବିଦ୍ୟୁତ ତାର ପରିବର୍ତନ କରି ସ୍ୱାଭାବିକ ବିଦ୍ୟୁତ ସେବା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଡ. ପ୍ରଦୀପ କୁମାର ପ୍ରଧାନ କହିଛନ୍ତି, ବିଭାଗ ଦେଇଥିବା ପ୍ରତିଶ୍ରୁତି ଅନୁଯାୟୀ ଚାରି ଦିନ ମଧ୍ୟରେ ବିଦ୍ୟୁତ ସେବା ସ୍ୱାଭାବିକ ନହେଲେ ଗ୍ରାମବାସୀଙ୍କୁ ସାଙ୍ଗରେ ନେଇ ଶାନ୍ତିପୂର୍ଣ୍ଣ ଗଣଆନ୍ଦୋଳନ କରାଯିବ ଏବଂ ଏହାର ସମ୍ପୂର୍ଣ୍ଣ ଦାୟିତ୍ୱ ବିଦ୍ୟୁତ ବିଭାଗ ବହନ କରିବ । ଏପରିସ୍ଥିତିରେ ଗ୍ରାମବାସୀମାନେ ଜିଲ୍ଲା ପ୍ରଶାସନ ଓ ବିଦ୍ୟୁତ ବିଭାଗର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ତୁରନ୍ତ ହସ୍ତକ୍ଷେପ କରି ସମସ୍ୟାର ସ୍ଥାୟୀ ସମାଧାନ କରିବାକୁ ଦାବି ଜଣାଇଛନ୍ତି ।

‘ଓମସା’ ଡାକ୍ତର ମାନଙ୍କ ଧର୍ମଘଟ ଯୋଗୁଁ ରୋଗୀ ସ୍ୱାସ୍ଥ୍ୟ ଚିକିତ୍ସା ସେବା ସମ୍ପୂର୍ଣ୍ଣ ଭାବେ ବିପର୍ଯ୍ୟସ୍ତ

ପାରଳାଖେମୁଣ୍ଡି, ୦୨/୦୭ (ଆ.ପ୍ର) : ଓଡ଼ିଶା ମେଡିକାଲ ସର୍ଭିସେସ ଏସୋସିଏସନ (ଓମସା) ନିର୍ଦ୍ଦେଶ କ୍ରମେ ଗଜପତି ଜିଲ୍ଲା ଶାଖା ଡାକ୍ତର ମାନେ ବିଭିନ୍ନ ନ୍ୟାଯ୍ୟ ଦାବୀ ଗୁଡିକ ପୂରଣ ନେଇ ଧର୍ମଘଟ ଚଳାଇ ଥିବା ଯୋଗୁ ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମେତ ଜିଲ୍ଲାର ବିଭିନ୍ନ ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡିକରେ ରୋଗୀ ସ୍ୱାସ୍ଥ୍ୟ ଚିକିତ୍ସା ସେବା ସମ୍ପୂର୍ଣ୍ଣ ଭାବେ ବିପର୍ଯ୍ୟସ୍ତ ହୋଇ ପଡ଼ିଥିବା ଦେଖାଯାଉଛି । ଏମିତି କି ଜରୁରୀକାଳୀନ ଚିକିତ୍ସା ସେବା ସମେତ ସମସ୍ତ ଚିକିତ୍ସା ସେବା ଠପ୍ ହୋଇଯାଇଛି । ସମସ୍ତ ସରକାରୀ ଚିକିତ୍ସା କେନ୍ଦ୍ର ଗୁଡ଼ିକରେ କୌଣସି ସେବା ଉପଲବ୍ଧ ହେବ ନାହିଁ । କାର୍ଯ୍ୟରତ ଡାକ୍ତର ମାନଙ୍କ ନ୍ୟାୟସଙ୍ଗତ ଓ ବୈଧ ଦାବି ଗୁଡ଼ିକ ପ୍ରତି ପୂରଣ କରିବା ଦିଗରେ ସରକାର ଲଗାତାର ଭାବେ ବୈମାତୃକ ଓ ଉଦାସୀନତା ମନୋଭାବ ପୋଷଣ କରି ଆସୁଥିବା ଯୋଗୁଁ ଓମସା ପକ୍ଷରୁ ଏଭଳି ପଦକ୍ଷେପ ନିଆଯିବା ସହ ଏହି ସିଦ୍ଧାନ୍ତ ଗ୍ରହଣ କରାଯାଇଛି । ଏଭଳି ହୋଇଥିବା ପ୍ରତି ଓମସା ମଧ୍ୟ ସମ୍ପୂର୍ଣ୍ଣ ଭାବେ ଦୁଃଖିତ । ଓଡ଼ିଶା ବାସୀଙ୍କ ପାଇଁ ଓମସା ର ଆହ୍ୱାନ ରହିଛି ଯେ , ଉତମ କାର୍ଯ୍ୟ ପରିବେଶ, କର୍ମଚାରୀଙ୍କ ସମ୍ମାନ ଏବଂ ଉନ୍ନତ ସ୍ୱାସ୍ଥ୍ୟ ସେବା ପାଇଁ ଚାଲିଥିବା ଆମର ନ୍ୟାୟ ସଙ୍ଗତ ଆନ୍ଦୋଳନକୁ ପୂର୍ଣ୍ଣ ମାତ୍ରାରେ ସମର୍ଥନ କରନ୍ତୁ । ଓମସାର ସଂଗ୍ରାମ ନ୍ୟାୟ ପାଇଁ ତେଣୁ ଆମର ଅଧିକାର ଉତମ ସ୍ୱାସ୍ଥ୍ୟ ସେବା ଓ ଓ ସମ୍ମାନ ପାଇଁ ଆମେ ଆଜି ଏକତ୍ରିତ ହୋଇଛୁ । ଆମର ଦୀର୍ଘ ଦିନର ନ୍ୟାଯ୍ୟ ଦାବୀ ଗୁଡିକ ହେଲା :- କେନ୍ଦ୍ରୀୟ ଡିଏସିପି, କେଡିକେ ପ୍ରସ୍ତାବ ନୀତି, ନିୟମିତ ଡିପିସି, ବିଶେଷଜ୍ଞ ପ୍ରୋତ୍ସାହନ ବୃଦ୍ଧି, ସ୍ୱଚ୍ଛ ସ୍ଥାନାନ୍ତର ନୀତି, କାର୍ଯ୍ୟ ସ୍ଥଳରେ ଡାକ୍ତର ମାନଙ୍କ ସୁରକ୍ଷା, କ୍ୟାଡ଼ର ପୁନର୍ଗଠନ, ନୂତନ ଡାକ୍ତର ନିଯୁକ୍ତି, ଡେଂଟାଲ କ୍ୟାଡ଼ର ପୁନର୍ଗଠନ ଏବଂ ଚୁକ୍ତି ଭିତିକ ଡାକ୍ତର ମାନଙ୍କ ଦରମା ବୃଦ୍ଧି । ତେଣୁ କରି ଆମେ ସମସ୍ତେ ଓମସା ଡାକ୍ତର ମାନେ ଓଡ଼ିଶା ସରକାରଙ୍କୁ ବିନମ୍ର ସହକାରେ ଅନୁରୋଧ କରୁଛୁ ଯେ , ଆମର ରହିଥିବା ଦୀର୍ଘ ଦିନ ଧରି ପୂରଣ ହୋଇ ନ ଥିବା ନ୍ୟାୟସଙ୍ଗତ ଓ ବୈଧ ତଥା ନ୍ୟାଯ୍ୟ ଦାବୀ ଗୁଡିକ ପ୍ରାଥମିକତା ଭିତିରେ ବିଚାର କରି ଆମକୁ ଯଥୋଚିତ ନ୍ୟାୟ ପ୍ରଦାନ କରିବାରେ ସହାୟକ ହୁଅନ୍ତୁ । ଏହି ଦାବୀ ଗୁଡ଼ିକୁ ନେଇ ଓମସା ଗଜପତି ଜିଲ୍ଲା ଶାଖା ଡାକ୍ତର ମାନଙ୍କ ପକ୍ଷରୁ ଏଡିଏମଓ ଡ଼ାଃ ମଞ୍ଜୁରାଣୀ ଜେନା ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲଙ୍କୁ ସରକାରଙ୍କ ଉଦ୍ଦେଶ୍ୟରେ ଏକ ଭିନ୍ନ ଭିନ୍ନ ଭାବେ ଏକ ସ୍ମାରକପତ୍ର ମିଳିତ ଭାବେ ପ୍ରଦାନ କରିଛନ୍ତି ।

ବନ ମହୋତ୍ସବ ସପ୍ତାହ ୨୦୨୬ ପାଳନ

ଏରସମା, ୦୨/୦୭ (ଆ.ପ୍ର) : ଏରସମା ବ୍ଲକ ଅନ୍ତର୍ଗତ ବାଲିତୁଠ ଫରେଷ୍ଟ ପକ୍ଷରୁ ବନାପାଟ ଠାରେ ବନ ମହୋତ୍ସବ ସପ୍ତାହ ପାଳନ କରାଯାଇଛି । ଆଜିର ବୈଠକରେ ସେକ୍ସନ ଫରେଷ୍ଟର ପ୍ରକାଶ ଦାସ, ନୂଆଗାଁ ଫରେଷ୍ଟର ସୋରାଷ୍ଟ ମହାପାତ୍ର, ଫରେଷ୍ଟ ଗାର୍ଡ ଅନିରୁଦ୍ଧ ଜେନା, ଅଜୟ ମାଝି, ପ୍ରଦୀପ ଦାସ, ଅତିଶ କୁମାର ସ୍ୱାଇଁ, ସାରଦା ବାରିକ ଯୋଗଦେଇ ବନ ମହୋତ୍ସବ ସପ୍ତାହରେ ପରିବେଶକୁ କିପରି ସୁରକ୍ଷିତ ରଖାଯିବ ସେ ସମ୍ପର୍କରେ ଆଲୋଚନା କରିଥିଲେ । ବ୍ୟାପକ ଜଙ୍ଗଲ କିପରି ସୃଷ୍ଟି ହେବ ଓ ବନ୍ୟପ୍ରାଣୀ କିପରି ସୁରକ୍ଷିତ ରହିବେ ସେ ଦିଗରେ ଉପସ୍ଥିତ ଥିବା ଜନସାଧାରଣ ମାନଙ୍କୁ ବୁଝାଇଥିଲେ । ଏରସମା ବ୍ଲକର ଡିଙ୍ଗିଆ, ଗଡ଼କୁଜଙ୍ଗ, ନୂଆଗାଁ,ବାମଦେଇପୁର, ବାଲିତୁଠ, ବଟୁଆ, ବଳେଇପୁରୁ ଆଦି ପଂଚାୟତରେ ଲିମ୍ବ, ଝାଉଁ, ଜାମୁ, ଆକାଶିଆ ବେଲଜିଅମ ଆଦି ଗଛ ବଂଟନ ହୋଇଥିଲା କ୍ଷ ଅଧୁନା ପରିବେଶ ସନ୍ତୁଳନ ପାଇଁ ବ୍ୟାପକ ଗଛ ଲଗାଇବା ଜରୁରୀ ହୋଇ ପଡିଛି । ସରକାରଙ୍କ ପକ୍ଷରୁ ମାଗଣା ଗଛ ବଂଟନ କରାଯାଇଛି । ପ୍ରତି ପଂଚାୟତରେ ଲୋକମାନେ ନିଜ ବାଡ଼ିରେ ଗଛ ଲଗାଇ ପରିବେଶକୁ ବଂଚାଇବା ଉଚିତ । ଆଗାମୀ ଦିନରେ ପ୍ରତି ପଂଚାୟତରେ ମାଗଣା ଗଛ ବଂଟନ କରାଯିବ ବୋଲି ଫରେଷ୍ଟର ଶ୍ରୀ ଦାସ ସୂଚନା ଦେଇଛନ୍ତି ।

ଜିଲ୍ଲାସ୍ତରୀୟ ବିକଶିତ ଭାରତ ଜୀ ରାମ ଜୀର ଶୁଭାରମ୍ଭ

ଜଗତସିଂହପୁର , ୦୨/୦୭ (ଆ.ପ୍ର) : ଜଗତସିଂହପୁର ଜିଲ୍ଲା ପରିଷଦର ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ଜନ ସମ୍ମିଳନୀ ତଥା ଭି. ବି-ଜୀ ରାମ ଜୀ (ବିକଶିତ ଭାରତ-ଜୀ ରାମ ଜୀ)ର ଶୁଭାରମ୍ଭ ହୋଇଯାଇଅଛି । ମୁଖ୍ୟ ଅତିଥି ଭାବେ ସାଂସଦ ବିଭୁ ପ୍ରସାଦ ତରାଇ କହିଲେ ସମଗ୍ର ଭାରତ ବର୍ଷରେ ଆଜି ଏହି ଯୋଜନାର ଶୁଭାରମ୍ଭ କରାଯାଇଛି । ୧ ଜୁଲାଇ ୨୦୨୬ ଠାରୁ ରାଜ୍ୟର ସମସ୍ତ ଗ୍ରାମ ପଂଚାୟତରେ ଲାଗୁ ହେଉଥିବା ଏହି ଯୋଜନା ଅଧୀନରେ ପ୍ରତ୍ୟେକ ଯୋଗ୍ୟ ଗ୍ରାମୀଣ ପରିବାରକୁ ପ୍ରତି ଆର୍ଥିକ ବର୍ଷରେ ୧୨୫ ଦିନର ଆଇନଗତ ମଜୁରୀ ଭିତିକ ନିଯୁକ୍ତିର ଗ୍ୟାରେଂଟି ପ୍ରଦାନ କରାଯିବା ସହ ଦୈନିକ ମଜୁରୀ ବାବଦକୁ ୩୦୦ଟଙ୍କା ପ୍ରଦାନ କରାଯିବ । ବିକଶିତ ଭାରତ ଗଠନ ନିମନ୍ତେ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ମିଳିତ ସହଯୋଗରେ ଏହି କାର୍ଯ୍ୟ ଆରମ୍ଭ କରାଯାଇଛି । ପଂଚାୟତ ସ୍ତରରେ ଯୋଜନାବଦ୍ଧ ଭାବରେ କାର୍ଯ୍ୟ ଗୁଡ଼ିକୁ ଗ୍ରହଣ କଲେ ଗ୍ରାମାଂଚଳର ଉନ୍ନତି ହେବା ସହ ପଂଚାୟତର ଆର୍ଥିକ ବିକାଶ ହୋଇ ପାରିବ । ଜଳ ସୁରକ୍ଷା , ମୂଳ ଗ୍ରାମୀଣ ଭିତିଭୂମିର ବିକାଶ, ଜୀବିକା ସମ୍ବନ୍ଧୀୟ ଭିତିଭୂମି ସୃଷ୍ଟି ଏବଂ ଚରମ ପାଣିପାଗ ବିପର୍ଯ୍ୟୟ ପ୍ରଶମନ ମାଧ୍ୟମରେ ସଶକ୍ତ ଓ ସମୃଦ୍ଧ ଗ୍ରାମ ଗଠନ କରିବା ଏହି ଯୋଜନାର ଲକ୍ଷ୍ୟ । ସମସ୍ତଙ୍କର ସହଭାଗିତା ରହିଲେ ଏହି ଯୋଜନା ନିଶ୍ଚିତ ଫଳପ୍ରଦ ହୋଇ ପାରିବ । ସୁଦୃଢ ପଂଚାୟତ ଗଠନ ପାଇଁ ସୁଦୃଢ ଭିତିଭୂମିର ଆବଶ୍ୟକତା ରହିଛି ବୋଲି ସାଂସଦ ଶ୍ରୀ ତରାଇ ପ୍ରକାଶ କରିଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ମନୋଜ କୁମାର ଭୋଇ କହିଲେ ଭି ବି - ଜୀ ରାମ ଜୀ ଯୋଜନାରେ ୧୦୦ ଦିନର କାମ ପରିବର୍ତେ ୧୨୫ ଦିନ କାମ ଯୋଗାଇ ଦିଆଯିବ । ଏହି ଯୋଜନାରେ ୩୧୮ ଗୋଟି କାମକୁ ସାମିଲ କରାଯାଇଛି । ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ଅକ୍ଷୟ ପିଲ୍ଲେ ଯୋଗଦେଇ କହିଲେ ଆଜି ହେଉଛି ଏକ ଐତିହାସିକ ଦିନ । ଆଜିଠାରୁ ପଂଚାୟତ ସ୍ତରରେ ଏହି ଯୋଜନାକୁ ଲାଗୁ କରାଯାଇ ଗ୍ରାମାଂଚଳର ଭିତିଭୂମିକୁ ସୁଦୃଢ଼ କରାଯାଇ ପାରିବ । ଅତିରିକ୍ତ ମୁଖ୍ୟ ବିକାଶ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ ଯୋଗ ଦେଇ କହିଲେ ଜୁଲାଇ ୧ ତାରିଖଠାରୁ ଏହି ଯୋଜନା ସାରା ଦେଶରେ ଆରମ୍ଭ ହୋଇ ଆଜି ତାହାର ଶୁଭାରମ୍ଭ କରାଯାଉଛି ।ଏହି ଉତ୍ସବକୁ ଭି.ବି -ଜୀ ରାମ ଜୀ ର ଜିଲ୍ଲା ସଂଯୋଜକ ମଧୁସ୍ମିତା ବିଶ୍ୱାଳ ପରିଚାଳନା କରିଥିଲେ । ଉତ୍ସବରେ ଭି.ବି -ଜୀ ରାମ ଜୀ ର ଲୋକପାଳ ଶିବପ୍ରସାଦ ପତି ଉପସ୍ଥିତ ଥିଲେ । ଶେଷରେ ଏରସମା ବି.ଡ଼ି.ଓ ଦାଶରଥି ଜେନା ଏହି ଯୋଜନାରେ ନିଜର ଅଭିଜ୍ଞତା ତଥା ଅନୁଭୂତି ପ୍ରଦାନ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଗୋଷ୍ଠୀ ଉନ୍ନୟନ ଅଧିକାରୀବୃନ୍ଦ, ଡେପୁଟି ସିଇଓ ORMAS ମଧୁସ୍ମିତା ସାହୁ, ସରପଂଚ, ପଂଚାୟତ ସମିତି ସଭ୍ୟସଭ୍ୟା, ପଂଚାୟତ ନିର୍ବାହୀ ଅଧିକାରୀ, ଜିଲ୍ଲାସ୍ତରୀୟ ଅଧିକାରୀ, ଗଣମାଧ୍ୟମର ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ ।

ଧାରଣା ପରେ ବଦଳିଲେ ନବନିଯୁକ୍ତ ପିଇଓ



ଦଶପଲ୍ଲା, ୦୨/୦୭ (ଆ.ପ୍ର) : ଦଶପଲ୍ଲା ବ୍ଲକ ଅନ୍ତର୍ଗତ ଘୁଗୁଡ଼ିପଡ଼ା ଗ୍ରାମପଂଚାୟତରେ ନବନିଯୁକ୍ତ ପିଇଓ ସୁନୀତା ପ୍ରଧାନଙ୍କ ନିଯୁକ୍ତିକୁ ନେଇ ଚାଲିଥିବା ବିବାଦର ଅନ୍ତ ଘଟିଛି । ଦଶପଲ୍ଲା ଗୋଷ୍ଠୀ ଉନ୍ନୟନ ଅଧିକାରୀ ବୁଧବାର ଦିନ ଏକ ସରକାରୀ ନିର୍ଦ୍ଦେଶନାମା ୨୬୬୨, ତା- ୦୧/୦୭/ ୨୦୨୬ ଜାରି କରି ସୁନୀତା ପ୍ରଧାନଙ୍କୁ ଘୁଗୁଡ଼ିପଡ଼ାରୁ ଖମାରସାହି ଗ୍ରାମପଂଚାୟତକୁ ବଦଳି କରିଛନ୍ତି । ସେହିପରି ଘୁଗୁଡ଼ିପଡ଼ା ଗ୍ରାମପଂଚାୟତରେ ନୂତନ ପଂଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ (ପିଇଓ) ଭାବେ ସୁଶାନ୍ତ କୁମାର ସେଠୀଙ୍କୁ ନିଯୁକ୍ତି ଦିଆଯାଇଛି । ଅନ୍ୟପକ୍ଷରେ ସୁବାଷ ଚନ୍ଦ୍ର କହଁରଙ୍କୁ ସିମିଳିସାହି ପଂଚାୟତରେ ଅବସ୍ଥାପିତ କରାଯାଇଛି । ସୂଚନାଯୋଗ୍ୟ ଯେ, ସୁନୀତା ପ୍ରଧାନଙ୍କ ନିଯୁକ୍ତିକୁ ବିରୋଧ କରି ଘୁଗୁଡ଼ିପଡ଼ା ସରପଂଚ ରମେଶ ସାହୁ ଓ ଅନ୍ୟ ଜନପ୍ରତିନିଧିମାନେ ପଂଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦେଇଥିଲେ । ଏହି ଆନ୍ଦୋଳନକୁ ସ୍ଥାନୀୟ ବିଧାୟକ ରମେଶ ଚନ୍ଦ୍ର ବେହେରା ଓ ବ୍ଲକ ଅଧ୍ୟକ୍ଷା ସୁନନ୍ଦା ସାହୁ ପ୍ରମୁଖ ଧାରଣା ସ୍ଥଳରେ ପହଂଚି ପୂର୍ଣ୍ଣ ସମର୍ଥନ ଜଣାଇଥିଲେ ।

‘ଅପରେସନ ସେଫ୍ ପାସେଜ୍’ରେ ବଡ଼ ସଫଳତା: ବାଘ ଚମଡ଼ା, ପାଙ୍ଗୋଲିନ ଶଲ୍କ ଜବତ

ନୂଆପଡା, ୦୨/୦୭ (ଆ.ପ୍ର) : ବନ୍ୟଜନ୍ତୁ ସୁରକ୍ଷା କ୍ଷେତ୍ରରେ ଛତିଶଗଡ଼ ବନ ବିଭାଗକୁ ମିଳିଛି ଏକ ବଡ଼ ସଫଳତା । ଉଦନ୍ତୀ-ସୀତାନଦୀ ଟାଇଗର ରିଜର୍ଭର ଆଂଟି ପୋଚିଂ ୟୁନିଟ୍ ‘ଅପରେସନ ସେଫ୍ ପାସେଜ୍’ ଅଧୀନରେ ଏକ ବୃହତ୍ ଆନ୍ତଃରାଜ୍ୟ ବନ୍ୟଜନ୍ତୁ ତସ୍କରୀ ଚକ୍ରର ପର୍ଦ୍ଦାଫାସ କରିଛି । ମହାରାଷ୍ଟ୍ର-ଛତିଶଗଡ଼ ସୀମାରେ ସକ୍ରିୟ ଥିବା ଏହି ଚକ୍ର ବିରୋଧରେ ଚାଲିଥିବା ମିଳିତ ଅଭିଯାନରେ ଦୁଇଟି ବାଘ ଚମଡ଼ା, ପ୍ରାୟ ୫ କିଲୋଗ୍ରାମ ପାଙ୍ଗୋଲିନ ଶଲ୍କ ଜବତ କରାଯିବା ସହ ଏକାଧିକ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ୱାଇଲ୍ଡଲାଇଫ ଜଷ୍ଟିସ କମିଶନରୁ ମିଳିଥିବା ଗୁପ୍ତ ସୂଚନା ଆଧାରରେ ଉଦନ୍ତୀ-ସୀତାନଦୀ ଟାଇଗର ରିଜର୍ଭ, ୱାଇଲ୍ଡଲାଇଫ କ୍ରାଇମ କଂଟ୍ରୋଲ ବ୍ୟୁରୋର ମୁମ୍ବାଇ ଓ ଭୋପାଳ ୟୁନିଟ୍, ରାଜ୍ୟ ସ୍ତରୀୟ ଫ୍ଲାଇଙ୍ଗ ସ୍କ୍ୱାଡ୍, ପଶ୍ଚିମ ଭାନୁପ୍ରତାପପୁର ବନମଣ୍ଡଳ ଏବଂ ଗଡ଼ଚିରୋଲି ପୁଲିସର ମିଳିତ ସହଯୋଗରେ ଏହି ସ୍ୱତନ୍ତ୍ର ଅପରେସନ୍ କରାଯାଇଥିଲା । ଅଭିଯାନ ସମୟରେ ମହାରାଷ୍ଟ୍ର-ଛତିଶଗଡ଼ ସୀମାରୁ ବାବୁରାଓ ମଡାଭି ଓ ବିଜେଶ୍ୱର ଗେଡାମଙ୍କୁ ଦୁଇଟି ବାଘ ଚମଡ଼ା ଏବଂ ଏକ ମୋଟରସାଇକେଲ ସହ ଗିରଫ କରାଯାଇଥିଲା । ଉଭୟଙ୍କ ବିରୋଧରେ ବନ ଅପରାଧ ମାମଲା ରୁଜୁ କରାଯାଇ ସେମାନଙ୍କୁ ନ୍ୟାୟିକ ହାଜତକୁ ପଠାଯାଇଛି । ତଦନ୍ତକୁ ଆହୁରି ବ୍ୟାପକ କରାଯିବା ପରେ ବିଜାପୁର ଜିଲ୍ଲାର ନେଟିଗ୍ୱାଡ଼ା ଗ୍ରାମରୁ ତୁଳସୀରାମ ମଞ୍ଜି ନାମକ ଜଣେ ଶିକାରୀଙ୍କୁ ମଧ୍ୟ ଗିରଫ କରାଯାଇଛି । ବିଜେଶ୍ୱର ଗେଡାମଙ୍କ ସୂଚନା ଆଧାରରେ ତାଙ୍କ ଘରୁ ପ୍ରାୟ ୫ କିଲୋଗ୍ରାମ ପାଙ୍ଗୋଲିନ ଶଲ୍କ ଜବତ କରାଯାଇଛି । ଏହା ଦ୍ୱାରା ବାଘ ସମେତ ଅନ୍ୟାନ୍ୟ ବିରଳ ବନ୍ୟଜନ୍ତୁଙ୍କ ଅବୈଧ ଶିକାର ଓ ତସ୍କରୀରେ ଏହି ଚକ୍ରର ସମ୍ପୃକ୍ତି ଥିବା ସନ୍ଦେହ ଆହୁରି ଦୃଢ଼ ହୋଇଛି । ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ଜବତ ବାଘ ଦୁଇଟିର ଶିକାର ଇନ୍ଦ୍ରାବତୀ ଟାଇଗର ରିଜର୍ଭର ଅବୁଝମାଡ଼ ଅଂଚଳରେ କରାଯାଇଥିଲା । ଚମକପ୍ରଦ କଥା ହେଉଛି, ଗିରଫ ହୋଇଥିବା ଦୁଇ ଅଭିଯୁକ୍ତ ମହାରାଷ୍ଟ୍ର ପୁଲିସ ବିଭାଗର କର୍ମଚାରୀ ବୋଲି ପ୍ରାଥମିକ ତଦନ୍ତରେ ସାମ୍ନାକୁ ଆସିଛି । ଫଳରେ ଘଟଣାର ଗୁରୁତ୍ୱ ଆହୁରି ବଢ଼ିଯାଇଛି । ବନ ବିଭାଗ ସୂଚନା ଅନୁଯାୟୀ, ଗଡ଼ଚିରୋଲି, ଇନ୍ଦ୍ରାବତୀ, ଅବୁଝମାଡ଼, ଉଦନ୍ତୀ-ସୀତାନଦୀ ଓ ଓଡ଼ିଶାର ନୂଆପଡ଼ା ଜିଲ୍ଲା କୋମନା ବ୍ଲକସ୍ଥିତ ସୁନାବେଡ଼ା ଅଭୟାରଣ୍ୟକୁ ସଂଯୋଗ କରୁଥିବା ପ୍ରାୟ ୪୦୦ କିଲୋମିଟର ଲମ୍ବା ବାଘ କରିଡର ମଧ୍ୟ ଭାରତର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ବନ୍ୟଜନ୍ତୁ ଚଳପ୍ରଚଳ ପଥ । ବାଘ ସହିତ ହାତୀ, ଗୌର, ବନ୍ୟ ମଇଁଷି ଓ ଅନେକ ବିରଳ ପ୍ରଜାତିର ବନ୍ୟଜନ୍ତୁ ଏହି କରିଡର ବ୍ୟବହାର କରୁଥିବାରୁ ଏହାର ସୁରକ୍ଷାକୁ ବନ ବିଭାଗ ସର୍ବାଧିକ ଗୁରୁତ୍ୱ ଦେଉଛି । ସୂଚନାଯୋଗ୍ୟ, ୨୦୨୩ ମସିହାରେ ମଧ୍ୟ ଉଦନ୍ତୀ-ସୀତାନଦୀ ଆଂଟି ପୋଚିଂ ଟିମ୍ ମହାରାଷ୍ଟ୍ରର ଏଟାପଲ୍ଲୀ ଓ ଛତିଶଗଡ଼ର ବିଜାପୁରରେ ଦୁଇଟି ବୃହତ୍ ଅଭିଯାନ ଚଳାଇ ଦୁଇଟି ବାଘ ଚମଡ଼ା ଜବତ କରିବା ସହ ଆନ୍ତଃରାଜ୍ୟ ଶିକାରୀ ଚକ୍ରର ପର୍ଦ୍ଦାଫାସ କରିଥିଲା । ସେହିପରି ଚଳିତ ବର୍ଷ ଏପ୍ରିଲ ମାସରେ ଅବୁଝମାଡ଼-ଦନ୍ତେୱାଡ଼ା ଅଂଚଳରେ ୯ଟି ବିଶାଳ ଭାରତୀୟ ଗୁଞ୍ଚିମୂଷା ଶିକାର ଘଟଣାରେ ଜଣେ ଶିକାରୀଙ୍କୁ ମଧ୍ୟ ଗିରଫ କରାଯାଇଥିଲା । କ୍ରମାଗତ ଆଂଟି ପୋଚିଂ ଅଭିଯାନ ଫଳରେ ବନ୍ୟଜନ୍ତୁ ତସ୍କରୀ ଚକ୍ର ଉପରେ ବଡ଼ ଆଘାତ ଲାଗିଥିବା ବେଳେ ଆଗାମୀ ଦିନରେ ମଧ୍ୟ ଏଭଳି କଡ଼ା କାର୍ଯ୍ୟାନୁଷ୍ଠାନ ଜାରି ରହିବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି ।

ଅବସର କାଳୀନ ସମ୍ବର୍ଦ୍ଧନା ସଭା ଆୟୋଜିତ

କଳମପୁର, ୦୨/୦୭ (ଆ.ପ୍ର) : ଓଡ଼ିଶା ହାଇଡ୍ରୋ ପାୱାର କର୍ପୋରେସନ୍ (ଓଏଚପିସି)ମୁଖିଗୁଡ଼ା କାର୍ଯ୍ୟାଳୟ ଠାରେ କାର୍ଯ୍ୟରତ ମୁଖ୍ୟ ସହାୟକ ଜୟସେନ ବାଗ ଏବଂ କେଶରୀ ମାଝୀ ମଙ୍ଗଳବାର ଦିନ ଅବସର ଗ୍ରହଣ କରିଛନ୍ତି । ଏହି ଅବସରରେ ନିଜ କାର୍ଯ୍ୟାଳୟ ପରିସରରେ ଏକ ବିଦାୟକାଳୀନ ସମାରୋହ ଆୟୋଜିତ ହୋଇଥିଲା । ଅବସର ଗ୍ରହଣ ସମ୍ବର୍ଦ୍ଧନା ସଭାରେ ୟୁନିଟ ହେଡ୍ ଅକ୍ଷୟ କୁମାର ସାହୁ ମୁଖ୍ୟ ଅତିଥି , ମାନବ ସମ୍ବଳ ବିଭାଗ ସାଇଗୀତା ମାରାଣ୍ଡି , ଅର୍ଥ ବିଭାଗ ମୁଖ୍ୟ ନୀଳମଣି ଓଝା ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଥିଲେ । ମୁଖ୍ୟ ସହାୟକ ଅମୃ ନାଏକ , ବରିଷ୍ଠ ସହାୟକ ଅକ୍ରୁର ସୁନା , କନିଷ୍ଠ ପରିଚାଳକ ପ୍ରଶାନ୍ତ ନାଏକ ଓ ସହକର୍ମୀମାନେ ତାଙ୍କର ଦୀର୍ଘ ବର୍ଷର ସେବା, କର୍ତବ୍ୟନିଷ୍ଠା ଓ ଅବଦାନକୁ ପ୍ରଶଂସା କରି ବିଦାୟ ଜଣାଇଥିଲେ । ଓଏଚପିସି ପରିସରରେ ଆୟୋଜିତ ବିଦାୟ ସମାରୋହରେ ଅଧିକାରୀ, କର୍ମଚାରୀ ଓ ଅତିଥିମାନେ ଉପସ୍ଥିତ ରହି ଅବସରପ୍ରାପ୍ତ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ । ବକ୍ତାମାନେ ତାଙ୍କର ନିଷ୍ଠା, ସଚ୍ଚୋଟତା ଏବଂ କର୍ମଜୀବନର ଅବଦାନକୁ ସ୍ମରଣ କରି ଭବିଷ୍ୟତ ଜୀବନ ପାଇଁ ଶୁଭେଚ୍ଛା ଜଣାଇଥିଲେ । ଅବସରପ୍ରାପ୍ତ କର୍ମଚାରୀ ମଧ୍ୟ ନିଜର ଦୀର୍ଘ ବର୍ଷ କର୍ମଜୀବନର ଅନୁଭୂତି ବାଂଟିବା ସହ ସମସ୍ତ ସହକର୍ମୀଙ୍କ ସହଯୋଗ ପାଇଁ କୃତଜ୍ଞତା ପ୍ରକାଶ କରିଥିଲେ । ଶେଷରେ ତାଙ୍କୁ ଉପଢୌକନ ଓ ସ୍ମାରକୀ ପ୍ରଦାନ କରାଯାଇ ଭାବପୂର୍ଣ୍ଣ ବିଦାୟ ଦିଆଯାଇଥିଲା, ଏଥିସହିତ ରାତ୍ର ଆଠ ଘଂଟା ସମୟରେ କଲମପୁର ବ୍ଲକ ଅନ୍ତର୍ଗତ ଭାଟିଗାଁ ଠାରେ ବାଗ ପରିବାର ପକ୍ଷରୁ ଶ୍ରୀବାଗଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ସହ ପରିକ୍ରମା କରାଯାଇଥିଲା ।

ଆଇଏମଏ ପକ୍ଷରୁ ରକ୍ତଦାନ ଶିବିର ଓ ଡକ୍ଟରର୍ସ ଡେ ପାଳନ

ଜଗତସିଂହପୁର, ୦୨/୦୭ (ଆ.ପ୍ର) :ଆଇଏମଏ ଶାଖା ଜଗତସିଂହପୁର ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ରକ୍ତ ଭଣ୍ଡାର ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ସମୁଦାୟ ୨୨ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ଏହି ଶିବିରରେ ଆଇଏମଏର ସଭାପତି, ସମ୍ପାଦକ ସମେତ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ରକ୍ତଦାନ କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ । ଏହି ଅବସରରେ ସନ୍ଧ୍ୟାରେ ଡକ୍ଟରର୍ସ ଡେ ପାଳନ କରାଯାଇଥିଲା । ଏଥିସହିତ ବରିଷ୍ଠ ଡାକ୍ତର ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

ରାୟଗଡ଼ାରେ ଜିଲ୍ଲାସ୍ତରୀୟ ଜନ ସମ୍ମିଳନୀରେ ଭିବି ଜି ରାମ ଜିର ଶୁଭାରମ୍ଭ

ରାୟଗଡ଼ା, ୦୨/୦୭ (ଆ.ପ୍ର) : ରାୟଗଡ଼ା ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ଜନ ସମ୍ମିଳନୀ- ତଥା-ଭିବି ଜି ରାମ ଜିର ଶୁଭାରମ୍ଭ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ଜଭଭ ଅଧକ୍ଷ ବିଦ୍ୟାଧର ଶବର, SDC ଉପାଧ୍ୟକ୍ଷା ମଞ୍ଜୁଳା ମିଣିଆକା, ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ନବୀନ ଚନ୍ଦ୍ର ନାୟକ, CDO- ତଥା-EO, ଜିଲ୍ଲା ପରିଷଦ, ଅକ୍ଷୟ କୁମାର ଖେମୁଣ୍ଡୁ, ଏବଂ ରାୟଗଡ଼ା ଜିଲ୍ଲାର ଓମ୍ବୁଡ୍ସମ୍ୟାନ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ସମସ୍ତ ବ୍ଲକ ଉନ୍ନୟନ ଅଧିକାରୀ, ସହକାରୀ ନିର୍ବାହୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ, ଜନପ୍ରତିନିଧିମାନେ ଏବଂ VB ଏ RAM ଏ ହିତାଧିକାରୀମାନେ ମଧ୍ୟ ଯୋଗଦେଇଥିଲେ । କାର୍ଯ୍ୟକ୍ରମର ଆରମ୍ଭ ଦୀପ ପ୍ରଜ୍ୱଳନ ସହିତ ହୋଇଥିଲା, ପରେ ଗଣ୍ୟମାନ୍ୟ ବ୍ୟକ୍ତିମାନେ ଏହି ନୂତନ ଆଇନର ଉଦ୍ଦେଶ୍ୟ ଏବଂ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମ ଅବସରରେ ତିନିଜଣ ହିତାଧିକାରୀଙ୍କୁ ଯୋଜନା ଅଧୀନରେ ନୂତନ କାର୍ଯ୍ୟ ମଞ୍ଜୁର କରାଯାଇଥିଲା । ନୂତନ ଆଇନର ବିଭିନ୍ନ ପ୍ରାବଧାନ ଏବଂ କାର୍ଯ୍ୟାନ୍ୱୟନ ପ୍ରସଙ୍ଗରେ ବିସ୍ତୃତ ଆଲୋଚନା ହୋଇଥିଲା । କାର୍ଯ୍ୟସ୍ଥଳରେ ଯୋଗାଇଦେବାକୁ ଥିବା ଆବଶ୍ୟକ ସୁବିଧା ସମ୍ପର୍କରେ ଅଂଶଗ୍ରହୀମାନଙ୍କୁ ସଚେତନ କରିବା ପାଇଁ ସ୍ଥଳରେ କାର୍ଯ୍ୟସ୍ଥଳ ସୁବିଧାର ଏକ ସଜୀବ ପ୍ରଦର୍ଶନ ମଧ୍ୟ କରାଯାଇଥିଲା ।

ଘରୋଇ ମେସରୁ ୪ ଛାତ୍ର ନିଖୋଜ, ନିର୍ଯାତନା ଦିଆଯାଉଥିବା ନେଇ ଅଭିଯୋଗ ଆଣିଲେ ଅଭିଭାବକ

ନୀଳଗିରି, ୦୨/୦୭ (ଆ.ପ୍ର) : ପୁଅଝିଅର ଉନ୍ନତ ଭବିଷ୍ୟତପାଇଁ ବାପା ମାଆ ନିଜକୁ ଜଳାଞ୍ଜଳିଦେଇ ଏକ ଉନ୍ନତ ଶିକ୍ଷାନୁଷ୍ଠାନ ଓ ଭଲ ଘରୋଇ ମେସକୁ ଅଗ୍ରାଧିକାର ଦେଇଥାନ୍ତି । ଏହାର ଫାଇଦାନେବାକୁ ପଛାଇ ନଥାନ୍ତି କିଛି ସ୍ୱାର୍ଥାନ୍ୱେଷୀ ମଣିଷ । ଫଳରେ ବାପା ମାଙ୍କ ସବୁସ୍ୱପ୍ନ ଧୂଳିସାତ ହେଉଛି । ଏଭଳି ଘଟଣା ବାରମ୍ବାର ନୀଳଗିରି ଅଂଚଳରେ ଦେଖିବାକୁ ମିଳିଥିବା ବେଳେ ଗତ ମେ ୨୧ ତାରିଖରେ ଜାମୁଡିହା ପଂଚାୟତର ଘରୋଇ ମେସ୍ ୩ମହଲା ଛାତରୁ ପଡି ଛାତ୍ର ଗୁରୁତରଘଟଣା ସ୍ଥାନୀୟଲୋକେ ଭୁଲିନଥିବା ବେଳେ ପୁଣି ଏକ ଘରୋଇ ମେସରୁ ୪ ଛାତ୍ର ନିଖୋଜ ହୋଇଥିବା ଜଣାଯାଇଛି । ସୂଚନା ମୁତାବକ ନୀଳଗିରି ବ୍ଲକ୍ ଜାମୁଡିହା ପଂଚାୟତ ବଡବିଲ୍ ସ୍ଥିତ ଅକ୍ଷୟ ଆଚାର୍ଯ୍ୟ ହାଇସ୍କୁଲରେ ବାଲେଶ୍ୱର ସଦରଥାନା ଅଧୀନ ମୁଲାନନଗର ଅଂଚଳର ନବମ ଶ୍ରେଣୀରଛାତ୍ର ସତେନ୍ଦୁ ବେହେରା ଓ ଉକ୍ତ ଅଂଚଳର ଦଶମଶ୍ରେଣୀର ଛାତ୍ର ଗୀତେଶ ବେହେରା, ମୟୁରଭଞ୍ଜ ଜିଲ୍ଲା ପହଣ୍ଡା ଅଂଚଳର ଦଶମଶ୍ରେଣୀର ହିମାଂଶୁ ବେହେରା ସହିତ ଅନ୍ୟ ସ୍କୁଲରେ ପଢୁଥିବା ଜଣେ ଷଷ୍ଠଶ୍ରେଣୀର ଛାତ୍ର ଅକ୍ଷୟ ଆଚାର୍ଯ୍ୟ ହାଇସ୍କୁଲ ଠାରୁ କିଛିଦୂରରେ ଜଗଦାନନ୍ଦ ରାଉତ ନାମକ ଜଣେବ୍ୟକ୍ତିଙ୍କ ଦ୍ୱାରା ପ୍ରତିଷ୍ଠିତ ଘରୋଇ ମେସ୍‌ରେ ରହି ଉପରୋକ୍ତ ସମସ୍ତ ଛାତ୍ର ପଢୁଥିଲେ । ବୁଧବାର ରାତ୍ରିରେ କୌଣସି କାରଣରୁ ମେସ୍ ଛାଡ଼ି ପଳାଇଯାଇଥିଲେ । ଘରୋଇ ମେସର ମାଲିକ ଛାତ୍ରମାନଙ୍କ ଅଭିଭାବକଙ୍କୁ ଜଣାଇଦେବା ସହ ମେସର ମାଲିକ ଖୋଜାଖୋଜି କରିଥିଲେ । ଏଥିସହ ପିଲାମାନଙ୍କୁ ନପାଇ ଗୁରୁବାର ଅଭିଭାବକମାନେ ନୀଳଗିରି ଥାନାର ଦ୍ୱାରସ୍ଥ ହୋଇଥିଲେ । ତେବେ ଘରୋଇ ମେସର ମାଲିକଙ୍କର ଅତ୍ୟାଚାର କାରଣରୁ ମେସ୍ ଛାଡ଼ି ପଳାଇଯାଇଥିବା ଅଭିଯୋଗ କରିଥିଲେ ଅଭିଭାବକ । ସିସିଟିଭିରେ କଏଦ ଛାତ୍ରଙ୍କ ଯିବା ସମୟର ଭିଡିଓକୁ ନେଇ ତଦନ୍ତ ଜାରିରଖିଥିଲା ନୀଳଗିରି ପୋଲିସ । ତେବେ ଜାମୁଡିହା ପଂଚାୟତରେ ଛତୁ ଫୁଟିଲାଭଳି ଘରୋଇ ମେସ୍ ରହିଥିବାବେଳେ ଏହା ସରକାରଙ୍କ ନଜରରେ ଅଛିକି ନାହିଁ ତାହା ମଧ୍ୟ ସନ୍ଦେହ ଘେରରେ । ପିଲାଙ୍କ ଦାୟିତ୍ୱ ବହନ କରିବାପାଇଁ ଜରୁଆଦି ବା ଓ୍ୱାର୍ଡେନ ରଖିଥିଲେ କି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଅଭିଯୋଗ ଅନୁଯାୟୀ ଘରୋଇ ମେସର ମାଲିକଙ୍କର କୌଣସି କାଗଜପତ୍ର ନଥିବା ବେଳେ ବେଆଇନ ଭାବେ ଉଭୟ ଛାତ୍ରଛାତ୍ରୀ ମାନଙ୍କୁ ମେସ୍ କରି ମୁନାଫା କମାଇବା ଲକ୍ଷ୍ୟରେ ଶହଶହ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଏବଂ ଜୀବନକୁ ନଜର ଅନ୍ଦାଜ୍ କରି ଚାଲିଛନ୍ତି । ତେଣୁ ରାଜ୍ୟସରକାର ଘରୋଇ ମେସ ବନ୍ଦକରି ସରକାରୀ ସ୍ତରରେ ବିଧିବଦ୍ଧ ବ୍ୟବସ୍ଥା କରିବାକୁ ଦାବି ହୋଇଛି । ସର୍ବୋପରି ବିଦ୍ୟାଳୟ କର୍ତ୍ତୃପକ୍ଷ ମଧ୍ୟ ଏଥିପ୍ରତି ଦୃଷ୍ଟିଦେବାକୁ ସାଧାରଣରେ ଦାବିହୋଇଛି । ଖବରଲେଖିବା ବେଳକୁ ସଂପୃକ୍ତ ଛାତ୍ରମାନେ ପୁରୀ ସମୁଦ୍ରକୂଳରେ ବୁଲୁଥିବା ବେଳେ ଏହି ନିଖୋଜ ୪ଛାତ୍ରଙ୍କୁ ଏକ ଟେମ୍ପୁଚାଳକ ସନ୍ଦେହକରି ସେଠାକାର ପୋଲିସକୁ ଖବର ଦେଇଥିଲା ବେଳେ ପୁରୀ ପୋଲିସ ସେମାନଙ୍କୁ ଅଟକ ରଖିଛି । ପରେ ପରିବାରବର୍ଗଙ୍କୁ ଖବରଦେଲା ପରେ ପରିବାରଲୋକ ପୁରୀ ଅଭିମୁଖେ ଯାଇଥିବା ସୂଚନା ମିଳିଛି ।

୧୨୫ ଦିନର ଜୀବିକା ସୁରକ୍ଷା ଗ୍ୟାରେଂଟି ପାଇଁ ଐତିହାସିକ 'ବିକଶିତ ଭାରତ-ଗ୍ରାମୀଣ' ମିଶନର ଆନୁଷ୍ଠାନିକ ଶୁଭାରମ୍ଭ

ପାରଳାଖେମୁଣ୍ଡି, ୦୨/୦୭ (ଆ.ପ୍ର) : ଗ୍ରାମୀଣ ଅର୍ଥନୀତିର ଦୁର୍ବଳତାକୁ ଦୂର କରିବା ଏବଂ ତୃଣମୂଳ ସ୍ତରର ଅର୍ଥବ୍ୟବସ୍ଥାକୁ ସଶକ୍ତ କରିବା ଦିଗରେ ଏକ ଐତିହାସିକ ପଦକ୍ଷେପ ସ୍ୱରୂପ, ଭାରତ ସରକାର ଆଜି ସେମାନଙ୍କର ପ୍ରମୁଖ ଜୀବିକା ଯୋଜନା 'ବିକଶିତ ଭାରତ-ରୋଜଗାର ଓ ଜୀବିକା ଗ୍ୟାରେଂଟି ମିଶନ (ଗ୍ରାମୀଣ)ର ସାରା ଦେଶରେ ଆନୁଷ୍ଠାନିକ ଶୁଭାରମ୍ଭ ବିଷୟରେ ଘୋଷଣା କରିଛନ୍ତି । ତାହାକୁ ନେଇ ଗଜପତି ଜିଲ୍ଲା ମୁଖ୍ୟାଳୟ ପାରଳାଖେମୁଣ୍ଡିସ୍ଥିତ ଆରଏସଇଟିଆଇ ସମ୍ମିଳନୀ କକ୍ଷଠାରେ ଜିଲ୍ଲା ସ୍ତରୀୟ ବିକଶିତ ଭାରତ ଜନ ସମ୍ମେଳନ ଓ ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପାରମ୍ପରିକ ରୋଜଗାର ମଡେଲଠାରୁ ଭିନ୍ନ, 'ବିକଶିତ ଭାରତ-ଗ୍ରାମୀଣ' ସାମଗ୍ରିକ ମାନବ ବିକାଶକୁ ଲକ୍ଷ୍ୟ କରି ଚାରୋଟି ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ ଉପରେ ଆଧାରିତ : ଆଧୁନିକ ଅର୍ଥନୈତିକ ସୁଯୋଗ ଖୋଜୁଥିବା ଯୁବପିଢ଼ି, ସୁରକ୍ଷିତ ସାମାଜିକ ବ୍ୟବସ୍ଥା ଆବଶ୍ୟକ କରୁଥିବା ଗରିବ, ଆର୍ଥିକ ଆତ୍ମନିର୍ଭରଶୀଳତା ପାଇଁ ପ୍ରୟାସ କରୁଥିବା ମହିଳା ଏବଂ ସ୍ଥାୟୀ କୃଷି ବ୍ୟବସ୍ଥା ଆଡ଼କୁ ଅଗ୍ରସର ହେଉଥିବା ଅନ୍ନଦାତା (ଚାଷୀ) । ଏହି ଚାରୋଟି ପ୍ରମୁଖ ବର୍ଗକୁ କେନ୍ଦ୍ର କରି ସମ୍ବଳ ପ୍ରଦାନ କରିବା ଦ୍ୱାରା, ଏହି ମିଶନ ଗ୍ରାମୀଣ ସମୁଦାୟରେ ଏକ ସମ୍ମାନଜନକ ଓ ସ୍ଥାୟୀ ଆର୍ଥିକ ଉନ୍ନତି ଆଣିବାକୁ ଲକ୍ଷ୍ୟ ରଖିଛି । ସୁନିଶ୍ଚିତ ଏବଂ ପୂର୍ବାନୁମାନଯୋଗ୍ୟ ଜୀବିକାର ଏକ ନୂତନ ଯୁଗ ଏହି ନୂତନ ଅଧିନିୟମର ମୁଖ୍ୟ ବିଶେଷତ୍ୱ ହେଉଛି ପ୍ରତି ଗ୍ରାମୀଣ ପରିବାରକୁ ବାର୍ଷିକ ୧୨୫ ଦିନର ମଜୁରୀ ଭିତ୍ତିକ ରୋଜଗାରର ଗ୍ୟାରେଂଟି ପ୍ରଦାନ କରିବା , ଯାହାକି ଆଧୁନିକ ଗ୍ରାମୀଣ ଶ୍ରମିକମାନଙ୍କ ବଦଳୁଥିବା ଆବଶ୍ୟକତାକୁ ପୂରଣ କରିବା ପାଇଁ ଏକ ବଡ଼ ପଦକ୍ଷେପ । ଗ୍ରାମୀଣ ପରିବାରଗୁଡ଼ିକ ଯେପରି ସମ୍ପୂର୍ଣ୍ଣ ନିଶ୍ଚିତତା ସହିତ ସେମାନଙ୍କର ଭବିଷ୍ୟତ ଯୋଜନା କରିପାରିବେ, ସେଥିପାଇଁ ଏହି ମିଶନରେ ଏକ ବାଧ୍ୟତାମୂଳକ 'ପୂର୍ବାନୁମାନଯୋଗ୍ୟ ଯୋଜନା' ମଡେଲ୍ ଆରମ୍ଭ କରାଯାଇଛି, ଯାହା ମାଧ୍ୟମରେ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଂଟକୁ ସଠିକ୍ ସମୟରେ ସିଧାସଳଖ ଡିଜିଟାଲ୍ ପେମେଂଟ କରାଯିବ । ସମ୍ମାନର ସହ ବଂଟିବାର ଅଧିକାରକୁ ସ୍ୱୀକୃତି ଦେଇ, ଯଦି ପ୍ରଶାସନ ନିର୍ଦ୍ଧାରିତ ସମୟ ମଧ୍ୟରେ କାମ ଯୋଗାଇବାରେ ବିଫଳ ହୁଏ , ତେବେ ବେକାରୀ ଭତା ପ୍ରଦାନ କରିବାକୁ ଏହି ବ୍ୟବସ୍ଥାରେ ବାଧ୍ୟତାମୂଳକ କରାଯାଇଛି, ଯାହା ଗ୍ରାମୀଣ ଶାସନ ପ୍ରକ୍ରିୟାରେ ଆଇନଗତ ଜବାବଦେହିତା ସୃଷ୍ଟି କରିବ । ଏହା ଏକ ଗୁରୁତ୍ୱପୂର୍ଣ୍ଣ 'ନୋ ପଲ୍ ଓ୍ୱିଣ୍ଡୋ' ଆରମ୍ଭ କରିଛି – ଅର୍ଥାତ୍ ଗ୍ରାମୀଣ ଅର୍ଥନୈତିକ ଚକ୍ରକୁ ଦୃଷ୍ଟିରେ ରଖି ୬୦ ଦିନର ଏକ ସଚେତନ କାର୍ଯ୍ୟକ୍ଷମ ବିରତି (୧୫ ଜୁଲାଇରୁ ୧୫ ଅଗଷ୍ଟ – ବୁଣାବୁଣି ସମୟ ଏବଂ ୧୫ ନଭେମ୍ବରରୁ ୧୫ ଡିସେମ୍ବର – ଅମଳ ସମୟ) ନିର୍ଦ୍ଧାରଣ କରାଯାଇଛି । ଏହି ବ୍ୟବସ୍ଥା ସୁନିଶ୍ଚିତ କରେ ଯେ କୃଷିର ମୁଖ୍ୟ ସମୟରେ ସରକାରୀ କାର୍ଯ୍ୟ ଯୋଗୁଁ ଚାଷ କାମ ପାଇଁ ଶ୍ରମିକ ଅଭାବ ହେବେ ନାହିଁ, ଯାହା ଦ୍ୱାରା କୃଷି ବ୍ୟବସ୍ଥା ସୁରକ୍ଷିତ ରହିବା ସହ ବର୍ଷର ବାକି ସମୟରେ ନିରନ୍ତର ଉନ୍ନତିମୂଳକ କାର୍ଯ୍ୟ ସୃଷ୍ଟି କରାଯାଇପାରିବ । ସମନ୍ୱୟ ମାଧ୍ୟମରେ ସ୍ମାର୍ଟ ଭିତିଭୂମି : ଏହି ପ୍ରକଳ୍ପଗୁଡ଼ିକୁ ଚାରୋଟି ପ୍ରମୁଖ କ୍ଷେତ୍ର ଅଧୀନରେ ୩୧୮ଟି ମାଷ୍ଟର କାଟେଗୋରୀରେ ବିଭକ୍ତ କରାଯାଇଛି - ଜଳ ସୁରକ୍ଷା (୧୦୭ ଟି ଶ୍ରେଣୀ), ପ୍ରମୁଖ ଗ୍ରାମୀଣ ଭିତିଭୂମି (୯୦ ଟି ଶ୍ରେଣୀ), ଗ୍ରାମୀଣ ଜୀବିକା (୮୬ ଟି ଶ୍ରେଣୀ), ବିପର୍ଯ୍ୟୟ ପରିଚାଳନା (୩୫ ଟି ଶ୍ରେଣୀ), ପାରମ୍ପରିକ କେନ୍ଦ୍ରୀଭୂତ ଯୋଜନାଠାରୁ ଦୂରେଇ ଯାଇ , ଏହି ମିଶନ 'ବିକଶିତ ଗ୍ରାମ ପଂଚାୟତ ଯୋଜନା' ମାଧ୍ୟମରେ ସ୍ଥାନୀୟ ସରକାର ବା ପଂଚାୟତକୁ ସଶକ୍ତ କରୁଛି, ଯାହା ଦ୍ୱାରା ସ୍ଥାନୀୟ ଭିତିଭୂମି ଏବଂ ଦୀର୍ଘକାଳୀନ ଜୀବିକା ସୃଷ୍ଟିର ସମନ୍ୱୟ ଘଟାଇ ତୃଣମୂଳ ସ୍ତରରୁ ବିକାଶ ପ୍ରକ୍ରିୟାକୁ ଆଗକୁ ନିଆଯାଇପାରିବ । ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଏବଂ ଏଆଇ ଦ୍ୱାରା ପରିଚାଳିତ । ଅଭୂତପୂର୍ବ ସ୍ୱଚ୍ଛତା ସୁନିଶ୍ଚିତ କରିବା ଏବଂ ଦୁର୍ନୀତିମୁକ୍ତ ବ୍ୟବସ୍ଥା ପାଇଁ, 'ବିକଶିତ ଭାରତ-ଗ୍ରାମୀଣ' ଏକ ଆଧୁନିକ ତଥା ଉଚ୍ଚ-ପ୍ରଯୁକ୍ତିବିଦ୍ୟା ଭିତିଭୂମି ଉପରେ ଗଠିତ । ଏହା ଏକାସଙ୍ଗେ ବିଭିନ୍ନ କେନ୍ଦ୍ରୀୟ ମନ୍ତ୍ରଣାଳୟ ଓ ରାଜ୍ୟ ସରକାରଙ୍କ ତଥ୍ୟକୁ ଏକତ୍ରିତ କରିଥାଏ । ଏହି ମିଶନ ଅଧୀନରେ ସୃଷ୍ଟି ହେଉଥିବା ପ୍ରତ୍ୟେକ ସମ୍ପତ୍ତିର ଜିଓ-ଟ୍ୟାଗିଂ ବାଧ୍ୟତାମୂଳକ ଏବଂ ଏକ ସର୍ବସାଧାରଣ ଡାଟା ଡ୍ୟାସବୋର୍ଡ ସହିତ ଆର୍ଟିଫିସିଆଲ୍ ଇଂଟେଲିଜେନ୍ସ (ଏଆଇ) ଟୁଲ୍ ମାଧ୍ୟମରେ ଏହାର ନିରୀକ୍ଷଣ କରାଯାଉଛି । ଏହି ପ୍ରଯୁକ୍ତିବିଦ୍ୟା ଭିତ୍ତିକ ବ୍ୟବସ୍ଥା ନିଶ୍ଚିତ କରେ ଯେ ଖର୍ଚ୍ଚ ହେଉଥିବା ପ୍ରତ୍ୟେକ ଟଙ୍କା ଗ୍ରାମୀଣ ସମୁଦାୟ ପାଇଁ ଉଚ୍ଚମାନର ଓ ଯାଂଚଯୋଗ୍ୟ ଭିତିଭୂମିରେ ରୂପାନ୍ତରିତ ହେଉଛି । ଜିଲ୍ଲାର ୫ଜଣ ହିତାଧିକାରୀଙ୍କୁ ଗ୍ରାମୀଣ ରୋଜଗାର ଗ୍ୟାରେଂଟି କାର୍ଡ ପ୍ରଦାନ କରାଯାଇଛି । ତିରୁପତି ଠାରୁ କାର୍ଯ୍ୟକ୍ରମର ରାଷ୍ଟ୍ରୀୟ ସିଧାପ୍ରସାରଣ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ବୁଦ୍ଧିଜୀବୀବୃନ୍ଦ, ଅଂଚଳର ଜନପ୍ରତିନିଧି ଏବଂ ଜିଲ୍ଲାର ଜନସାଧାରଣ ସାମିଲ ହୋଇଥିଲେ । ସମ୍ମାନିତ ଅତିଥି ଭାବରେ ମାନ୍ୟବର ବିଧାୟକ ପାରଳାଖେମୁଣ୍ଡି ରୂପେଶ କୁମାର ପାଣିଗ୍ରାହୀ, ଜିଲ୍ଲାପରିଷଦ ସଭାପତି ଜି. ତିରୁପତି ରାଓ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ କାମଦେବ ବଡ଼ନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାତ୍ରୀ, ଉପଜିଲ୍ଲାପାଳ ଅନୁପ ପଣ୍ଡା ଓ ବ୍ରହ୍ମପୁର ସାଂସଦ ପ୍ରତିନିଧି ଡି. ରାଜେଶ ପ୍ରମୁଖ ମଂଚାସୀନ ଥିଲେ । ଶ୍ରୀ ଦେବୀ ଅଧିକାରୀ କାର୍ଯ୍ୟକ୍ରମର ସଫଳ ପରିଚାଳନା ଦାୟିତ୍ୱ ନିର୍ବାହ କରିଥିଲେ । ଗଣପ୍ରତିନିଧିଙ୍କୁ ସମ୍ବୋଧନ କରି ସେ କହିଥିଲେ ଯେ ଶକ୍ତ ଆଇନଗତ ବ୍ୟବସ୍ଥା, ଅତ୍ୟାଧୁନିକ ବୈଷୟିକ ଭିତିଭୂମି ଏବଂ ଗ୍ରାମୀଣ ନାଗରିକମାନଙ୍କୁ ସଶକ୍ତ କରିବାର ଅବିରତ ପ୍ରୟାସ ସହିତ 'ବିକଶିତ ଭାରତ-ଗ୍ରାମୀଣ ମିଶନ' ଏକ ସମ୍ପୂର୍ଣ୍ଣ ବିକଶିତ ଏବଂ ଆତ୍ମନିର୍ଭରଶୀଳ ଭାରତ ଗଠନର ଜାତୀୟ ସ୍ୱପ୍ନକୁ ସାକାର କରିବା ଦିଗରେ ଏକ ନିର୍ଣ୍ଣାୟକ ପଦକ୍ଷେପ ।

ଗ୍ୟାସ୍ ଟ୍ୟାଙ୍କର ଧକ୍କାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ

ନୂଆପଡ଼ା, ୦୨/୦୭ (ଆ.ପ୍ର) : ନୂଆପଡ଼ା ଜିଲ୍ଲା ସଦର ମହକୁମାସ୍ଥିତ ୩୫୩ ନମ୍ବର ଜାତୀୟ ରାଜପଥରେ ଗୁରୁବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ଏକ ଗ୍ୟାସ୍ ଟ୍ୟାଙ୍କର ବାଇକ୍‌କୁ ଧକ୍କା ଦେଇ ଆରୋହୀଙ୍କୁ ଘୋଷାଡ଼ି ନେବାରୁ ଘଟଣାସ୍ଥଳରେ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଛି । ମୃତକ ଜଣକ ସୁନାବେଡ଼ା ଅଭୟାରଣ୍ୟ ଅଂଚଳର ଜାମଗାଁ ଗ୍ରାମର ଶଙ୍କର ମାଝୀ ବୋଲି ଜଣାପଡ଼ିଛି । ସୂଚନା ଅନୁଯାୟୀ, ଶଙ୍କର ମାଝୀ ତାଙ୍କ ଶଳାଙ୍କ ସହ ରେଳ ଷ୍ଟେସନକୁ ଯିବା ପାଇଁ ବାଇକ୍‌ରେ ନୂଆପଡ଼ା ଆସିଥିଲେ । ଜିଲ୍ଲା କୋର୍ଟ ଓ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଶାଖା ସମ୍ମୁଖରେ ଏକ ଗ୍ୟାସ୍ ଟ୍ୟାଙ୍କର ବାଇକ୍‌କୁ ଧକ୍କା ଦେଇଥିଲା । ଧକ୍କା ପରେ ଟ୍ୟାଙ୍କରଟି ଶଙ୍କର ମାଝୀଙ୍କୁ କିଛି ଦୂର ପର୍ଯ୍ୟନ୍ତ ଘୋଷାଡ଼ି ନେଇଥିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା । ଦୁର୍ଘଟଣା ଏତେ ଭୟାବହ ଥିଲା ଯେ ମୃତକଙ୍କ ଶରୀର ଗୁରୁତର ଭାବେ କ୍ଷତବିକ୍ଷତ ହୋଇଯାଇଥିଲା । ଘଟଣା ପରେ ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ଭିଡ଼ ଜମାଇଥିଲେ । ସୂଚନା ପାଇ ପୋଲିସ ପହଂଚି ମୃତଦେହକୁ ଜବତ କରିବା ସହ ଦୁର୍ଘଟଣାର ତଦନ୍ତ ଆରମ୍ଭ କରିଛି । ଟ୍ରକ୍ ଚାଳକଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ପୋଲିସ ପଦକ୍ଷେପ ଗ୍ରହଣ କରୁଥିବା ଜଣାପଡ଼ିଛି ।

ଅବସର କାଳୀନ ସମ୍ବର୍ଦ୍ଧନା ସମାରୋହ

ଟାଙ୍ଗୀ ଚୌଦ୍ୱାର, ୦୨/୦୭ (ଆ.ପ୍ର) : ନିଜ ଚାକିରି ଜୀବନରେ ସମସ୍ତଙ୍କର ଅବସର ସମୟ ଆସେ ସେ ଦିନଟି ତାଙ୍କର ସହ କର୍ମୀ ମାନେ ତାଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଦେଇଥାନ୍ତି ତାହା ଆଜି ଦେଖିବାକୁ ମିଳିଛି କଟକ ଜିଲ୍ଲା ଟାଙ୍ଗୀ ଚୌଦ୍ୱାର ବ୍ଲକ ଶାଳଗାଁ ପଂଚାୟତ ସାଧୁସୁନ୍ଦର ବିଦ୍ୟାପୀଠରେ ଏହି ବିଦ୍ୟାଳୟରେ ବରିଷ୍ଠ ଶିକ୍ଷକ ମହେନ୍ଦ୍ର କୁମାର ନାୟକଙ୍କୁ ଆଜୀବନ ତପସ୍ୟାର ସମ୍ବର୍ଦ୍ଧନା ଦିଆଯାଇଛି । ମହେନ୍ଦ୍ର ସାର ଆଜକୁ ୩୫ ବର୍ଷ ହେବ ଏହି ବିଦ୍ୟାଳୟରେ ଶିକ୍ଷା ଦେଇଆସୁଥିଲେ ତାଙ୍କର ସେବା ସମର୍ପଣ ଓ ସତ୍ୟ ନିଷ୍ଠାର ଅତୁଳ ନିୟ ଅଧ୍ୟାୟ ସୃଷ୍ଟି କରିଥିଲେ ଗୌରବ ମୟ ପରିସମାପ୍ତି ଅବସରରେ ମହେନ୍ଦ୍ର ସାରଙ୍କୁ ଗ୍ରାମବାସୀ, ଅଭିଭାବକ ଏବଂ ତାଙ୍କର ସହ କର୍ମୀ ମାନେ ତାଙ୍କୁ ଆଜୀବନ ତପସ୍ୟା ସମ୍ବର୍ଦ୍ଧନାରେ ସମ୍ବର୍ଦ୍ଧିତ କରିଥିଲେ ମହେନ୍ଦ୍ର ସାର ତାଙ୍କର ଦୀର୍ଘବର୍ଷ ଶିକ୍ଷାଦାନ ଭିତରେ ଜଣେ ଆଦର୍ଶ ଶିକ୍ଷକ ଏବଂ ନିଜର କର୍ମ ଦକ୍ଷତା, ନିଷ୍ଠା, ଛାତ୍ରବତ୍ସଳତା, ଚମତ୍କାର ବାଗ୍ମିତ୍ୱ ବଳରେ ଛାତ୍ର ଓ ଅଭିଭାବକ ମହଲରେ ଅତି ପ୍ରିୟ ଥିଲେ ତାଙ୍କର ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା ସମୟରେ ଅତ୍ୟନ୍ତ ଶୋକାକୁଳ ପରିବେଶ ଦେଖାଯାଇଥିଲା । ଏହି ସମ୍ବର୍ଦ୍ଧନା ସଭାରେ ପୂର୍ବତନ ସିଆରସି ପ୍ରଭାକର ପ୍ରଧାନ, ବ୍ଲକ ଉପାଧକ୍ଷା ସୁପ୍ରିୟା ଯେଠି, ସିଆରସି ଅଂଚଳର ବହୁ ବୁଦ୍ଧିଜିବି ଶିକ୍ଷକ, ଶିକ୍ଷୟତ୍ରୀ, ପୂର୍ବତନ ଛାତ୍ର, ଛାତ୍ରୀ ଉପସ୍ଥିତ ଥିଲେ ।

ଓଡିଶା ଜନତା କଂଗ୍ରେସର ସଭାପତିଙ୍କୁ ସୌଜନ୍ୟ ଜନ୍ୟ ମୂଳକ ସାକ୍ଷାତ

ଜଗତସିଂହପୁର , ୦୨/୦୭ (ଆ.ପ୍ର) : ଜଗତସିଂହପୁର ନୂତନ ଭାବେ ଗଢ଼ି ଉଠିଥିବା ରାଜନୈତିକ ଦଳ ଓଡିଶା ଜନତା କଂଗ୍ରେସର ସଭାପତି ମହମ୍ମଦ ମୋକିମଙ୍କୁ ଜଗତସିଂହପୁର ଜିଲ୍ଲାର ପ୍ରତିନିଧି ଦଳ ଭୁବନେଶ୍ୱର ସ୍ଥିତ ସତ୍ୟନଗର କାର୍ଯ୍ୟାଳୟରେ ସୌଜନ୍ୟ ମୂଳକ ସାକ୍ଷାତ କରିଥିଲେ । ଜଗତସିଂହପୁର ଜିଲ୍ଲାର ଉଦିୟମାନ ନେତା ତଥା ନୂତନ ଭାବେ ରାଜ୍ୟ ସଙ୍ଗଠନର ସମ୍ପାଦକ ଦାଇତ୍ୱ ନେଇଥିବା ତପନ କୁମାର ରାଉତରାୟ, ଜଗତସିଂହପୁର ଜିଲ୍ଲାର ଓଡିଶା ଜନତା କଂଗ୍ରେସ ଦଳର ସଭାପତି ସତ୍ୟଦୀପ ବିଶ୍ୱାଳ ଓ ଅନ୍ୟ ସଂଗଠକ ମାନଙ୍କ ସହିତ ପହଂଚି ରାଜ୍ୟ ସଭାପତିଙ୍କ ସହିତ ଆଲୋଚନା କରିଥିଲେ । ଓଡ଼ିଶାର ସାମ୍ପ୍ରତିକ ରାଜନୈତିକ ସ୍ଥିତି ଓ ନୂତନ ଭାବେ ଗଢି ଉଠିଥିବା ଓଡିଶା ଜନତା କଂଗ୍ରେସର ଅଭିମୁଖ୍ୟ ପ୍ରସଙ୍ଗରେ ଆଲୋଚନା କରିବା ସହିତ ଆଗାମୀ ଦିନରେ ଜିଲ୍ଲା ସ୍ତରରେ ସଂଗଠନକୁ ମଜବୁତ କରିବା ସହିତ ଜନସାଧାରଣଙ୍କ ମନରେ ନୂତନ ଆଶାର ସଂଚାର କରିବା ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା । ଯୁବ ଶକ୍ତିକୁ ନେଇ ଆଗେଇବା ସହିତ ନୂତନ ପିଢ଼ିର ଯୁବକ ଯୁବତୀ ମାନଙ୍କୁ ନେଇ ଆଗାମୀ ପଂଚାୟତ ଓ ପୌର ନିର୍ବାଚନରେ ଅବତୀର୍ଣ୍ଣ ହେବା ପାଇଁ ଯୋଜନା ପ୍ରସ୍ତୁତ କରାଯାଇଥିଲା । ଜଗତସିଂହପୁର ଜିଲ୍ଲା ଯୁବ ନେତା, ରାଜ୍ୟ ସମ୍ପାଦକ ଦାଇତ୍ୱ ଦେଇଥିବାରୁ ଜଗତସିଂହପୁର ଜିଲ୍ଲାର କର୍ମକର୍ତ୍ତା ମାନେ ରାଜ୍ୟ ସଭାପତିଙ୍କୁ ସାଧୁବାଦ ଦେଇଥିଲେ । ଏହି ସାକ୍ଷାତକାର ପରିପ୍ରେକ୍ଷୀରେ ରାଜ୍ୟର ବରିଷ୍ଠ ଉପ ସଭାପତି ବଦ୍ରୀ ନାରାୟଣ ମହାନ୍ତି, ମଧୁ ମହାନ୍ତି, ଶ୍ରୀକାନ୍ତ ସାମନ୍ତରାୟ ଓ ରାଜେଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

ସମ୍ବାଦିକଙ୍କ ସ୍ୱର୍ଗତ ପିତାଙ୍କ ଦ୍ୱାଦଶାହରେ ସ୍ମୃତି ଶ୍ରଦ୍ଧାଞ୍ଜଳି

ଚିଲିକା/ବାଣପୁର, ୦୨/୦୭ (ଆ.ପ୍ର) : ଖୋର୍ଦ୍ଧା ଜିଲ୍ଲା ଚିଲିକା ବ୍ଲକର ହରିପୁର ଶାସନ ନିବାସୀ ବରିଷ୍ଠ ନାଗରିକ, ସଫଳ ଚାଷୀ ତଥା ସମାଜସେବୀ ତଥା ସ୍ଥାନୀୟ ସମାଜର ପ୍ରତିନିଧି ଅଶ୍ୱିନ କୁମାର ପଲାଇଙ୍କ ପିତା ସ୍ୱର୍ଗତ ରାଜକିଶୋର ପଲାଇଙ୍କର ପୂଣ୍ୟତିଥି ଦ୍ୱାଦଶାହ ଅବସରରେ ଏକ ସ୍ମୃତି ବୈଠକ ଅନୁଷ୍ଠିତ ହୋଇଯାଇଛି । ସାରା ଜୀବନ କୃଷିକର୍ମଙ୍କୁ ପ୍ରାଧାନ୍ୟ ଦେଇ ଏକ ସଫଳ ଚାଷୀ ଭାବେ ବେଶ ଜଣାଶୁଣା ଶ୍ରୀ ପଲାଇ ଏକାଧାରରେ ମେଳାପୀ, ଧର୍ମପରାୟଣ ବ୍ୟକ୍ତି ଭାବେ ସାଧାରଣରେ ସମସ୍ତଙ୍କୁ ଆପଣାର କରି ରଖିଥିଲେ ବୋଲି ଉପସ୍ଥିତ ଅତିଥି ମାନେ ମତବ୍ୟକ୍ତ କରିଥିଲେ । ଦୁଃଖ ଦୁର୍ଦ୍ଦିନରେ ସାଧାରଣ ଲୋକ ମାନଙ୍କୁ ସାହାଯ୍ୟ ସହଯୋଗର ହାତ ବଢ଼େଇବାରେ ସେ ଥିଲେ ଜଣେ ଦରଦୀ ଓ ପରୋପକାରୀ ମଣିଷ । ତାଙ୍କର ଅବର୍ତ୍ତମାନରେ ଜଣେ ଭଲ ମଣିଷକୁ ଜନ୍ମମାଟି ହରେଇଦେଇଛି ବୋଲି ଅତିଥି ମାନେ ସ୍ୱର୍ଗତ ପଲାଇଙ୍କ ଜୀବନ ଉପରେ ଆଲୋକପାତ କରିଥିଲେ । ନିଜ ପରିବାର ଓ ଜ୍ଞାତିକୁଟୁମ୍ବଙ୍କ ଦ୍ୱାରା ଆୟୋଜିତ ସ୍ମୃତି ବୈଠକରେ ଚିଲିକା ବ୍ଲକର ପ୍ରାକ୍ତନ ଅଧକ୍ଷ ଲଳିତ ମୋହନ ପଟ୍ଟନାୟକ, ଶିକ୍ଷାବିତ ପ୍ରଫୁଲ କୁମାର ସ୍ୱାଇଁ, ସମାଜସେବୀ ହରିବନ୍ଧୁ ଜେନା, ପୂର୍ବତନ ସରପଂଚ ପ୍ରଶାନ୍ତ ସ୍ୱାଇଁ,ବରିଷ୍ଠ ସ୍ତମ୍ଭକାର ପ୍ରଦୋଷ କୁମାର ଦାସ, ଜଗନ୍ନାଥ ବରାଳ, ବିଶିଷ୍ଟ ସମାଜସେବୀ ତଥା ଆଇନଜୀବି ଅଶୋକ କୁମାର ପାଇକରାୟ, ବିଶିଷ୍ଟ ଶିଳ୍ପଉଦ୍ୟୋଗୀ ପୂର୍ଣଚନ୍ଦ୍ର ବିଶ୍ୱାଳ, ସରପଂଚ ପ୍ରତିନିଧି ବିଜୟ ବେହେରା, ସ୍ୱାସ୍ଥ୍ୟ ବିଭାଗର ପ୍ରାକ୍ତନ କର୍ମଚାରୀ ପ୍ରଫୁଲ୍ଲ ଡାଡ଼, ସାମ୍ବାଦିକ ଶରତ କୁମାର ବରାଳ, ସାମ୍ବାଦିକ ମନୋଜ ମୋହନ ବରାଳ, ବିଶିଷ୍ଟ ବ୍ୟବସାୟୀ ନିରଞ୍ଜନ ବରାଳ, ଶିକ୍ଷାବିତ ପ୍ରଦୀପ ବଳବନ୍ତରାୟ, ସମାଜସେବୀ ପ୍ରଭାସ ବାରିକ, ସମାଜସେବୀ ସୁବାସ ବାରିକ, ବରିଷ୍ଠ ଆଇନଜୀବୀ ଦେବାଶିଷ ରଥ, ଚିକିତ୍ସକ ଦେବୀପ୍ରସାଦ ରଥ, କାଳୁ ବଳବନ୍ତରାୟ, ହୁକି ସାମନ୍ତରାୟ, ବସନ୍ତ କୁମାର ଜେନା, ଚନ୍ଦ୍ରକାନ୍ତ ବେହେରା, ପୂର୍ବତନ ସରପଂଚ ବଳଭଦ୍ର ବଳବନ୍ତରାୟ, ସମେତ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ମାନେ ଉପସ୍ଥିତ ରହିଥିଲେ । ଲାଲ ମୋହନ ପଲାଇ, ହୁଲାସ ସାମନ୍ତରାୟ, ନନ୍ଦକିଶୋର ପଲାଇ, ଉମାକାନ୍ତ ପଲାଇ, ଚନ୍ଦ୍ରଭାନୁ ପଲାଇ, ଅଞ୍ଜଳୀ ସାମନ୍ତରାୟ, ଶାନ୍ତି ବିଶ୍ୱାଳ, ବାସନ୍ତୀ ଡରାଇ, ପ୍ରତିମା ସୁବୁଦ୍ଧି, ପ୍ରମୋଦ ପଲାଇ, ପୂର୍ଣ୍ଣଚନ୍ଦ୍ର ପଲାଇ, ମନୀ ପଲାଇ, ମମତା ପଲାଇ, ମିନତୀ ପଲାଇ, ଶାନ୍ତି ପଲାଇ, ଗୀତାଞ୍ଜଳି ପଲାଇ, କୁନି ପଲାଇ, ଧନୀ ପଲାଇ, ପିଙ୍କି ପଲାଇ ପ୍ରମୁଖ ସହାୟତା କରିଥିଲେ । ଏହି ଅବସରରେ ଓଡ଼ିଶୀ ସଂକୀର୍ତନ ପରିବେଷଣ କରାଯାଇଥିଲା ।

ସେଇଥିଓ ଆରମ୍ଭ
SEITHO ARAMBHA

ଶୁକ୍ରବାର, ୦୩ ଜୁଲାଇ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୭

ଡାକ୍ତର ସଙ୍ଘର କାର୍ଯ୍ୟବନ୍ଦ ଆନ୍ଦୋଳନ : ରୋଗୀ ସେବା ବାଧାପ୍ରାପ୍ତ

ବାଲିଗୁଡ଼ା, ୦୨/୦୭ (ଆ.ପ୍ର) : ଜୁଲାଇ ୧ ତାରିଖ ରାଷ୍ଟ୍ରୀୟ ଡାକ୍ତର ଦିବସରୁ ଓମସା ପକ୍ଷରୁ ୧୦ ଦଫା ଦାବିରେ ପୁଣି ରାଜ୍ୟବ୍ୟାପୀ ଆନ୍ଦୋଳନ ଆରମ୍ଭ ହୋଇଛି । ରାଜ୍ୟ ଡାକ୍ତର ସଙ୍ଘର ନିର୍ଦ୍ଦେଶନାରେ କନ୍ଧମାଳ ଜିଲ୍ଲାର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟରେ ଧାରଣାରେ ବସିଛନ୍ତି ସମୁହ ଡାକ୍ତର । ଡାକ୍ତରମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରୀ ରହିଥିବା ଯୋଗୁଁ ରୋଗୀ ସେବାରେ ଘୋର ପ୍ରଭାବ ପଡ଼ିଥିବା ଦେଖିବାକୁ ମିଳିଛି । ଗୋଟିଏ ପଟେ ସରକାର ଦାବି ପୂରଣ ନକରିବା ଯାଏଁ ଏହି ଆନ୍ଦୋଳନ ଜାରୀ ରହିବ ବୋଲି ଓମସା ପକ୍ଷରୁ କୁହାଯାଉ ଥିବା ବେଳେ ସେପଟେ ଡାକ୍ତରଖାନାରେ ସେବା ନପାଇ ରୋଗୀ ହନ୍ତସନ୍ତ ହେଉଥିବା ଦେଖିବାକୁ ମିଳିଛି । କନ୍ଧମାଳ ଜିଲ୍ଲାରେ ଜିଲ୍ଲା ଓ ଉପଖଣ୍ଡ ଚିକିତ୍ସାଳୟ ସମେତ ୧୪ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ୩୪ ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀସେବା ବାଧାପ୍ରାପ୍ତ ହେଉଥିବା ଜଣାପଡ଼ିଛି । ରୋଗୀ ସେବା ବାଧାପ୍ରାପ୍ତ ଯୋଗୁଁ ଆମେ ଦୁଃଖିତ । ଡାକ୍ତରଙ୍କ ପ୍ରତି ସରକାରଙ୍କ ଅବହେଳା ଯୋଗୁଁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି । ରୋଗୀଙ୍କ ଅସୁବିଧା ପାଇଁ ସରକାର ସମ୍ପୂର୍ଣ୍ଣ ଭାବେ ଦାୟୀ ରହିବେ ବୋଲି ଓମସା କନ୍ଧମାଳ ଜିଲ୍ଲା ସମ୍ପାଦକ ସୁନିଲ୍ କୁମାର ବେହେରା ପ୍ରକାଶ କରିଛନ୍ତି ।

ଜଙ୍ଗଲ ଜମି ହସ୍ତାନ୍ତରକୁ ଗ୍ରାମବାସୀଙ୍କ ଦ୍ୱାରା ବିରୋଧ, ପଲ୍ଲୀ ସଭାର ଅଧିବେଶନ କପି ଦେବାକୁ ଦାବି

ବଣାଇଁ, ୦୨/୦୭ (ଆ.ପ୍ର): ବଣାଇ ଉପଖଣ୍ଡ ଡୁମକେଲା ଠାରେ ଥିବା ଭାସ୍କର ଫେରୋ ଏଲୟ ପ୍ଲାଣ୍ଟ ଇଡ଼କୋ ଦ୍ୱାରା ଜମି ହସ୍ତାନ୍ତର ନେଇ ଗମଲେଇ ଗ୍ରାମବାସୀ ଆଜି ପୁଣି ଶୃଙ୍ଖଳିତ ଭାବେ ରାଜା ମୁଣ୍ଡା ଗ୍ରାମପଂଚାୟତକୁ ଯାଇ ୧୭ ତାରିଖରେ ହୋଇଥିବା ପଲ୍ଲୀ ସଭାର ଲିଖିତ ଅଧିବେଶନ କପି ମାଗିବାକୁ ଯାଇଥିବା ବେଳେ ପଂଚାୟତର ସରପଂଚ କିମ୍ୱା ପଂଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଦୀର୍ଘ ସମୟ ପର୍ଯ୍ୟନ୍ତ ପଂଚାୟତ କାର୍ଯ୍ୟାଳୟକୁ ଆସି ନଥିଲେ ଫଳରେ କାର୍ଯ୍ୟାଳୟର ଉନ୍ନତି କିଭଳି ହେଉଥିବ ତାହା ସାଧାରଣ ଜନତା ଦେଖନ୍ତୁ ବୋଲି ଗ୍ରାମବାସୀ ଅଭିଯୋଗ କରିଥିଲେ । ଆଜିର ଏହି ଶୃଂଖଳା ପୂର୍ଣ୍ଣ ବିରୋଧ ପ୍ରଦର୍ଶନୀରେ ଗ୍ରାମର ୱାର୍ଡ ମେମ୍ୱର କୁନ୍ତଳା ପାତ୍ରଙ୍କ ସଭାପତିତ୍ୱରେ ୱାର୍ଡ ମେମ୍ୱର ଦେବକୀ କିସାନ, ବିଭୁତି ଭୂଷଣ ପାତ୍ରୀ, ମିଳନ ମହାନ୍ତ, ପରମେଶ୍ୱର ସାହୁ, ବିଭୁତି ପତି, କେଶବ ଚନ୍ଦ୍ର ସାହୁ, ରଥ କୁମାର ସାହୁ, କୁମୁଦ ଚନ୍ଦ୍ର ପତି ପ୍ରମୁଖ ଉପସ୍ଥିତ ରହି ଭାସ୍କର ଫେରୋ ଏଲୟ କାରଖାନା ଗମଲେଇ ଗ୍ରାମର ଜଙ୍ଗଲ ଜମିକୁ କାରଖାନାକୁ ହସ୍ତାନ୍ତର କରିଥିବା, ଗମଲେଇ ଗ୍ରାମର ବିକାଶ ମୂଳକ କାର୍ଯ୍ୟ ନହେବା ପ୍ରତିବାଦରେ ଘୋର ବିରୋଧ କରିଥିଲ । ଗତ ୧୭ ତାରିଖ ଦିନ ହୋଇଥିବା ଗ୍ରାମ ସଭାର ରେଜଲେସନ କପିକୁ ସେଠାରେ ଉପସ୍ଥିତ ନକରି ସଭାର ସଭାପତିଙ୍କ ବିନା ଦସ୍ତଖତରେ ଥିବା କାରଣରୁ ରାଜାମୁଣ୍ଡା ସରପଂଚ ଓ ପଂଚାୟତ ଅଧିକାରୀଙ୍କ ବିରୁଦ୍ଧରେ ଅସନ୍ତୋଷ ପ୍ରକାଶ କରିଥିଲେ । ଗ୍ରାମବାସୀ ସେହି ବୈଠକର ଅଧିବେଶନ କପିକୁ ମାଗିବାରୁ ଉପ ଜିଲ୍ଲାପାଳଙ୍କୁ ହସ୍ତାନ୍ତରିତ କରିଥିବା ପ୍ରକାଶ କରିବା, ଖେଳ ପଡିଆ ଓ ଜଙ୍ଗଲ ଜମିକୁ ଅଣ ଜଙ୍ଗଲ କରି ଇଡ଼କୋକୁ ହସ୍ତାନ୍ତର କରିବା କଥାକୁ ଗ୍ରାମବାସୀ ସହଜରେ ଗ୍ରହଣ କରିପାରୁନାହିଁ । ଗ୍ରାମବାସୀଙ୍କ ଅଭିଯୋଗ ହେଲା କାରଖାନା କର୍ତ୍ତୃପକ୍ଷ ପ୍ରଶାସନ ଏବଂ ପଂଚାୟତ ସ୍ତରରେ ଜଡ଼ିତ ଥିବା କିଛି ଅସାଧୁ ବ୍ୟକ୍ତି ଚଂଚକତା କରୁଛନ୍ତି । ଯଦି ଆଗାମୀ ଦିନରେ ଇଡ଼କୋକୁ ଜଙ୍ଗଲ ଜମି ହସ୍ତାନ୍ତର କରାଯାଏ ତେବେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବା ପାଇଁ ଚେତାବନୀ ମଧ୍ୟ ଦେଇଛନ୍ତି । ସୂଚନାଯୋଗ୍ୟ ଯେ ଲହୁଣୀପଡ଼ା ବ୍ଲକର ରାଜାମୁଣ୍ଡା ପଂଚାୟତ ଅନ୍ତର୍ଗତ ଗମଲେଇ ଗ୍ରାମବାସୀ ଥିବା ପ୍ରାୟ ୧୮ ଏକର ପରିମିତ ଜଙ୍ଗଲ ଜମିକୁ କିସମ ପରିବର୍ତ୍ତନ କରାଯାଇ ଶିଳ୍ପ ସମ୍ପ୍ରସାରଣ ପାଇଁ ଭାସ୍କର ଷ୍ଟିଲ ଫେରୋ ଏଣ୍ଡ ଲିମିଟେଡ୍‌କୁ ହସ୍ତାନ୍ତର କରିବା ପ୍ରସ୍ତାବକୁ ପ୍ରଥମରୁ ଗ୍ରାମବାସୀ ବିରୋଧ କରିଆସୁଥିଲେ । ଏଥି ପାଇଁ ଗତ ମାସ ୧୭ ତାରିଖରେ ଏକ ପଲ୍ଲୀ ସଭା ଅନୁଷ୍ଠିତ ହୋଇଥିଲା । ଉକ୍ତ ସଭାରେ ପ୍ରସ୍ତାବ ଉପସ୍ଥାପିତ ହେବା ମାତ୍ରେ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷର ଝଡ଼ ସୃଷ୍ଟି ହୋଇଥିଲା । ଯେଉଁ ଜଙ୍ଗଲକୁ ସେମାନେ ନିଜ ସନ୍ତାନ ପରି ଲାଳନ-ପାଳନ କରିଛନ୍ତି, ସେହି ସବୁଜ ସମ୍ପଦକୁ କାରଖାନା ପାଇଁ ଉତ୍ସର୍ଗ କରିବା ଚିନ୍ତାକୁ ସେମାନେ କେବେବି ମାନିବାକୁ ପ୍ରସ୍ତୁତ ନୁହଁନ୍ତି ବୋଲି ପ୍ରବଳ ହଟଗୋଳ ହୋଇଥିଲା । ଗ୍ରାମବାସୀ ପ୍ରଶ୍ନ ଉଠାଇଥିଲେ ଯେ "ପୂର୍ବରୁ ଆମ ଜମି ଅଧିଗ୍ରହଣ ଏହି କାରଖାନା କରିଅଛି, କିନ୍ତୁ ଆମ ପିଲାମାନଙ୍କୁ କେତେ ରୋଜଗାର ମିଳିଲା? ଗାଁର କେତେ ବିକାଶ ହେଲା?" ବିକାଶ ନାମରେ ପୁଣିଥରେ ପ୍ରକୃତି ଓ ଜନଜୀବନକୁ ବଳି ଦେବାକୁ ସେମାନେ ରାଜି ନୁହଁନ୍ତି । ଆଗାମୀ ପିଢ଼ି ପାଇଁ ସବୁଜ ଜଙ୍ଗଲ, ନିର୍ମଳ ବାୟୁ ଓ ସୁସ୍ଥ ପରିବେଶ ଛାଡ଼ିଯିବା ହିଁ ସେମାନଙ୍କ ମୂଳ ଲକ୍ଷ୍ୟ ବୋଲି ଗ୍ରାମସଭାରେ ଗ୍ରାମବାସୀ ଉପସ୍ଥାପନା କରିଥିଲେ । ତାସହିତ ଗ୍ରାମବାସୀମାନେ ସ୍ପଷ୍ଟ କରିଥିଲେ ଯେ, ଯଦି କୌଣସି ପ୍ରକାର ଭୁଲ ତଥ୍ୟ କିମ୍ବା ଚାପପ୍ରୟୋଗ କରି ଜଙ୍ଗଲ ଜମି ହସ୍ତାନ୍ତର କରିବାକୁ ଚେଷ୍ଟା କରାଯାଏ, ତେବେ ସେମାନେ ଆଇନଗତ ଲଢ଼େଇ ପାଇଁ ହାଇକୋର୍ଟ ଏବଂ ନେସନାଲ ଗ୍ରୀନ ଟ୍ରିବ୍ୟୁନାଲର ଦ୍ୱାରସ୍ଥ ହେବେ । ଉକ୍ତ ସଭାରେ ଗ୍ରାମବାସୀ ଅଭିଭାଷଣ ଜରିଆରେ ବିରୋଧ କରିବା ସହିତ ଶତାଧିକ ଗ୍ରାମବାସୀ ଲିଖିତ ଭାବେ ନିଜର ବିରୋଧ ଜଣାଇଥିଲେ । ଏହା କେବଳ ୧୮ ଏକର ଜମି ପାଇଁ ଲଢ଼େଇ ନୁହେଁ, ବରଂ ମାଟି, ଜଙ୍ଗଲ, ପରିବେଶ ଓ ଆଗାମୀ ପିଢ଼ିର ଭବିଷ୍ୟତକୁ ସୁରକ୍ଷିତ ରଖିବା ପାଇଁ ଏକ ଜନଆନ୍ଦୋଳନ । "ଜଙ୍ଗଲ ରହିଲେ ଆମେ ରହିବୁ, ଆମେ ରହିଲେ ଆଗାମୀ ପିଢ଼ି ବଂଚିବ" ବୋଲି ପ୍ରଶାସନକୁ ସ୍ପଷ୍ଟ ବାର୍ତ୍ତା ଦେଇଛନ୍ତି । ପ୍ରକୃତିର ସୁରକ୍ଷା ପାଇଁ ସେମାନେ ଜୀବନ ଦେବାକୁ ପଛାଇବୁ ନାହିଁ ବୋଲି କହିବା ସହିତ ଏହି ସଂଗ୍ରାମ ଆଗକୁ ମଧ୍ୟ ଜାରି ରହିବ ବୋଲି ଚେତାବନୀ ଦେଇଛନ୍ତି ।

ପୋଷଣ ଅଭିଯାନ : ଓଜନ ଉତ୍ସବ ୨୦୨୬-୨୭ ପ୍ରଥମ ପର୍ଯ୍ୟାୟ ପ୍ରସ୍ତୁତି ବୈଠକ

ଖୋର୍ଦ୍ଧା, ୦୨/୦୭ (ଆ.ପ୍ର) : ଖୋର୍ଦ୍ଧା ଜିଲ୍ଲା ସମାଜ କଲ୍ୟାଣ ବିଭାଗ ଆନୁକୂଲ୍ୟରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନା ପୋଷଣ ଅଭିଯାନ, 'ଓଜନ ଉତ୍ସବ-୨୦୨୬-୨୭' ପ୍ରଥମ ପର୍ଯ୍ୟାୟ ପ୍ରସ୍ତୁତି ବୈଠକ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ ପ୍ରତାପ ଚନ୍ଦ୍ର ବେଉରାଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି । ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ କୁସୁମ କୁମାରୀ ପ୍ରହରାଜ ବୈଠକରେ ସଂଯୋଜନା କରିଥିଲେ । ଏଥି ସହ ଶ୍ରୀମତୀ ପ୍ରହରାଜ ଜିଲ୍ଲାର ସମସ୍ତ ଅଙ୍ଗନୱାଡ଼ି ସୁପରଭାଇଜର, ଶିଶୁ କଲ୍ୟାଣ ପ୍ରକଳ୍ପ ଅଧିକାରୀମାନଙ୍କ ସହ ଚଳିତ ଜୁଲାଇ ୧ ତାରିଖରୁ ୨୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଥିବା ୦ ରୁ ୦୬ ବର୍ଷର ଶିଶୁ ମାନଙ୍କ ଓଜନ ଉତ୍ସବର ବିସ୍ତୃତ କାର୍ଯ୍ୟାବଳୀ ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ । ଚଳିତ ଆର୍ଥିକ ବର୍ଷର ପ୍ରଥମ ପର୍ଯ୍ୟାୟ ଓଜନ ଉତ୍ସବ ଚଳିତ ଜୁଲାଇ ମାସ ୧ରୁ ୨୫ ତାରିଖ ମଧ୍ୟରେ ଜିଲ୍ଲାର ସମସ୍ତ ଅଙ୍ଗନୱାଡ଼ି କେନ୍ଦ୍ରରେ ବିଭିନ୍ନ ସହଯୋଗୀ ବିଭାଗର ସହଭାଗିତାରେ ଆୟୋଜନ କରାଯିବ । ଜନ୍ମରୁ ୬ ବର୍ଷ ପର୍ଯ୍ୟନ୍ତ ସମସ୍ତ ଶିଶୁଙ୍କୁ ପିତାମାତା, ଶିଶୁର ଯତ୍ନ ନେଉଥିବା ବ୍ୟକ୍ତି ବିଶେଷ ନିକଟସ୍ଥ ଅଙ୍ଗନୱାଡ଼ି କେନ୍ଦ୍ରରେ ନିଜ ଶିଶୁର ଓଜନ ଏବଂ ଉଚ୍ଚତା ମାପ କରାଇବେ । ଉତ୍ସବରେ ଶିଶୁର ପୋଷଣ ସ୍ଥିତି ଚିହ୍ନଟ ହେବା ପରେ ଆବଶ୍ୟକ ଚିକିତ୍ସା କିମ୍ବା ଗୋଷ୍ଠୀ ସ୍ତରରେ ଯତ୍ନ ଅଙ୍ଗନୱାଡ଼ି ସୁପରଭାଇଜରଙ୍କ ମାଧ୍ୟମରେ ଗ୍ରହଣ କରାଯିବ । ବାଦ ପଡ଼ିଯାଇଥିବା ତଥା ଅପହଂଚ କିମ୍ବା ଦୁର୍ଗମ ଅଂଚଳର ଶିଶୁମାନଙ୍କ ଶତ ପ୍ରତିଶତ ଓଜନ ଏବଂ ଉଚ୍ଚତା ଆକଳନକୁ ସୁନିଶ୍ଚିତ କରାଯିବା ଏହି ମହତ୍ କାର୍ଯ୍ୟର ଲକ୍ଷ ଅଟେ ବୋଲି ବୈଠକର ଅଧ୍ୟକ୍ଷ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ ପ୍ରତାପ ଚନ୍ଦ୍ର ବେଉରା ପ୍ରକାଶ କରି କାର୍ଯ୍ୟରେ ସଂପୃକ୍ତ ଅଙ୍ଗନୱାଡ଼ି କର୍ମୀ, ସୁପରଭାଇଜର, ଶିକ୍ଷା ବିଭାଗ, ସ୍ୱାସ୍ଥ୍ୟ ବିଭାଗ ସମସ୍ତେ ନିଷ୍ଠାପର ଭାବେ ସେବା ପ୍ରଦାନ କରି ଖୋର୍ଦ୍ଧା ଜିଲ୍ଲାର ସମସ୍ତ ଶିଶୁ ମାନଙ୍କ ସୁସ୍ଥ ଶରୀର ଗଠନ ଦିଗରେ ଉତ୍ସର୍ଗୀ କୃତ ଯୋଗଦାନ ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ଏହି ପରିପ୍ରେକ୍ଷୀରେ ଜନସାଧାରଣ ମାନେ ପୋଲିସ ହେଲ୍ପ ଲାଇନ ୧୧୨, ମହିଳା ହେଲ୍ପଲାଇନ ୧୮୧ ଏବଂ ଶିଶୁ ହେଲ୍ପ ଲାଇନ ୧୦୯୮ ରେ ଯୋଗାଯୋଗ କରିବାକୁ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି ବୋଲି ସେ ପ୍ରକାଶ କରିଥିଲେ । ଏଠାରେ ପ୍ରକାଶ ଥାଉକି ଗଭୀର ଭାବରେ ବୃଦ୍ଧିରେ ପ୍ରଭାବ ପଡ଼ିଥିବା ୩୩୧୦ ଶିଶୁ ମାନଙ୍କର ଅଗ୍ରାଧିକାର ଭିତିରେ ସର୍ଭେ କରାଯିବ । ସେହିପରି ଅଧ୍ୟକ୍ଷ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ପ୍ରତାପ ଚନ୍ଦ୍ର ବେଉରା ଜିଲ୍ଲାସ୍ତରୀୟ ସଂଶୋଧିତ ପରିବର୍ଦ୍ଧିତ ଖାଦ୍ୟ ତାଲିକା ସର୍ତ୍ତ ନିୟମ ଉପରେ ପୁଙ୍ଖାନୁପୁଙ୍ଖ ବକ୍ତବ୍ୟ ପ୍ରଦାନ କରିଥିଲେ । ବୈଠକରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ବିଜୟ ବେହେରା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ଉପ ପରିଚାଳିକା, ପରିବର୍ଦ୍ଧିତ ଶିଶୁ ଯତ୍ନ, ରୋଜାଲିନ ମହାପାତ୍ର, କାର୍ଯ୍ୟକ୍ରମ ପରିଚାଳିକା ସୌଦାମିନୀ ଦାଶ, ଅନୁପମା ରୋଇ, ଦେବକୀ ସାହୁଙ୍କ ସମେତ ସମସ୍ତ ଅଙ୍ଗନୱାଡ଼ି ସୁପରଭାଇଜର ଓ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ମାନେ ଯୋଗଦେଇଥିଲେ ।

ବଂଶଧାରା ନଦୀ ହିଡ଼ବନ୍ଧ କାର୍ଯ୍ୟରେ ଅବହେଳା ଅଭିଯୋଗ : ସ୍ଥିତି ଅନୁଧ୍ୟାନ କଲେ ପାରଳା ବିଧାୟକ ରୂପେଶ ପାଣିଗ୍ରାହୀ

ପାରଳାଖେମୁଣ୍ଡି, ୦୨/୦୭ (ଆ.ପ୍ର) : କାଶୀନଗର ଅଂଚଳ ଦେଇ ପ୍ରବାହିତ ବଂଶଧାରା ନଦୀର ହିଡ଼ ବନ୍ଧ ନିର୍ମାଣ କାର୍ଯ୍ୟରେ ଅବହେଳା ଓ ନିମ୍ନମାନର କାମ ହେଉଥିବା ନେଇ ଅଭିଯୋଗ ପରେ ପାରଳା ବିଧାୟକ ରୂପେଶ ପାଣିଗ୍ରାହୀ ସ୍ଥଳ ପରିଦର୍ଶନ କରି ସ୍ଥିତିର ଅନୁଧ୍ୟାନ କରିଛନ୍ତି । ନଦୀ ଉପକୂଳବର୍ତ୍ତୀ ଅଂଚଳର ଲୋକଙ୍କ ସୁରକ୍ଷା ଓ ବନ୍ୟା ନିୟନ୍ତ୍ରଣ ପାଇଁ ଚାଲିଥିବା ଏହି ପ୍ରକଳ୍ପରେ ଅନିୟମିତତା ଅଭିଯୋଗ ଉଠିବା ପରେ ବିଧାୟକଙ୍କ ଏହି ଗସ୍ତକୁ ନେଇ ସ୍ଥାନୀୟ ଅଂଚଳରେ ଚର୍ଚ୍ଚା ଆରମ୍ଭ ହୋଇଛି । ସୂଚନା ଅନୁଯାୟୀ, କାଶୀନଗର ଏନଏସି ସମେତ କାଶୀନଗର ବ୍ଲକର ବହୁ ପଂଚାୟତର ଅନେକ ଗ୍ରାମ ବଂଶଧାରା ନଦୀ କୂଳରେ ଅବସ୍ଥିତ । ବର୍ଷା ଋତୁରେ ନଦୀରେ ବନ୍ୟା ଆସିବା ଯୋଗୁଁ ଅନେକ ସମୟରେ ନଦୀ ତଟବର୍ତ୍ତୀ ଅଂଚଳରେ ଜଳମଗ୍ନ ପରିସ୍ଥିତି ସୃଷ୍ଟି ହେବା ସହ ଲୋକଙ୍କ ଜୀବନ ଓ ସମ୍ପତ୍ତି ପ୍ରଭାବିତ ହୋଇଥାଏ । ଏହାକୁ ଦୃଷ୍ଟିରେ ରଖି ନଦୀ କୂଳର ବିଭିନ୍ନ ସ୍ଥାନରେ ବଡ଼ ବଡ଼ ପଥର ଓ ମାଟି ବ୍ୟବହାର କରି ହିଡ଼ବନ୍ଧ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା । ପ୍ରାୟ ଦୁଇ ବର୍ଷ ପୂର୍ବେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇନଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ଏହା ସହ ନିର୍ମାଣ କାମରେ ନିମ୍ନମାନର ସାମଗ୍ରୀ ବ୍ୟବହାର ଓ ଠିକାଦାର ପକ୍ଷରୁ ମନମୁଖୀ ଭାବେ କାର୍ଯ୍ୟ କରାଯାଉଥିବା ଅଭିଯୋଗ ମଧ୍ୟ ଉଠିଛି । ସେହିପରି ଭାନ୍ନା ଗ୍ରାମ ନିକଟସ୍ଥ ନଦୀ କୂଳରେ ଚାଲିଥିବା ହିଡ଼୍ ନିର୍ମାଣ କାର୍ଯ୍ୟ ନିମ୍ନମାନର ହେଉଥିବା ନେଇ ବୁଦୁରା ସମିତି ସଭ୍ୟଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ଲିଖିତ ଅଭିଯୋଗ କରାଯାଇଥିଲା । ଉକ୍ତ ଅଭିଯୋଗକୁ ଆଧାର କରି ବିଧାୟକ ରୂପେଶ ପାଣିଗ୍ରାହୀ ନିର୍ମାଣ ସ୍ଥଳକୁ ଯାଇ କାର୍ଯ୍ୟର ମାନ ଯାଂଚ କରିଥିଲେ । ବିଧାୟକଙ୍କ ଗସ୍ତ ସମୟରେ ଜିଲ୍ଲା ପରିଷଦ ସଭାପତି ଗାବରା ତିରୁପତି ରାଓ, କାଶୀନଗର ବ୍ଲକ ଅଧ୍ୟକ୍ଷା ବି. ସାୟାମ୍ମା, ବୁଦୁରା ସମିତି ସଭ୍ୟ ବି. ବାବୁରାଓ , କେ. ଆପାରାଓଙ୍କ ସମେତ ବହୁ ଜନସାଧାରଣ ଉପସ୍ଥିତ ଥିଲେ । ଏହି ସମୟରେ ସ୍ଥାନୀୟ ଲୋକେ ବିଧାୟକଙ୍କ ନିକଟରେ ନିର୍ମାଣ କାର୍ଯ୍ୟର ଗୁଣବତ୍ତା ନେଇ ଚିନ୍ତା ଅଭିଯୋଗ ଉପସ୍ଥାପନ କରିଥିଲେ । କେତେକ ଲୋକ ଅଭିଯୋଗ କରିଥିଲେ ଯେ, କାମର ଗୁଣବତ୍ତା ସମ୍ପର୍କରେ ପ୍ରଶ୍ନ କଲେ ଠିକାଦାର ପକ୍ଷର କିଛି ବ୍ୟକ୍ତି ଲୋକଙ୍କୁ ଧମକ ଦେଉଥିବା ଅଭିଯୋଗ ମଧ୍ୟ ରହିଛି । କାଶୀନଗର ଠାରୁ ଭାନ୍ନା ଗ୍ରାମ ପର୍ଯ୍ୟନ୍ତ ଚାଲିଥିବା ପଥର ଜର୍ଜଡ ହିଡ଼୍ ନିର୍ମାଣ କାର୍ଯ୍ୟକୁ ବିଧାୟକ ନିଜେ ତଦାରଖ କରିଥିଲେ । ଏହା ପରେ ସେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ଲୋକଙ୍କ ଅଭିଯୋଗ ବିଷୟରେ ଅବଗତ କରାଇଥିଲେ । ବିଧାୟକ ଶ୍ରୀ ପାଣିଗ୍ରାହୀ କହିଥିଲେ ଯେ, ଜନସାଧାରଣଙ୍କ ସୁରକ୍ଷା ସହ ଜଡ଼ିତ ଏହି କାର୍ଯ୍ୟ ନିର୍ଦ୍ଧାରିତ ମାନଦଣ୍ଡ ଅନୁଯାୟୀ ହେବା ଆବଶ୍ୟକ । କାମରେ କୌଣସି ପ୍ରକାର ଅନିୟମିତତା କିମ୍ବା ନିମ୍ନମାନର କାର୍ଯ୍ୟ ହୋଇଥିଲେ ତାହା ବିରୋଧରେ ଦୃଢ଼ ପଦକ୍ଷେପ ନିଆଯିବ । ସେହିପରି ସରକାରଙ୍କ କାର୍ଯ୍ୟ ତଥା ବିକାଶମୂଳକ କାର୍ଯ୍ୟ ପ୍ରତି ଦୃଷ୍ଟି ରଖିବା ଜନସାଧାରଣଙ୍କ ବି କର୍ତ୍ତବ୍ୟ, ଯଦି ଲୋକଙ୍କ ପ୍ରତି ଠିକାଦାର ଯଦି ବି ରୋଧ କରେ କି ବ୍ୟବହାର କରିଲେ ଆଇନ ଅନୁଯାୟୀ ଦଣ୍ଡନୀୟ ହେବେ ବୋଲି ବିଧାୟକ ଲୋକଙ୍କୁ ପରାମର୍ଶ ଦେଇଥିଲେ । ବର୍ତ୍ତମାନ ଏହି ହିଡ଼ବନ୍ଧ କାର୍ଯ୍ୟର ଗୁଣବତ୍ତା ଓ ସମୟସୀମା ନେଇ ବିଭାଗୀୟ ତଦାରଖ ଉପରେ ସ୍ଥାନୀୟ ଲୋକଙ୍କ ନଜର ରହିଛି ।

ବିଦ୍ୟାଳୟ ପ୍ରତି ନିଷ୍ଠାପର ଅବଦାନ ରଖିଥିବା ଚାରି ଶିକ୍ଷକଙ୍କୁ ପୂର୍ଣ୍ଣକାଳୀନ ଅବସର ବିଦାୟୀ

ବଣାଇଁ, ୦୨/୦୭ (ଆ.ପ୍ର): କଥାରେ ଅଛି 'ଗୁରୁଙ୍କୁ ନମଣିବ ନର, ଗୁରୁ ହିଁ ସାକ୍ଷାତ ଈଶ୍ୱର' । ଏହି ଉକ୍ତିକୁ ପ୍ରମାଣିତ କରି ଦେଖାଇଛନ୍ତି ବଣାଇଁ ଉପଖଣ୍ଡ ଗୋଗୁଆ ଉଚ୍ଚ ବିଦ୍ୟାଳୟର ଜଣେ ଶିକ୍ଷକ । ଶିକ୍ଷକଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ବେଳର ଦୃଶ୍ୟ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । କେବଳ ସ୍କୁଲ ନୁହେଁ ବରଂ ଗାଁ ଲୋକେ ଶୋଭାଯାତ୍ରା କରି ସେମାନଙ୍କୁ ସମ୍ମାନର ସହ ଦୀର୍ଘ ୨୦ କିଲୋମିଟର ବୁଲାଇ ଶେଷରେ ବଣାଇଁ ବାଣେଶ୍ୱର ମନ୍ଦିରକୁ ନେଇ ଠାକୁରଙ୍କୁ ଦର୍ଶନ କରାଇଥିବା ଦୃଶ୍ୟ ଦେଖିବାକୁ ମିଳିଛି । ବଣାଇଁ ଅଂଚଳରେ ପ୍ରଥମକରି ଏମିତି ଦୃଶ୍ୟ ଦେଖିବାକୁ ମିଳିଛି । ଶିକ୍ଷାଦାନ ପରେ ଅବସର ନେଉଥିବା ଶିକ୍ଷକମାନଙ୍କୁ ବିଦ୍ୟାଳୟ ପକ୍ଷରୁ ତ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥାଏ । ମାତ୍ର କିଛି ଶିକ୍ଷକ କେବଳ ଛାତ୍ରଛାତ୍ରୀଙ୍କ ହୃଦୟରେ ନୁହେଁ ବରଂ ଅଭିଭାବକ ତଥା ଗ୍ରାମବାସୀଙ୍କ ହୃଦୟରେ ମଧ୍ୟ ରହିଥାନ୍ତି । ଝଣକେତନ ପ୍ରଧାନ, ପ୍ରଧାନ ଶିକ୍ଷକ, ପ୍ରଫୁଲ୍ଲ କୁମାର ସାହୁ, ଖେଳ ଶିକ୍ଷକ, ନବଘନ ସାହୁ, ହିନ୍ଦୀ ଶିକ୍ଷକ, ବିଦ୍ୟାଧର ପାଠି, ସଂସ୍କୃତ ଶିକ୍ଷକ ଚାରି ଜଣ ଶିକ୍ଷକଙ୍କ କ୍ଷେତ୍ରରେ ଏହାର ନିଚ୍ଛକ ଚିତ୍ର ଦେଖିବାକୁ ମିଳିଛି । ସୂଚନା ଅନୁସାରେ, ବଣାଇଁ ବ୍ଲକ ଅନ୍ତର୍ଗତ ଗୋଗୁଆ ଗାଁରେ ଥିବା ପ୍ରାଥମିକ ଉଚ୍ଚ ବିଦ୍ୟାଳୟରୁ ଏକକାଳୀନ ଚାରି ଶିକ୍ଷକ ନିଜ ଚାକିରି ଜୀବନରୁ ଅବସର ନେଇଛନ୍ତି । ଏଥିପାଇଁ ତାଙ୍କୁ ଦିଆଯାଇଥିଲା ଭବ୍ୟ ବିଦାୟ କାଳୀନ ସମ୍ବର୍ଦ୍ଧନା । ହେଲେ ଏ ସମ୍ବର୍ଦ୍ଧନା ଥିଲା ନିଆରା । ତାଙ୍କ ଅବସର ନେଇ ଗାଁ ଲୋକେ ମ୍ରିୟମାଣ ହୋଇ ପଡ଼ିଥିବାବେଳେ ଶିକ୍ଷକଙ୍କ ଛାତ୍ରଛାତ୍ରୀଙ୍କ ପାଇଁ ଅବଦାନ ଏବଂ ନିଷ୍ଠାକୁ ମନେ ପକାଇ ଏହି ବିରାଟ ଆୟୋଜନ କରାଯାଇଥିଲା । ଅବସରକାଳୀନ ସମ୍ବର୍ଦ୍ଧନା ପରେ ଗାଁ ଲୋକେ ଶିକ୍ଷକଙ୍କୁ ବନ୍ଦାପନା କରିବା ସହ ଉତରୀୟ ପ୍ରଦାନ କରି ସମ୍ମାନ ଜଣାଇଥିଲେ । ଦୀର୍ଘ ବର୍ଷ ଶିକ୍ଷକତା ତାଙ୍କ ମାର୍ଗ ଦର୍ଶନ କରି ଅନେକ ଛାତ୍ରଛାତ୍ରୀଙ୍କୁ ଭଲ ମଣିଷ ହୋଇଥିବାବେଳେ ଅନେକ ବ୍ୟକ୍ତି ସଫଳତାର ଶୀର୍ଷରେ ପହଂଚିଛନ୍ତି । ଏହି ଚାରି ଜଣ ଶିକ୍ଷକ ବିଦ୍ୟାଳୟରେ ଯୋଗ ଦେବାପରେ ଅନେକ ଉନ୍ନତି ହୋଇଥିବା କହିଛନ୍ତି ଗ୍ରାମବାସୀ ତଥା ପୁରାତନ ଛାତ୍ରଛାତ୍ରୀ । ଏହା । ତାଙ୍କ ସହିତ କାର୍ଯ୍ୟରତ ଥିବା ସ ?ହଶିକ୍ଷକ ମଧ୍ୟ ତାଙ୍କ ବିଦାୟୀ ମୁହୂର୍ତ୍ତ ନିଶ୍ଚିତ ଭାବେ କଷ୍ଟ ଦେବା ସହିତ ଆଉ ପ୍ରେରଣା ମିଳିବ ନାହିଁ ଉପସ୍ଥିତ ବୈଠକରେ ମତବ୍ୟକ୍ତ କରିଥିଲେ ।

ନବରଙ୍ଗପୁରରେ ଅବକାରୀ ବିଭାଗର ଚଢ଼ାଉ

ନବରଙ୍ଗପୁର, ୦୨/୦୭ (ଆ.ପ୍ର): ଜିଲ୍ଲାପାଳ ଡ଼କ୍ଟର ମହେଶ୍ୱର ସ୍ୱାଇଁଙ୍କ ତଥା ଅବକାରୀ ଅଧିକ୍ଷକ ପ୍ରତାପ କୁମାର ଦାସଙ୍କ ନିର୍ଦ୍ଦେଶ କ୍ରମେ, ଅବକାରୀ ନିରୀକ୍ଷକ ଦିଲ୍ଲୀପ କୁମାର ରଥଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ତେନ୍ତୁଳୀଖୁଂଟି ଥାନା ଅର୍ନ୍ତଗତ ଡ଼ଙ୍ଗରଭେଜା, ଗୌଡ଼ଦେଉପାଲି, ପରଜା କୁରୁମୁଲି, ଡାଇକ -୧, ଡାଇକ ୨, ଡ଼ଙ୍ଗାସିଲ, ଗୌଡ଼ଗୁଡା, ଇଛାପୁର ଓ ମୋଂଟ୍ରି ଗ୍ରାମରେ ମଦ ବିକ୍ରିକୁ ବନ୍ଦ କରିବା ପାଇଁ, ଗ୍ରାମର ମହିଳା ଓ ମାଆମାନଙ୍କ ଅଭିଯୋଗ କ୍ରମେ, ଏହି ଗ୍ରାମ ଗୁଡିକରେ ଅବକାରୀ ପଇଁତରା କରୁଥିବା ବେଳେ ମୋଂଟ୍ରି ଗ୍ରାମରେ ଅବକାରୀ ଚଢ଼ାଉ କରି ଜଣେ ମହିଳା ଆସାମୀ ନିକଟରୁ ୧୬ (ଷୋହଳ)ଲିଟର ଚୋରା ଦେଶୀ ହାତ ରନ୍ଧା ମଦ ଓ ୩୦ ଲିଟର ମଦ ରନ୍ଧିବା ପାଇଁ ପୋଚ ଜବତ କରାଗଲା । ଆସାମୀ ବିରୁଦ୍ଧରେ ଅବକାରୀ ମାମଲା ରୁଜୁ କରାଗଲା । ଆସାମୀକୁ ଘଟଣା ସ୍ଥଳରେ ୩୫ ବିଏନ୍‌ଏସ୍‌ଏସ୍‌ର ସୂଚନା ଦେଇ ଛାଡି ଦିଆଗଲା । ଏହି ଚଢାଉରେ ରିସିମା କୁମାରୀ ସୁନା ଓ ଆକ୍ରମ ଖାନ ସହଯୋଗ କରିଥିଲେ ।

ଶ୍ରୀଜୀଉଙ୍କ ଘୋଷଯାତ୍ରା ନେଇ ଖଣ୍ଡପଡ଼ାରେ ଚାଲିଛି ରଥ ନିର୍ମାଣ କାର୍ଯ୍ୟ

ଖଣ୍ଡପଡ଼ା, ୦୨/୦୭ (ଆ.ପ୍ର) : ରାଜରାଜୁଡା ଅମଳରୁ ଖଣ୍ଡପଡ଼ା ସହରରେ ଶ୍ରୀଜୀଉଙ୍କର ପବିତ୍ର ଘୋଷଯାତ୍ରା ପ୍ରତିବର୍ଷ ଅନୁଷ୍ଠିତ ହୋଇ ଆସୁଛି । ଘୋଷଯାତ୍ରା ପରିପ୍ରେକ୍ଷୀରେ ଖଣ୍ଡପଡ଼ା ସହରର ରଥଗଡା ଛକରେ ରଥ ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ରଥ ନିର୍ମାଣରେ ଲଗାଣ ବର୍ଷା ବାଧକ ସାଜିଥିବା ଜଣାପଡିଛି । ମହାରଣା ସେବକମାନଙ୍କ ଦ୍ୱାରା ନିର୍ଦ୍ଧାରିତ ସମୟରେ ୨ଟି ଯାକ ରଥର ନିର୍ମାଣ କାର୍ଯ୍ୟ ସଂପନ୍ନ ହେବ ବୋଲି ରଥଯାତ୍ରା ପରିଚାଳନା କମିଟିର ସଦସ୍ୟମାନଙ୍କ ଠାରୁ ପ୍ରକାଶ । ସେହିପରି ନିକଟସ୍ଥ ଖଳିସାହି ଓ ମର୍ଦ୍ଦରାଜପୁର ଗ୍ରାମରେ ଶ୍ରୀଜୀଉଙ୍କ ଘୋଷଯାତ୍ରା ପରିପ୍ରେକ୍ଷୀରେ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବା ସୂଚନା ମିଳିଛି ।

'ବିକଶିତ ଭାରତ-ଗ୍ୟାରେଂଟି ଫର୍ ରୋଜଗାର ଏବଂ ଆଜୀବିକା ମିଶନ'ର ଶୁଭାରମ୍ଭ

ନବରଙ୍ଗପୁର, ୦୨/୦୭ (ଆ.ପ୍ର): ବିକଶିତ ଭାରତ @୨୦୪୭ର ପରିକଳ୍ପନାକୁ ସାକାର କରିବା ତଥା ଗ୍ରାମୀଣ ପରିବାରମାନଙ୍କର ଆର୍ଥିକ ସଶକ୍ତିକରଣ ଓ ଆଜୀବିକାର ସ୍ଥାୟୀ ବିକାଶକୁ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଭାରତ ସରକାରଙ୍କ 'ବିକଶିତ ଭାରତ-ଗ୍ୟାରେଂଟି ଫର୍ ରୋଜଗାର ଏବଂ ଆଜୀବିକା ମିଶନ (ଗ୍ରାମୀଣ)' VB-G RAM (G) କାର୍ଯ୍ୟକ୍ରମର ଜିଲ୍ଲାସ୍ତରୀୟ ଶୁଭାରମ୍ଭ ଆଜି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଡ଼. ମହେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ପୂର୍ବାହ୍ନ ୧୧ଟାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବିଭାଗର ଅଧିକାରୀ, ଜନପ୍ରତିନିଧି, ପଂଚାୟତ ପ୍ରତିନିଧି, ମିଶନ ଶକ୍ତିର ସଦସ୍ୟା, ଏନ୍‌ଜିଓ, ସିଆର୍‌ପି ଏବଂ ଯୁବ ପ୍ରତିନିଧିମାନେ ଯୋଗଦେଇଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦର ନିର୍ବାହୀ ଅଧିକାରୀ ବିରଂଚି ନାରାୟଣ ଦରଘାନ ସ୍ୱାଗତ ଭାଷଣ ପ୍ରଦାନ କରି କହିଥିଲେ ଯେ, VB-G RAM (G) କେବଳ ଏକ ରୋଜଗାର ଯୋଜନା ନୁହେଁ, ବରଂ ଗ୍ରାମୀଣ ପରିବାରର ଆର୍ଥିକ ସୁରକ୍ଷା, ସ୍ୱାବଲମ୍ବନ ଏବଂ ସମ୍ମାନଜନକ ଜୀବିକାର ଏକ ନୂତନ ଦିଗନ୍ତ । ପୂର୍ବରୁ ପ୍ରଚଳିତ MGNREGA ତୁଳନାରେ ଏହି ଯୋଜନା ଅଧିକ ବ୍ୟାପକ, ଅଧିକ ଫଳପ୍ରଦ ଏବଂ ସମୟୋପଯୋଗୀ ବୋଲି ସେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ କେନ୍ଦ୍ର ସ୍ତରରେ ଆୟୋଜିତ ଜାତୀୟ ଶୁଭାରମ୍ଭ କାର୍ଯ୍ୟକ୍ରମର ସିଧାସଳଖ ପ୍ରସାରଣ ପ୍ରଦର୍ଶନ କରାଯାଇଥିଲା । ଉପସ୍ଥିତ ସମସ୍ତ ଅତିଥି ଓ ପ୍ରତିନିଧି ଏହାକୁ ଅବଲୋକନ କରିଥିଲେ । ମୁଖ୍ୟ ଅତିଥି ଭାବେ ଉଦ୍‌ବୋଧନ ଦେଇ ଜିଲ୍ଲାପାଳ ଡ଼. ମହେଶ୍ୱର ସ୍ୱାଇଁ କହିଥିଲେ ଯେ, ୦୧ ଜୁଲାଇ ୨୦୨୬ରୁ କାର୍ଯ୍ୟକାରୀ ହୋଇଥିବା ଏହି ଅଧିନିୟମ ନବରଙ୍ଗପୁର ଭଳି ଆଦିବାସୀ ବହୁଳ ଜିଲ୍ଲା ପାଇଁ ଅତ୍ୟନ୍ତ ଉପକାରୀ ସାବ୍ୟସ୍ତ ହେବ । ଏହା ଅଧୀନରେ ପ୍ରତ୍ୟେକ ଗ୍ରାମୀଣ ପରିବାରକୁ ବର୍ଷକୁ ୧୨୫ ଦିନର ନିଶ୍ଚିତ ଅଣକୁଶଳୀ ରୋଜଗାର ମିଳିବ । ବୁଣା ଓ ଅମଳ ଋତୁରେ ସର୍ବାଧିକ ୬୦ ଦିନ କାର୍ଯ୍ୟ ବନ୍ଦ ରହିବା ଦ୍ୱାରା କୃଷି କାର୍ଯ୍ୟ ପ୍ରଭାବିତ ହେବ ନାହିଁ । ସମସ୍ତ ଲାଇନ ବିଭାଗ, ପଂଚାୟତ ପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀ, ଏନ୍‌ଜିଓ, ସିଆର୍‌ପି ଓ ଯୁବ ପ୍ରତିନିଧିମାନେ ସମନ୍ୱିତ ଭାବେ କାର୍ଯ୍ୟ କରି ଯୋଜନାର ସୁଫଳ ପ୍ରତ୍ୟେକ ଯୋଗ୍ୟ ପରିବାର ନିକଟରେ ପହଂଚାଇବାକୁ ସେ ଆହ୍ୱାନ ଜଣାଇଥିଲେ । 'ବିକଶିତ ଭାରତ-ଗ୍ୟାରେଂଟି ଫର୍ ରୋଜଗାର ଏବଂ ଆଜୀବିକା ମିଶନ (ଗ୍ରାମୀଣ) ଅଧିନିୟମ, ୨୦୨୫' ଅନୁଯାୟୀ ୦୧ ଜୁଲାଇ ୨୦୨୬ରୁ ସମଗ୍ର ଦେଶରେ କାର୍ଯ୍ୟକାରୀ ହୋଇଥିବା ଏହି ଯୋଜନାରେ ପ୍ରତି ଗ୍ରାମୀଣ ପରିବାରକୁ ବର୍ଷକୁ ୧୨୫ ଦିନର ନିଶ୍ଚିତ ରୋଜଗାର, କାର୍ଯ୍ୟ ସମାପ୍ତିର ୧୫ ଦିନ ମଧ୍ୟରେ ସିଧାସଳଖ ଡ଼ିବିଟି ମାଧ୍ୟମରେ ମଜୁରୀ ପ୍ରଦାନ, କୃଷି ଋତୁରେ କାର୍ଯ୍ୟ ବିରତି ଏବଂ ଜଳ ସଂରକ୍ଷଣ, ଗ୍ରାମୀଣ ସଡ଼କ, ଅଙ୍ଗନୱାଡ଼ି କେନ୍ଦ୍ର ଭଳି ସ୍ଥାୟୀ ସମ୍ପତ୍ତି ସୃଷ୍ଟି ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି । ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ଯେ, ଆସନ୍ତା ୧୫ ଦିନ ମଧ୍ୟରେ ଜିଲ୍ଲାର ପ୍ରତ୍ୟେକ ଗ୍ରାମ ପଂଚାୟତରେ ସଚେତନତା ଶିବିର ଆୟୋଜନ କରାଯିବ । ଏହା ସହିତ ଜବ୍ କାର୍ଡ ଅଦ୍ୟତନ, ନୂତନ ପଞ୍ଜୀକରଣ ଓ ହିତାଧିକାରୀଙ୍କ ସଚେତନତା ପାଇଁ ଏନ୍‌ଜିଓ, ଓ ସିଆର୍‌ପିମାନେ ଘରକୁ ଘର ବୁଲି ଜନସମ୍ପର୍କ କାର୍ଯ୍ୟକ୍ରମ ପରିଚାଳନା କରିବେ । ଏହି କାର୍ଯ୍ୟକ୍ରମରେ ମାନ୍ୟବର ସାଂସଦଙ୍କ ପ୍ରତିନିଧି, ଝରିଗାଁ ବିଧାୟକଙ୍କ ପ୍ରତିନିଧି, ଜିଲ୍ଲାସ୍ତରୀୟ ଲାଇନ ବିଭାଗର ଅଧିକାରୀ, ସରପଂଚ, ସମିତି ସଭ୍ୟ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ଗଣକ, କୃଷକ ଏବଂ ବହୁ ସଂଖ୍ୟାକ ଯୁବ ପ୍ରତିନିଧି ଉପସ୍ଥିତ ଥିଲେ ।

ସେଇଠୁ
ଆରମ୍ଭ
SEITHO ARAMBHA
ଶୁକ୍ରବାର, ୦୩ ଜୁଲାଇ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୮

ଶ୍ରେୟସ ଆୟାରଙ୍କ ଅଧିନାୟକତ୍ୱକୁ ନେଇ ପ୍ରଶ୍ନ ଉଠାଇଲେ କାର୍ତିକ

ନୂଆଦିଲ୍ଲୀ୦୨/୭(ନ୍ୟୁ.ଏ): ଇଂଲଣ୍ଡ ବିପକ୍ଷ ପ୍ରଥମ ଟି-୨୦ ବର୍ଷା ପାଇଁ ବାତିଲ୍ ହୋଇଛି ସତ କିନ୍ତୁ ଶ୍ରେୟସଙ୍କ ନିଷ୍ପତି ଏବେ ସବୁଠି ଚର୍ଚ୍ଚାର ବିଷୟ । ବର୍ଷା ପାଗ ରହିଥିବା ସହ ପିଚ ଘାଷୁଆ ରହିଥିଲା । ସବୁବେଳେ ଅଧିନାୟକମାନେ ଏଭଳି ସମୟରେ ପ୍ରଥମେ ବୋଲିଂ ନିଷ୍ପତି ନେଇଥାନ୍ତି । କିନ୍ତୁ ଶ୍ରେୟସ ଭିନ୍ନ ନିଷ୍ପତି ସମସ୍ତଙ୍କୁ ଚକିତ କରିଥିଲା । କାରଣ ଟସ୍ ଜିତିବା ପରେ ପ୍ରଥମେ ବ୍ୟାଟିଂ କରିଥିଲା ଭାରତ । ଯାହାକୁ ନେଇ ନିଜର ପ୍ରତିକ୍ରିୟା ରଖିଛନ୍ତି ପୂର୍ବତନ ଭାରତୀୟ କ୍ରିକେଟର ଦିନେଶ କାର୍ତିକ । ଆୟାର୍ଲାଣ୍ଡ ବିପକ୍ଷ ଦୁଇ ମ୍ୟାଚ ବିଶିଷ୍ଟ ଟି-୨୦ ସିରିଜରେ ଭାରତର ପରାଜୟକୁ ନେଇ ସମାଲୋଚନା କରିଛନ୍ତି କାର୍ତିକ । ଅଧିନାୟକଙ୍କ ଭିନ୍ନ ରଣନୀତି ପରାଜୟର କାରଣ ବୋଲି ସମାଲୋଚନା କରିଛନ୍ତି । ଏହାସହ ସେ କହିଛନ୍ତି କି, ପାଗ ନିରନ୍ତର ଭାବେ ବଦଳୁଥିବାବେଳେ ଇଂଲଣ୍ଡ ବିପକ୍ଷ ଟସ୍ ନିଷ୍ପତି କିଛି ଭୁଲ୍ ନଥିଲା । ଟି-୨୦ରେ ପ୍ରାୟ ଦଳ ଚେଜ୍ କରିବା ପାଇଁ ପସନ୍ଦ କରନ୍ତି ଏଣୁ ଆୟାର୍ଲାଣ୍ଡ ବିପକ୍ଷ ମ୍ୟାଚର ହ୍ୟାଙ୍ଗ୍ ଓଭର ଏଯାବତ ଯାଇନି ବୋଲି କହିଛନ୍ତି କାର୍ତିକ । ହୁଏତ ଆୟାର୍ଲାଣ୍ଡ ଭଳି ପ୍ରଥମେ ବ୍ୟାଟିଂ କରି ଜିତିବା ଲକ୍ଷ୍ୟରେ ରହିଥିଲା ଭାରତ । ଭାରତ ଆୟାର୍ଲାଣ୍ଡ ବିପକ୍ଷ ଦୁଇଟିଯାକ ମ୍ୟାଚରେ ଲକ୍ଷ୍ୟ ପୂରଣ କରିବାରେ ବିଫଳ ହୋଇଥିଲା । ପ୍ରଥମ ମ୍ୟାଚରେ ୩୪ ରନ ଏବଂ ଦ୍ୱିତୀୟ ମ୍ୟାଚରେ ୧ ରନରେ ପରାସ୍ତ ହୋଇଥିଲା । ଏଣୁ ମ୍ୟାନେଜମେଂଟ ବୋଧେ ଭିନ୍ନ ରଣନୀତି ଆପଣାଇଥିଲା । ପ୍ରଥମେ ବ୍ୟାଟିଂ କରି ବଡ଼ ସ୍କୋର କରିବାର ଲକ୍ଷ୍ୟ ରଖିଥିଲା କି ବୋଲି କହିଛନ୍ତି । ଭାରତ ଆୟାର୍ଲାଣ୍ଡ ବିପକ୍ଷ ପରାଜୟରୁ ଅନେକ ଶିକ୍ଷା ଲାଭ କରିଛି । ଏଣୁ ଇଂଲଣ୍ଡ ବିପକ୍ଷ ମୁକାବିଲାରେ ଆତ୍ମବିଶ୍ୱାସର ସହ ମଇଦାନକୁ ଓହ୍ଲାଇଥିଲା ବୋଲି କାର୍ତିକ କ୍ରିକବଜ ସହ ଆଲୋଚନା ସମୟରେ ପ୍ରକାଶ କରିଛନ୍ତି ।

ପ୍ରିକ୍ୱାର୍ଟରରେ ଆମେରିକା: ବୋସନିଆକୁ ୨-୦ରେ ହରାଇଲା

ସାନ୍ତା କ୍ଲାରା୦୨/୭(ନ୍ୟୁ.ଏ): ସହଆୟୋଜକ ଆମେରିକା ଚଳିତ ଫିଫା ବିଶ୍ୱକପ୍‌ର ପ୍ରିକ୍ୱାର୍ଟରଫାଇନାଲ୍‌ରେ ସ୍ଥାନ ପକ୍କା କରିନେଇଛି । ସ୍ଥାନୀୟ ସାନ୍ ଫ୍ରାନ୍‌ସିସ୍କୋ ବେ ଏରିଆ ଷ୍ଟାଡିୟମ୍‌ରେ ଗୁରୁବାର ଖେଳାଯାଇଥିବା ରାଉଣ୍ଡ-୩୨ ମୁକାବିଲାରେ ଏହି ଘରୋଇ ଦଳ ୨-୦ ଗୋଲ୍‌ରେ ବୋସନିଆ ଓ ହର୍ଜେଗୋଭିନାକୁ ପରାସ୍ତ କରିଛି । ଆମେରିକା ୭ ତାରିଖ ପ୍ରିକ୍ୱାର୍ଟରଫାଇନାଲ୍‌ରେ ବେଲଜିୟମ୍‌କୁ ଭେଟିବ । କଡ଼ା ସଂଘର୍ଷପୂର୍ଣ୍ଣ ଏହି ମ୍ୟାଚର ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ଭାବେ ଶେଷ ହେବାକୁ ଯାଉଥିଲା ବେଳେ ଫୋଲାରିନ୍ ବାଲୋଗନ୍‌ଙ୍କ ଗୋଲ୍‌ରେ ଆମେରିକାଆଗୁଆ ହୋଇଯାଇଥିଲା । ତେବେ ଦ୍ୱିତୀୟାର୍ଦ୍ଧରେ ଆମେରିକାକୁ ବଡ଼ ଝଟ୍‌କା ଲାଗିଥିଲା ।

ଗୋଲ୍ କରିଥିବା ବାଲୋଗନ୍ ୬୪ତମ ମିନିଟ୍‌ରେ ବୋସନିଆର ତାରିକ ମୁହାରେମୋଭିକ୍‌ଙ୍କୁ ବିପଦପୂର୍ଣ୍ଣ ଫାଉଲ୍ ମାରି ରେଡ୍‌କାର୍ଡ ପାଇ ପଡ଼ିଆ ଛାଡ଼ିଥିଲେ । ଫିଫା ବିଶ୍ୱକପ୍‌ରେ ଗୋଲ୍ ଦେବା ପରେ ରେଡକାର୍ଡ ପାଇବାରେ ସେ ଜିନେଡିନ୍ ଜିଦାନ (୨୦୦୬) ପରେ ପ୍ରଥମ ଖେଳାଳି ହୋଇଥିଲେ । ସେ ପଡ଼ିଆ ଛାଡ଼ିବା ପରେ ଘରୋଇ ଦଳ ୧୦ ଜଣକୁ ନେଇ ଖେଳିଥିଲା । ଏହାର ଫାଇଦା ଉଠାଇବାକୁ ବୋସନିଆ ବହୁଚେଷ୍ଟା କରିଥିଲେ ମଧ୍ୟ ଆମେରିକାର ରକ୍ଷଣଭାଗ ଭେଦ କରିପାରି ନଥିଲା । କିନ୍ତୁ ୮୨ତମ ମିନିଟ୍‌ରେ ଆମେରିକା ଫ୍ରି କିକ୍ ଅର୍ଜନ କରିନେଇଥିଲା । ଏହାକୁ ମଲିକ ଟିଲମାନ ସିଧା ବୋସନିଆ ଗୋଲ୍ ପୋଷ୍ଟକୁ ପଠାଇ ଦଳକୁ ୨-୦ରେ ବିଜୟ ଭେଟି ଦେଇଥିଲେ । ଏଥିସହ ଆମେରିକା ୨୦୦୨ ପରେ ପ୍ରଥମ ଥର ନକ୍‌ଆଉଟ୍‌ରେବିଜୟୀ ହୋଇଥିଲା ।

ମହୁଆଙ୍କୁ ଅଣ୍ଡାମାଡ଼ ଦାବିକୁ ବିଜେପିର ପ୍ରତ୍ୟାଖ୍ୟାନ

କୋଲକାତା୦୨/୭(ନ୍ୟୁ.ଏ): ତୃଣମୂଳ କଂଗ୍ରେସସାଂସଦ ମହୁଆ ମଇତ୍ରଙ୍କ ନଦିଆ ଜିଲ୍ଲା ସ୍ଥିତ ପାର୍ଟି ଅଫିସ୍‌ରେ ଗତକାଲି ଅଣ୍ଡାମାଡ଼ ହୋଇଥିଲା । ମହୁଆ ମଇତ୍ର ଏହି ଘଟଣାର ଭିଡିଓ ମଧ୍ୟ ଏକ୍ସରେ ସେୟାର କରିଥିଲେ । କିନ୍ତୁ ବିଜେପି ମହୁଆଙ୍କର ଏହି ଦାବିକୁ ପ୍ରତ୍ୟାଖ୍ୟାନ କରିଛି । ବିଜେପି ସଭାପତି ସମିକ ଭଟ୍ଟାଚାର୍ଯ୍ୟ କହିଛନ୍ତି, ତୃଣମୂଳ କଂଗ୍ରେସ ଦଳରେ ଅନ୍ତଃକଳହ ପାଇଁ ଏଭଳି ଘଟଣା ଘଟିଛି । ଭଟ୍ଟାଚାର୍ଯ୍ୟ କହିଛନ୍ତି, ଅଣ୍ଡା ମାଡ଼ ବନ୍ଦ ହେବା ଉଚିତ ଏବଂ ଘରେ ବସିଥିବା ଟିଏମ୍‌ସି ନେତ୍ରୀ ବାହାରକୁ ଆସି କାମ କରିବା ଉଚିତ । ଭଟ୍ଟାଚାର୍ଯ୍ୟ ଆଜି ଏକ ଏଆଇ ପ୍ଲାଟଫର୍ମର ଉଦ୍‌ଘାଟନୀ ଉତ୍ସବ ଅବସରରେ ଏହି ଟିପ୍ପଣୀ ଦେଇଛନ୍ତି । ଉଲ୍ଲେଖଯୋଗ୍ୟ ମହୁଆ ମଇତ୍ର ସୋସିଆଲ ମିଡିଆରେ ଏକ ଭିଡିଓ ସେୟାର କରି ଦାବି କରିଥିଲେ ଯେ କିଛି ବ୍ୟକ୍ତି ତାଙ୍କ ଅଫିସ୍‌କୁ ଅଣ୍ଡାମାଡ଼ କରିଥିବାବେଳେ ପଶ୍ଚିମବଙ୍ଗ ପୁଲିସ ନିରବଦ୍ରଷ୍ଟା ସାଜିଥିଲା । ମଇତ୍ର କହିଛନ୍ତି ସେ ଡିଜିପି ଏବଂ ବରିଷ୍ଠ ପୁଲିସ ଅଧିକାରୀଙ୍କୁ ଅବଗତ କରାଇବା ସତ୍ତ୍ୱେ ତାଙ୍କ ନିଜ ନିର୍ବାଚନମଣ୍ଡଳୀରେ ତାଙ୍କ ଉପରେ ଆକ୍ରମଣ ହୋଇଛି । ତାଙ୍କ ଅଫିସ୍‌କୁ ଅଣ୍ଡା , ପନିପରିବା ଏବଂ ଅନ୍ୟାନ୍ୟ ସାମଗ୍ରୀ ମାଡ଼ କରାଯାଇଛି ବୋଲି ସେ ଅଭିଯୋଗ କରିଛନ୍ତି । ଇତି ମଧ୍ୟରେ ତୃଣମୂଳ ସାଧାରଣ ସମ୍ପାଦକ ଅଭିଷେକ ବାନାର୍ଜୀ ଅଣ୍ଡାମାଡ଼ ଘଟଣାକୁ ନିନ୍ଦା କରିଛନ୍ତି । ଏକ୍ସରେ ଏକ ପୋଷ୍ଟ କରି ସେ କହିଛନ୍ତି, ' ସାଂସଦ ମହୁଆ ମଇତ୍ରଙ୍କ ଉପରେ ହୋଇଥିବା ଆକ୍ରମଣକୁ ମୁଁ କଡ଼ା ନିନ୍ଦା କରୁଛି । ଉପଯୁକ୍ତ ସୁରକ୍ଷା ସୁନିଶ୍ଚିତ କରାଇବାପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ପଶ୍ଚିମବଙ୍ଗ ପୁଲିସର ଏହି ନିରବତା ଅତି ସାଂଘାତିକ ପ୍ରଶ୍ନ ଉଠାଉଛି ବୋଲି ସେ କହିଛନ୍ତି ।

ରୁଷ ଆକ୍ରମଣରେ ଦୋହଲିଲା ୟୁକ୍ରେନର କିଭ୍ ସହର

ନୂଆଦିଲ୍ଲୀ୦୨/୭(ନ୍ୟୁ.ଏ): ବୁଧବାର ବିଳମ୍ବିତ ରାତିରେ ରୁଷ ୟୁକ୍ରେନର ରାଜଧାନୀରେ ଏକ ବଡ଼ କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍ ଆକ୍ରମଣ କରିଥିଲା । ଏହା ଫଳରେ କିଭ୍ରୁ କିଛି ଘଂଟା ପର୍ଯ୍ୟନ୍ତ ପ୍ରଚଣ୍ଡ ବିସ୍ଫୋରଣ ହୋଇଥିଲା । କିଭ୍ର ସାମରିକ ପ୍ରଶାସନ ମୁଖ୍ୟ ତୈମୁର ତକାଚେଙ୍କୋ କହିଛନ୍ତି ଯେ, ଆକ୍ରମଣରେ ଆବାସିକ କୋଠା କ୍ଷତିଗ୍ରସ୍ତ ହୋଇଛି, ୮ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ଅନେକ ଆହତ ହୋଇଛନ୍ତି । ମେୟର ଭିଟାଲି କ୍ଲିଟ୍ସକୋ କହିଛନ୍ତି ଯେ ଅତି କମରେ ୧୧ ଜଣ ଆହତ ହୋଇଛନ୍ତି । ବାଲିଷ୍ଟିକ୍ ଏବଂ କ୍ରୁଜ୍ କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍ ସହିତ ହୋଇଥିବା ଏହି ଆକ୍ରମଣ, ଡନିପ୍ରୋ ନଦୀର ଉଭୟ କୂଳରେ ଅବସ୍ଥିତ ସହରର ସମସ୍ତ ୧୦ଟି ଜିଲ୍ଲାକୁ ପ୍ରଭାବିତ କରିଛି । ୟୁକ୍ରେନର ରାଷ୍ଟ୍ରପତି ଭୋଲୋଡିମିର୍ ଜେଲେନ୍‌ସ୍କି ଏବଂ ଅନ୍ୟ ଅଧିକାରୀ ମାନେ ଆକ୍ରମଣର ପ୍ରଥମ ଚେତାବନୀ ଜାରି କରିବା ପରେ ଅନେକ ବାସିନ୍ଦା ମେଟ୍ରୋ ଷ୍ଟେସନ୍‌ରେ ଆଶ୍ରୟ ନେଇଥିଲେ । ରୁଷ ସାମ୍ପ୍ରତିକ ସପ୍ତାହ ଗୁଡ଼ିକରେ କିଭ୍ ଉପରେ ଆକ୍ରମଣକୁ ତୀବ୍ର କରିଛି । ଏହି ସମୟରେ, ରୁଷ ସାମରିକ ସ୍ଥାନ ଏବଂ ଶକ୍ତି ସୁବିଧା ବିରୁଦ୍ଧରେ ୟୁକ୍ରେନର ଦୀର୍ଘ ଦୂରଗାମୀ ଡ୍ରୋନ୍ ଆକ୍ରମଣ ରୁଷ ଭିତରେ ଇନ୍ଧନ ଅଭାବ ସୃଷ୍ଟି କରିଛି ଏବଂ ଯୋଗାଣ ଶୃଙ୍ଖଳାକୁ ବାଧା ଦେଉଛି । କ୍ଲିଟ୍ସକୋ ବାସିନ୍ଦାଙ୍କୁ ଆଶ୍ରୟସ୍ଥଳରେ ରହିବାକୁ ଅନୁରୋଧ କରିଛନ୍ତି ।

ଶ୍ରୀଲଙ୍କା ଗସ୍ତରେ ଯିବ ଭାରତୀୟ ଟିମ୍

ନୂଆଦିଲ୍ଲୀ୦୨/୭(ନ୍ୟୁ.ଏ): ଭାରତୀୟ ପୁରୁଷ କ୍ରିକେଟ୍ ଟିମ୍ ଆସନ୍ତା ଅଗଷ୍ଟ ମାସରେ ଏକ ଟେଷ୍ଟ ଶୃଙ୍ଖଳା ପାଇଁ ଶ୍ରୀଲଙ୍କା ଗସ୍ତ କରିବ । ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ) ଗୁରୁବାର ଏହି ଶୃଙ୍ଖଳାର କାର୍ଯ୍ୟସୂଚୀ ଘୋଷଣା କରିଛି । ୨୦୨୨ ପରେ ଏହା ଶ୍ରୀଲଙ୍କା ବିପକ୍ଷରେ ଭାରତର ପ୍ରଥମ ଟେଷ୍ଟ ଏବଂ ୨୦୧୭ ପରେ ଶ୍ରୀଲଙ୍କା ଗସ୍ତରେ ପ୍ରଥମ ରେଡ୍-ବଲ୍ ମ୍ୟାଚ୍ ହେବ । ବିସିସିଆଇ ପକ୍ଷରୁ କୁହାଯାଇଛି ଯେ, ଏହି ଶୃଙ୍ଖଳାରେ ଦୁଇଟି ଟେଷ୍ଟ ମ୍ୟାଚ୍ ଖେଳାଯିବ । ପ୍ରଥମ ମ୍ୟାଚ୍ ଅଗଷ୍ଟ ୧୫ରୁ ୧୯ ତାରିଖ ପର୍ଯ୍ୟନ୍ତ ଗାଲେରେ ଖେଳାଯିବ । ଦ୍ୱିତୀୟ ତଥା ଅନ୍ତିମ ଟେଷ୍ଟ ଅଗଷ୍ଟ ୨୩ରୁ ୨୭ ତାରିଖ ପର୍ଯ୍ୟନ୍ତ କଲମ୍ବୋରେ ଅନୁଷ୍ଠିତ ହେବ । ଉଭୟ ଟେଷ୍ଟ ସକାଳ ୧୦ଟାରେ ଆରମ୍ଭ ହେବ । ସିନିୟର ଭାରତୀୟ ଦଳର ଗସ୍ତ ପୂର୍ବରୁ, 'ଏ' ଦଳ ଦୁଇଟି ପ୍ରଥମ ଶ୍ରେଣୀ ମ୍ୟାଚ୍ ପାଇଁ ଶ୍ରୀଲଙ୍କାରେ ଅଛି । ପ୍ରଥମ ମ୍ୟାଚ୍ ଡ୍ରରେ ଶେଷ ହୋଇଥିଲା । ଦ୍ୱିତୀୟ ମ୍ୟାଚ୍ ଗାଲେରେ ଖେଳାଯାଉଛି । ଉଲ୍ଲେଖଯୋଗ୍ୟ ଯେ ଚଳିତ ବର୍ଷ ଆରମ୍ଭରେ ଶ୍ରୀଲଙ୍କା କ୍ରିକେଟ୍ ଟେଷ୍ଟ ସିରିଜ ସହିତ ଗସ୍ତରେ ତିନୋଟି ଟି୨୦ ମ୍ୟାଚ୍ ଯୋଡ଼ିବାକୁ ଅନୁରୋଧ କରିଥିଲା । ରିପୋର୍ଟ ଅନୁଯାୟୀ ଶ୍ରୀଲଙ୍କାକୁ ଘୂର୍ଣ୍ଣିଝଡ଼ ଡେଟୱା ଦ୍ୱାରା ପ୍ରଭାବିତ ଲୋକଙ୍କ ପାଇଁ ପାଣ୍ଠି ସଂଗ୍ରହ କରିବାରେ ସାହାଯ୍ୟ କରିବା ପାଇଁ ଏହି ଅନୁରୋଧକୁ ପ୍ରାରମ୍ଭରେ ଏକ ଭଲ ପଦକ୍ଷେପ ଭାବରେ ଗ୍ରହଣ କରାଯାଇଥିଲା । ଭାରତର ଅନ୍ତର୍ଜାତୀୟ କ୍ୟାଲେଣ୍ଡରକୁ ବିଚାର କରି ବିସିସିଆଇ ଟି-୨୦ ସିରିଜକୁ ଅନ୍ତର୍ଭୁକ୍ତ କରିନଥିଲା ।

ଦୋହାରେ ଆମେରିକା-ଇରାନ ପରୋକ୍ଷ ଆଲୋଚନାରେ 'ସକାରାତ୍ମକ ଅଗ୍ରଗତି'

ନୂଆଦିଲ୍ଲୀ୦୨/୭(ନ୍ୟୁ.ଏ): କତରର ରାଜଧାନୀ ଦୋହାରେ ଆମେରିକା ଓ ଇରାନ ମଧ୍ୟରେ ହୋଇଥିବା ପରୋକ୍ଷ ଆଲୋଚନାରେ 'ସକାରାତ୍ମକ ଅଗ୍ରଗତି' ହୋଇଥିବା ମଧ୍ୟସ୍ଥିମାନେ ସୂଚନା ଦେଇଛନ୍ତି । ଉଭୟ ଦେଶର ପ୍ରତିନିଧିମାନେ ମୁହାଁମୁହିଁ ବସିନଥିଲେ ମଧ୍ୟ କତରର ମଧ୍ୟସ୍ଥତାରେ ସନ୍ଦେଶ ଆଦାନ-ପ୍ରଦାନ ମାଧ୍ୟମରେ ଆଲୋଚନା ଆଗକୁ ବଢ଼ିଥିଲା । ମଧ୍ୟସ୍ଥମାନଙ୍କ କହିବା ଅନୁସାରେ, ଆଲୋଚନା ଗଠନମୂଳକ ଥିଲା ଏବଂ କିଛି ମୁଖ୍ୟ ପ୍ରସଙ୍ଗରେ ଦୁଇ ପକ୍ଷ ପୂର୍ବ ତୁଳନାରେ ଅଧିକ ନିକଟତର ହୋଇଥିବା ସଙ୍କେତ ମିଳିଛି । ସୂତ୍ର ଅନୁସାରେ, ଏହି ଆଲୋଚନାରେ ଇରାନର ପରମାଣୁ କାର୍ଯ୍ୟକ୍ରମ, ଆମେରିକୀୟ ପ୍ରତିବନ୍ଧକ, ଆଂଚଳିକ ସୁରକ୍ଷା ଓ ବନ୍ଦୀ ବିନିମୟ ଭଳି ବିଷୟ ଉପରେ ଆଲୋଚନା ହୋଇଛି । ଉଭୟ ପକ୍ଷ ନିଜ ନିଜ ସ୍ଥିତି ସ୍ପଷ୍ଟ କରିଥିଲେ ମଧ୍ୟ ସଂଳାପ ଜାରି ରଖିବା ପ୍ରତି ଆଗ୍ରହ ଦେଖାଇଥିବା କୁହାଯାଇଛି । ମଧ୍ୟସ୍ଥମାନେ କହିଛନ୍ତି ଯେ, ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲ୍ଲୀ ଖେମିନିଙ୍କ ଅନ୍ତ୍ୟେଷ୍ଟି କାର୍ଯ୍ୟକ୍ରମ ଶେଷ ହେବା ପରେ ପରବର୍ତ୍ତୀ ପର୍ଯ୍ୟାୟ ଆଲୋଚନା ହେବ । ସେଥିପାଇଁ ଆସନ୍ତା କିଛି ଦିନ ମଧ୍ୟରେ ନୂଆ ତାରିଖ ଘୋଷଣା ହେବାର ସମ୍ଭାବନା ରହିଛି । କତର ଉଭୟ ପକ୍ଷ ସହ ନିୟମିତ ଯୋଗାଯୋଗରେ ରହିଥିବା ବେଳେ ଆଲୋଚନାକୁ ଅବ୍ୟାହତ ରଖିବା ପାଇଁ ପ୍ରୟାସ ଜାରି ରଖିଛି । ଆମେରିକା ପକ୍ଷରୁ କୁହାଯାଇଛି ଯେ, ଇରାନର ପରମାଣୁ କାର୍ଯ୍ୟକଳାପ ଉପରେ ସ୍ପଷ୍ଟ ଓ ଯାଂଚଯୋଗ୍ୟ ସୀମାବଦ୍ଧତା ଆବଶ୍ୟକ । ଅନ୍ୟପକ୍ଷରେ, ଇରାନ ଦୀର୍ଘଦିନ ଧରି ଲାଗୁ ରହିଥିବା ଆମେରିକୀୟ ଆର୍ଥିକ ପ୍ରତିବନ୍ଧକ ହଟାଇବାକୁ ଗୁରୁତ୍ୱ ଦେଇଆସୁଛି । ତେବେ ମଧ୍ୟସ୍ଥମାନଙ୍କ ମତରେ, ଏଥର ଆଲୋଚନାରେ ଉଭୟ ପକ୍ଷ ପରସ୍ପରର ଚିନ୍ତାକୁ ଅଧିକ ଧ୍ୟାନର ସହ ଶୁଣିଥିବାରୁ ଭବିଷ୍ୟତରେ ଚୁକ୍ତି ପାଇଁ ଏକ ଆଧାର ସୃଷ୍ଟି ହୋଇପାରେ ।

ଜାତିସଂଘରେ ଆତଙ୍କବାଦ ବିରୋଧରେ ମିଳିତ କାର୍ଯ୍ୟାନୁଷ୍ଠାନ ପାଇଁ ଭାରତର ଆହ୍ୱାନ

ନୂଆଦିଲ୍ଲୀ୦୨/୭(ନ୍ୟୁ.ଏ): ଜାତିସଂଘରେ ଆତଙ୍କବାଦ ପ୍ରସଙ୍ଗ ଉଠାଇ ଭାରତ କହିଛି, ଆତଙ୍କବାଦୀଙ୍କୁ ଭଲ ଓ ଖରାପ ଭାବରେ ବିଭାଜନ କରାଯାଇପାରିବ ନାହିଁ । 'ଆତଙ୍କବାଦୀ ମାନେ ଆତଙ୍କବାଦୀ' ବୋଲି ଦୃଢ଼ତାର ସହ କହି ଭାରତ ସମସ୍ତ ଦେଶକୁ ଆତଙ୍କବାଦ ବିରୋଧରେ ଏକଜୁଟ ହୋଇ କଠୋର ପଦକ୍ଷେପ ନେବାକୁ ଆହ୍ୱାନ ଜଣାଇଛି । ଭାରତ କହିଛି, କୌଣସି ରାଜନୈତିକ, ଧାର୍ମିକ କିମ୍ବା ଅନ୍ୟ କୌଣସି କାରଣ ଦେଖାଇ ଆତଙ୍କବାଦକୁ ସମର୍ଥନ କିମ୍ବା ଯୁକ୍ତିଯୁକ୍ତ କରିହେବ ନାହିଁ । ଜାତିସଂଘରେ ଭାରତର ସ୍ଥାୟୀ ପ୍ରତିନିଧି ହରିଶ ପର୍ବତାନେନି ଏହି ପ୍ରସଙ୍ଗରେ କହିଥିଲେ ଯେ, ଆତଙ୍କବାଦ ବିଶ୍ୱ ଶାନ୍ତି, ସୁରକ୍ଷା ଓ ସ୍ଥିରତା ପାଇଁ ସବୁଠାରୁ ବଡ଼ ବିପଦ । ଏହାକୁ ମୁକାବିଲା କରିବା ପାଇଁ ସମସ୍ତ ଦେଶ ଏକ ସମାନ ନୀତି ଆପଣାଇବା ଆବଶ୍ୟକ । କୌଣସି ଆତଙ୍କବାଦୀ ସଂଗଠନ କିମ୍ବା ବ୍ୟକ୍ତିଙ୍କ ପ୍ରତି ଦ୍ୱୈତ ମାନଦଣ୍ଡ ଅବଲମ୍ବନ କରାଗଲେ ବିଶ୍ୱସ୍ତରରେ ଆତଙ୍କବାଦ ବିରୋଧୀ ଲଢ଼େଇ ଦୁର୍ବଳ ହୋଇଯିବ । ଭାରତଆହୁରି କହିଛି ଯେ, ଆତଙ୍କବାଦୀଙ୍କୁ ଆଶ୍ରୟ ଦେବା, ପ୍ରଶିକ୍ଷଣ ଦେବା, ଅର୍ଥ ଯୋଗାଇବା କିମ୍ବା ସେମାନଙ୍କୁ ରାଜନୈତିକ ସୁରକ୍ଷା ଦେବା ଭଳି କାର୍ଯ୍ୟକଳାପକୁ ବନ୍ଦ କରିବା ଦରକାର । ଯେଉଁ ଦେଶ ନିଜ ଭୂମିକୁ ଆତଙ୍କବାଦୀ କାର୍ଯ୍ୟକଳାପ ପାଇଁ ବ୍ୟବହାର କରିବାକୁ ଦେଉଛନ୍ତି, ସେମାନଙ୍କୁ ମଧ୍ୟ ଦାୟୀ କରାଯିବା ଉଚିତ । ଆତଙ୍କବାଦର ମୂଳୋତ୍ପାଟନ ପାଇଁ ଆନ୍ତର୍ଜାତିକ ସହଯୋଗ, ଗୁଇନ୍ଦା ସୂଚନା ଆଦାନ-ପ୍ରଦାନ ଓ ଆର୍ଥିକ ନେଟୱର୍କ ଉପରେ କଡ଼ା ନଜରଦାରି ଜରୁରି ବୋଲି ଭାରତ ମତ ରଖିଛି । ଭାରତ ଦୀର୍ଘ ଦିନ ଧରି ଜାତିସଂଘରେ ସମ୍ପୂର୍ଣ୍ଣ ଆନ୍ତର୍ଜାତିକ ଆତଙ୍କବାଦ ବିରୋଧୀ ସମ୍ମିଳନୀକୁ ଶୀଘ୍ର ଅନୁମୋଦନ କରିବା ପାଇଁ ଦାବି କରିଆସୁଛି । ଭାରତ ମତରେ, ଏହି ସମ୍ମିଳନୀ କାର୍ଯ୍ୟକାରୀ ହେଲେ ଆତଙ୍କବାଦର ସ୍ପଷ୍ଟ ସଂଜ୍ଞା ନିର୍ଦ୍ଧାରଣ ସହ ଆନ୍ତର୍ଜାତିକ ସ୍ତରରେ ସମନ୍ୱିତ କାର୍ଯ୍ୟାନୁଷ୍ଠାନ ସହଜ ହେବ । ଜାତିସଂଘରେ ଭାରତର ଏହି ବକ୍ତବ୍ୟକୁ ବିଶ୍ୱସ୍ତରରେ ଆତଙ୍କବାଦ ବିରୋଧରେ ଦୃଢ଼ ଓ ସମନ୍ୱିତ ନୀତି ପାଇଁ ପୁଣିଥରେ ଏକ ସ୍ପଷ୍ଟ ବାର୍ତ୍ତା ଭାବେ ଦେଖାଯାଉଛି ।

ବେଙ୍ଗାଲୁରୁରେ ଇସ୍ରୋ ମୁଖ୍ୟାଳୟକୁ ବୋମା ଧମକ

ବେଙ୍ଗାଲୁରୁ୦୨/୭(ନ୍ୟୁ.ଏ): ବେଙ୍ଗାଲୁରୁରେ ଆଜି ଇସ୍ରୋ (ଭାରତୀୟ ମହାକାଶ ଗବେଷଣା ଅନୁଷ୍ଠାନ)କୁ ବୋମା ଧମକ ମିଳିଛି । ପୁଲିସ ଅନୁଯାୟୀ ଇସ୍ରୋ ଅଧ୍ୟକ୍ଷ ଡ. ଭି ନାରାୟଣନଙ୍କ ପାଖକୁ ଏହି ଧମକପୂର୍ଣ୍ଣ ଇମେଲ୍ ଆସିବାପରେ ତୁରନ୍ତ ଉକ୍ତ ଘଟଣାର ତଦନ୍ତ ଆରମ୍ଭ ହୋଇଛି । ବୋମା ନିଷ୍କ୍ରିୟକାରୀ ଦଳ ସହ ପୁଲିସ ଟିମ୍ ଘଟଣାସ୍ଥଳରେ ପହଂଚି ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରିଛନ୍ତି ଏବଂ ପରିସରକୁ ଭଲଭାବେ ଯାଂଚ କରିଛନ୍ତି । କିନ୍ତୁ କୌଣସି ବିସ୍ଫୋରକ ସାମଗ୍ରୀ ମିଳିନାହିଁ । ତେବେ କିଏ ଏହି ଇମେଲ୍ ପଠାଇଥିଲା ଏବଂ ତା'ର ଉଦ୍ଦେଶ୍ୟ କ'ଣ ଜାଣିବାପାଇଁ ଏକାଧିକ ପୁଲିସ ଟିମ୍ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି । ତେବେ ଦେଶ ବାହାରୁ ଏହି ଇମେଲଟି ଆସିଛି କି ନା' ସେନେଇ ମଧ୍ୟ କର୍ତ୍ତୃପକ୍ଷମାନେ ପରୀକ୍ଷା ନିରୀକ୍ଷା ଆରମ୍ଭ କରିଦେଇଛନ୍ତି । ତେବେ ଏହା ପ୍ରଥମ ଘଟଣା ନୁହେଁ । ଗତବର୍ଷ ମଧ୍ୟ ଡିପିଏସ୍ ଦ୍ୱାରକା, କ୍ରାଇଷ୍ଟ ମଡେଲ ସ୍କୁଲ୍ ଏବଂ ସର୍ବୋଦୟ ବିଦ୍ୟାଳୟ ସମେତ ଦିଲ୍ଲୀର ଏକାଧିକ ସ୍କୁଲକୁ ଏହି ସମାନ ଢଙ୍ଗରେ ବୋମା ଧମକ ମିଳିଥିଲା । ଇସ୍ରୋକୁ ବୋମା ଧମକ ମିଳିବା ଘଟଣାରେ ଅଧିକ ତଦନ୍ତ ଜାରି ରହିଛି ।

ଜାପାନ ପ୍ରଧାନମନ୍ତ୍ରୀଙ୍କୁ ସାନ ଭଉଣୀ କହିଲେ ପିଏମ୍ ମୋଦି

ନୂଆଦିଲ୍ଲୀ୦୨/୭(ନ୍ୟୁ.ଏ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଜାପାନର ପ୍ରଧାନମନ୍ତ୍ରୀ ସନାଏ ତାକାଇଚି ଦିଲ୍ଲୀର ହାଇଦ୍ରାବାଦ ହାଉସରେ ଭାରତ-ଜାପାନ ବାର୍ଷିକ ସମ୍ମିଳନୀରେ ଯୋଗ ଦେଇଥିଲେ । ଏହାପରେ ମିଳିତ ପ୍ରେସ ବାର୍ତ୍ତାରେ ଦୁଇ ଦେଶର ପ୍ରଧାନମନ୍ତ୍ରୀ ପାର୍ଟନସିପ୍ ?କୁ ଆହୁରି ସୁଦୃଢ କରିବାର ସଂକଳ୍ପ ନେଇଛନ୍ତି । ଏହି ସମୟରେ ପିଏମ୍ ମୋଦି ଜାପାନ ପ୍ରଧାନମନ୍ତ୍ରୀ ତାକାଇଚିଙ୍କୁ ନିଜର ସାନ ଭଉଣୀ ବୋଲି କହି ସମ୍ବୋଧିତ କରିଥିଲେ । ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ, ଜାପାନର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ତାକାଇଚି ଜଣେ ଦୂରଦର୍ଶୀ ଓ ଲୋକପ୍ରିୟ ନେତା । ପ୍ରଧାନମନ୍ତ୍ରୀ ତାକାଇଚି ଓ ମୋର ବିଶ୍ୱାସ ଯେ ଟେକ୍ନୋଲୋଜି ପାର୍ଟନରସିପ୍ ଆମର ସହଯୋଗକୁ ସବୁଠାରୁ ମଜବୁତ ସ୍ତମ୍ଭ ପାଲଟିବ । ଏହି ଭିଜନକୁ ସାକାର କରିବା ପାଇଁ ଆଜି ଏଆଇ କ୍ଷେତ୍ରରେ ଆମେ ଏକ ଜଏଂଟ ଷ୍ଟେଟମେଂଟ ଜାରି କରିଛୁ । ପ୍ରଧାନମନ୍ତ୍ରୀ ମୋଦି ଆହୁରି କହିଛନ୍ତି ଯେ, ତାକାଇଚି ନାରା ପ୍ରିଫେକଚରରୁ ଆସନ୍ତି, ଯାହା ମିଳିତ ବୌଦ୍ଧିକ ଐତିହାସର କେନ୍ଦ୍ର । ଜି-୭ ରେ ମୁଁ କହିଥିଲି ଅସ୍ଥିରତା ଭିତରେ ଏହା ଏକ ବିଶ୍ୱ ସ୍ତରୀୟ ରଣନୀତି । ଭାରତ-ଜାପାନକୁ ମିଳିତ ଉଦ୍ୟମ ସଫଳ ହୋଇଛି । ଗତ କିଛି ଦଶନ୍ଧିରେ ଅଟୋମେଟିଭରୁ ନେଇ ଇଲେକ୍ଟ୍ରୋନିକ୍ସ ପର୍ଯ୍ୟନ୍ତ ଜାପାନର ଗ୍ରୋଥ ଷ୍ଟୋରୀ ଗୁରୁତ୍ୱପୂର୍ଣ୍ଣ ପାର୍ଟନର ହୋଇ ରହିଛି । ଦୋସ୍ତି ଓ ବିଶ୍ୱାସର ଏକ ଅମୂଲ୍ୟ ପୁଞ୍ଜି ପାଲଟିଛି । ଆଜି ତାକାଇଚିଙ୍କ ଯାତ୍ରା ଆମକୁ ସ୍ପେଶାଲ ଷ୍ଟ୍ରାଟେଜିକ୍ ଆଣ୍ଡ ଗ୍ଲୋବାଲ ପାର୍ଟନରସିପ୍ ପାଇଁ ନୂଆ ଅଧ୍ୟାୟର ଆରମ୍ଭ କରୁଛି । ଏହା ପୂର୍ବରୁ ଗୁରୁବାର ନୂଆଦିଲ୍ଲୀର ହାଇଦ୍ରାବାଦ ହାଉସରେ ମୋଦି ଓ ତାକାଇଚିଙ୍କ ଭିତରେ ଦ୍ୱିପାକ୍ଷିକ ବୈଠକ ହୋଇଥିଲା । ଏହି ବୈଠକରେ ଭାରତ ଓ ଜାପାନର ନିବେଶ ନିରନ୍ତର ସୁଦୃଢ ହେଉଛି ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ଦୁଇ ନେତା ଫାର୍ମା, ନିବେଶ, ପ୍ରତିରକ୍ଷା, ସେମିକଣ୍ଡକ୍ଟର, କ୍ରିଟିକାଲ ମିନେରାଲ୍ସ , ସପ୍ଲାଇ ଚେନ୍, ସାମୁଦ୍ରିକ ସୁରକ୍ଷା ଏବଂ ଆଂଚଳିକ ଏବଂ ବିଶ୍ୱସ୍ତରୀୟ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ । ଏହି ବୈଠକ ୧୬ତମ ଭାରତ-ଜାପାନ ବାର୍ଷିକ ଶିଖର ସମ୍ମିଳନୀର ଏକ ଅଂଶ ଥିଲା । ଏହା ପୂର୍ବରୁ ରାଷ୍ଟ୍ରପତି ଭବନରେ ତାକାଇଚିଙ୍କୁ ଆନୁଷ୍ଠାନିକ ସ୍ୱାଗତ ଏବଂ ଗାର୍ଡ ଅଫ୍ ଅନର ଦିଆଯାଇଥିଲା ।



Printer & Publisher Deepak Kumar Das, Printed at Omkar Offset, Nayabazar, Balasore-1, Odisha, Published from Hyphen Publication, Nayabazar, Balasore-1, Odisha.
Phone & Fax : 06782-266998, Mobile : 9438600886, E-mail : seithuarambha@gmail.com
ସମ୍ପାଦକ : ଶୁଭେନ୍ଦୁ ଦାସ
Editor : Subhendu Das